Daily Edition:
RNI No.ODIODI/2010/33791

ଶୁକ୍ରବାର, ୨ ଫେବୃଆରୀ ୨୦୧୮
ଭାଗ ୮ ସଂଖ୍ୟା ୧୭୦

Friday, 2 February 2018
Volume VIII, Issue No 170

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ମକର ୨୦ ; ଫାଲଗୁନ , କୃଷ୍ଣପକ୍ଷ ୨ୟା
୧୯୩୯ ଶକାବ୍ଦ,୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

ସତ୍ୟ ପଥ ଧାମକି

ଶ୍ରୁତି
SRUTI

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର

## ପେଟ୍ରୋଲିୟମଜାତ ପଦାର୍ଥ ଉପରେ ଉତ୍ପାଦ ଶୁଳ୍କ ୨ଟଙ୍କା ହ୍ରାସ

ନୂଆଦିଲ୍ଲୀ ,୧/୨(ଏଜେନ୍ସି) : ଗୁରୁବାର କେନ୍ଦ୍ର ସରକାର ପେଟ୍ରୋଲିୟମଜାତ ପଦାର୍ଥ ଉପରେ ଉତ୍ପାଦ ଶୁଳ୍କ ୨ଟଙ୍କା ହ୍ରାସ କରିଛନ୍ତି । ଫଳରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ହ୍ରାସ ପାଇଛି । ଗତ ସପ୍ତାହରେ ଏଗୁଡିକର ମୂଲ୍ୟ ୪ବର୍ଷ ମଧ୍ୟରେ ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚିଯାଇଥିଲା । ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଦର ବୃଦ୍ଧିକୁ ଦେଖି କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି ।

**ପ୍ରସଙ୍ଗ** Email : srutimedia@gmail.com

କେନ୍ଦ୍ର ବଜେଟରେ ୨୦୧୯ ନିର୍ବାଚନ ପାଇଁ ପ୍ରସ୍ତୁତି ଥିବା ବାରି ହେଉଛି କି ?

୧/୨ ତଥ୍ୟ

ବଜେଟରେ ସାଧାରଣ ଲୋକଙ୍କ ଆଶା ଓ ଅପେକ୍ଷାକୁ ଗୁରୁତ୍ୱ ଦେବା ଉଚିତ କି ?

ନା ୪୭%
ହଁ ୫୩%

## ରୋଷ୍ଟର ପଦ୍ଧତିରେ ସ୍ଥିର ହେବ ମାମଲା କିଏ ବିଚାର କରିବ

ନୂଆଦିଲ୍ଲୀ ,୧/୨(ଏଜେନ୍ସି) : ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଅଦାଲତରେ କେଉଁ ବିଚାରପତି କେଉଁ ମାମଲା ବିଚାର କରିବେ ତାହାର ପ୍ରକ୍ରିୟା ସ୍ଥିର କରିଛନ୍ତି । ଏଥି ଅନ୍ତର୍ଗତ ମାମଲା ଗୁଡିକ ସାର୍ବଜନୀନ ହେବ । କିଏ କେଉଁ ମାମଲା ବିଚାର କରିବେ ତାହା ରୋଷ୍ଟର ପଦ୍ଧତିରେ ସ୍ଥିର ହେବ । ସୋମବାର ଠାରୁ ଏହି ବ୍ୟବସ୍ଥା ଲାଗୁ କରାଯିବ । ନୂଆ ମାମଲା ଗୁଡିକ ପାଇଁ ମଧ୍ୟ ଏହି ପ୍ରକ୍ରିୟା ଲାଗୁ ହେବ ବୋଲି କୁହାଯାଇଛି ।

## ୨୧ରେ ଶ୍ରୀମନ୍ଦିର ନୀଳଚକ୍ରର ସ୍ଥିତି ଅନୁଧ୍ୟାନ

ପୁରୀ,୧/୨ (ଶ୍ରୁତି) : ଆସନ୍ତା ୨୧ ତାରିଖରେ ଶ୍ରୀମନ୍ଦିର ନୀଳଚକ୍ରର ସ୍ଥିତି ଅନୁଧ୍ୟାନ କରିବେ ଏକ ବିଶେଷଜ୍ଞ ଟିମ୍ । ଏଥିପାଇଁ ୩ଟି କେନ୍ଦ୍ରୀୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି । ଏହି ଟିମ୍ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପୁରୀରେ ଅବସ୍ଥାନ କରିବ । ଗର୍ଭଗୃହରୁ ଗରମ ବାମ୍ପ ନିଷ୍କାସନ ବ୍ୟବସ୍ଥା ଠିକ୍ ରୂପେ କାର୍ଯ୍ୟ କରୁଛି କି ନାହିଁ ସେନେଇ ମଧ୍ୟ ସେମାନେ ଅନୁଧ୍ୟାନ କରିବେ । ନାଟମଣ୍ଡପ, ଜଗମୋହନ ଓ ଗର୍ଭଗୃହର ୨ୟ ମହଲା ଅନୁଧ୍ୟାନ କରାଯିବାର ପ୍ରସ୍ତାବ ରହିଛି ।

ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଦିଲ୍ଲୀ କାର୍ଯ୍ୟାଳୟର ନିର୍ଦ୍ଦେଶକଙ୍କ ସମେତ ଭୁବନେଶ୍ୱର ମଣ୍ଡଳ ଅଧୀକ୍ଷକ ଏହି ପ୍ରତିନିଧି ଦଳରେ ସାମିଲ୍ ହୋଇଛନ୍ତି । ଏହାଛଡ଼ା କେନ୍ଦ୍ରୀୟ ଧାତୁ ଓ ଖଣି ଗବେଷଣା ପ୍ରତିଷ୍ଠାନର ୨ ଜଣ ବରିଷ୍ଠ ବିଶେଷଜ୍ଞ ଅଧିକାରୀ ମଧ୍ୟ ଏହି ଟିମ୍‌ରେ ସାମିଲ୍ ଅଛନ୍ତି । ବୈଷୟିକ କୋର୍ କମିଟି ଅଧ୍ୟକ୍ଷ ଆନନ୍ଦ ପ୍ରାଣ ଗୁପ୍ତାଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନଙ୍କ ସହ ଏହି ଟିମ୍ ବିଚାରବିମର୍ଶ କରିବ । ଏହାପରେ ଅନୁଧ୍ୟାନକାରୀ ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରିବେ ଯାହାର ଆଧାରରେ ନାଟମଣ୍ଡପ ମରାମତି ପାଇଁ ଡିଜାଇନ୍ ପ୍ରସ୍ତୁତ କରାଯିବ । ଆଗାମୀ ସ୍ନାନପୂର୍ଣ୍ଣମୀ ପୂର୍ବରୁ ନାଟମଣ୍ଡପ ଶେଷ କରିବ

▶୩ ପୃଷ୍ଠାରେ

# ସ୍ୱାସ୍ଥ୍ୟ, କୃଷି ଓ ଗାଁକୁ ଗୁରୁତ୍ୱ

- ☐ ବଜେଟରେ ୨୪, ୪୨, ୨୧୩ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ
- ☐ ବ୍ୟକ୍ତିଗତ ଆୟକର ଛାଡ ସୀମା ଅପରିବର୍ତ୍ତିତ
- ☐ ରାଷ୍ଟ୍ରପତିଙ୍କ ଦରମା ମାସିକ ୫ ଲକ୍ଷ, ଉପରାଷ୍ଟ୍ରପତିଙ୍କ ୪ ଲକ୍ଷ ଏବଂ ରାଜ୍ୟପାଳମାନଙ୍କ ଦରମା ୩.୫ ଲକ୍ଷ ଟଙ୍କାକୁ ବୃଦ୍ଧି
- ☐ ଆଗାମୀ ଏପ୍ରିଲ ପହିଲାରୁ ସାଂସଦଙ୍କ ବେତନ ବୃଦ୍ଧି ପାଇଁ ନୂଆ ଢ଼ାଞ୍ଚା, ପ୍ରତି ୫ ବର୍ଷରେ ସାଂସଦମାନଙ୍କ ଆପଣା ଛାଏଁ ଭତ୍ତା ବୃଦ୍ଧି
- ☐ ଗ୍ରାମାଞ୍ଚଳ ଭିତ୍ତିଭୂମି ନିର୍ମାଣ ଲାଗି ମୋଟ ୧୪.୩୪ ଲକ୍ଷ କୋଟି ଟଙ୍କା; ଗ୍ରାମ୍ୟ ବିକାଶ ପାଇଁ ୧,୩୮,୦୯୭ କୋଟି ଟଙ୍କା
- ☐ ବିଶ୍ୱର ସର୍ବ ବୃହତ 'ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା' ଲାଗୁ ହେବ
- ☐ ୨୦୧୮-୧୯ ଆର୍ଥିକ ବର୍ଷରେ ୧୧ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ ଯୋଜନା
- ☐ ଏଣିକି ସବୁ ଫସଲକୁ ମିଳିବ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ସ୍ୱତନ୍ତ୍ର ବ୍ୟବସ୍ଥା ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ୧.୫ ପ୍ରତିଶତ ହାରରେ ବଢ଼ିବ

UNION BUDGET
2018-19

ନୂଆଦିଲ୍ଲୀ, ୧/୨(ଏଜେନ୍ସି)କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଗୁରୁବାର ଲୋକସଭାରେ ଆଗତ କରିଛନ୍ତି ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ୍। ଏଥର ବଜେଟ୍‌ରେ ଗ୍ରାମୀଣ ଅର୍ଥନୀତି ଓ ସମନ୍ୱିତ ବିକାଶକୁ ଦିଆଯାଇଛି ଗୁରୁତ୍ୱ। ଗୋଟିଏ ପଦରେ କହିଲେ- ଜେଟଲୀଙ୍କ ବଜେଟ୍ ଏବେ ସହରୀ ବ୍ୟବସ୍ଥାରୁ ବାହାରି ଗ୍ରାମାଭିମୁଖୀ ତଥା କୃଷିମୁହାଁ ହୋଇଛି। ଯେଉଁ ୯ଟି ସ୍ତମ୍ଭ ଉପରେ ମୋଦିଙ୍କ ସଂସ୍କାରମୂଳକ ସରକାର କାର୍ଯ୍ୟ କରିବାକୁ ଯାଉଛି ସେଗୁଡ଼ିକ ମଧ୍ୟରେ ରହିଛି- କୃଷି, କୃଷକ କଲ୍ୟାଣ, ଗ୍ରାମାଂଚଳ କ୍ଷେତ୍ର, ସାମାଜିକ କ୍ଷେତ୍ର, ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତା ବିକାଶ, ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି, ସଂରଚନା ଓ ପୁଞ୍ଜିନିବେଶ, ଆର୍ଥିକ ସେବା କ୍ଷେତ୍ରରେ ସଂସ୍କାର, ଉତ୍ତମ ପ୍ରଶାସନ ଏବଂ ସରଳ ଓ ସହଜ ବ୍ୟବସାୟ ପଦ୍ଧତି, ଆର୍ଥିକ ଶୃଙ୍ଖଳା ଏବଂ ଟିକସ ସଂସ୍କାର । ବଜେଟରେ ୨୪,୪୨,୨୧୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ଅବସରରେ କୁହାଯାଇଛି ଯେ, ଚଳିତ ଆର୍ଥିକ ବର୍ଷର ୧୫, ଜାନୁଆରୀ ୨୦୧୮ ସୁଦ୍ଧା ପ୍ରତ୍ୟକ୍ଷ କର ରେ ୧୨.୬ ପ୍ରତିଶତ ଏବଂ ପରୋକ୍ଷ କର ରେ ୧୮.୭ ପ୍ରତିଶତ ଅଭିବୃଦ୍ଧି ଘଟିଛି । ଐତିହାସିକ ବସ୍ତୁ ଓ ସେବା କର ପ୍ରଚଳନ ଦ୍ୱାରା ଦେଶରେ ପରୋକ୍ଷ ଟିକସ ବ୍ୟବସ୍ଥାରେ ସଂସ୍କାର ଅଣାଯାଇଛି ଏବଂ ଧିରେ ଧିରେ ଟିକସ ଆଦାୟ ବୃଦ୍ଧି ପାଉଛି ବୋଲି କୁହାଯାଇଛି । ବଜେଟରେ ବିଶ୍ୱର ସବୁଠାରୁ ବୃହତ 'ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା' ଲାଗୁ ହେବ ବୋଲି ଘୋଷଣା କରାଯାଇଛି । ଏହା ଅଧିନରେ ୧୦ କୋଟି ଗରିବ ଓ ଦୁର୍ବଳ ପରିବାରକୁ ସାମିଲ କରାଯିବ । ଏହାଦ୍ୱାରା ପ୍ରାୟ ୫୦ କୋଟି ଲୋକ ଉପକୃତ ହେବେ । ଏହି ଯୋଜନା ଅଧିନରେ ପ୍ରତି ଗରିବଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ଭରଣା କରାଯିବ ଏବଂ ୩୦ ହଜାର ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଜନା ମିଳିବ । ଏହା ବିଶ୍ୱର ସର୍ବ ବୃହତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ହେବ । ନୂତନ ବଜେଟରେ ଯକ୍ଷ୍ମା ରୋଗୀଙ୍କ ପାଇଁ ୬୦୦ କୋଟି ଟଙ୍କାର ପୁଷ୍ଟିସାଧନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ୨୪ଟି ନୂତନ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଲାଗି ମଧ୍ୟ ପ୍ରସ୍ତାବ ରହିଛି । ପ୍ରତି ୩ଟି ସଂସଦୀୟ କ୍ଷେତ୍ର ପାଇଁ ଗୋଟିଏ ଲେଖାଏଁ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠାର ଯୋଜନା କରାଯାଇଛି । ସରକାର ସ୍ୱାସ୍ଥ୍ୟ ସେବା ସୁବିଧାକୁ ଆହୁରି ପରିବ୍ୟାପ୍ତ କରିବେ । ସୁସ୍ଥ ଭାରତ ଦ୍ୱାରା ଏକ ସବଳ ଓ ସଶକ୍ତ ଭାରତ ନିର୍ମାଣ ହୋଇପାରିବ । ଏହି ଆଭିମୁଖ୍ୟ ନେଇ ଆୟୁଷ୍ମାନ ଭାରତ ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ନାମକ ଦୁଇଟି ଜାତୀୟ ଯୋଜନା ଆରମ୍ଭ କରାଯିବ । ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଅଧିନରେ ଦେଶର ପ୍ରାୟ ୧.୫ ଲକ୍ଷ ପ୍ରାଥମିକ, ମଧ୍ୟମ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

▶୩ ପୃଷ୍ଠାରେ

## ୨୦୨୨ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣା କରିବା ଲକ୍ଷ୍ୟ

- ■ ବର୍ତ୍ତମାନ ଅଘୋଷିତ ଖରିଫ ଫସଲ ଲାଗି ସର୍ବନିମ୍ନ ଦେଢ଼ଗୁଣା ଏମଏସପି ନିର୍ଦ୍ଧାରଣ କରିବା ଲାଗି ଘୋଷଣା
- ■ କୃଷି କ୍ଷେତ୍ର ଲାଗି ସଂସ୍ଥାଗତ ଋଣକୁ ୧୦ ଲକ୍ଷ କୋଟିରୁ ବୃଦ୍ଧି କରି ୧୧ ଲକ୍ଷ କୋଟି ଟଙ୍କା
- ■ ଆଳୁ, ଟମାଟୋ ଏବଂ ପିଆଜ ଭଳି ଶୀଘ୍ର ନଷ୍ଟ ହୋଇଯାଉଥିବା ସାମଗ୍ରୀ ମୂଲ୍ୟରେ ହ୍ରାସବୃଦ୍ଧି ସମସ୍ୟା ସହ ମୁକାବିଲା କରିବା ଲାଗି ୫୦୦ କୋଟି ଟଙ୍କାର 'ଅପରେସନ ଗ୍ରୀନ୍'
- ■ ସ୍ୱତନ୍ତ୍ର ଔଷଧ ଏବଂ ସୁଗନ୍ଧିତ ଗଛର ସଂଗଠିତ ଚାଷ ଏବଂ ଉଦ୍ୟୋଗ ଲାଗି ୨୦୦ କୋଟି ଟଙ୍କା
- ■ ୨୨ ହଜାର ଗ୍ରାମୀଣ ହାଟକୁ ଗ୍ରାମୀଣ କୃଷି ବଜାର (ଗ୍ରାମ) ବିକଶିତ କରାଯିବ ଯାହାଦ୍ୱାରା ଚାଷୀ ସିଧାସଳଖ ଉପଭୋକ୍ତାଙ୍କୁ ଏବଂ ଅଧିକ କ୍ରୟ କରୁଥିବା ଲୋକମାନଙ୍କୁ ନିଜ ଉତ୍ପାଦିତ ଫସଲ ବିକ୍ରି କରିପାରିବେ
- ■ ୨୨ ହଜାର ଗ୍ରାମ ଏବଂ ୫୮୫ ଏପିଏମସିରେ କୃଷି ବିପଣନ ସମ୍ବନ୍ଧୀୟ ମୌଳିକ ଭିତ୍ତିଭୂମିର ବିକାଶ ଏବଂ ଉନ୍ନୟନ ଲାଗି ୨ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା
- ■ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ଲାଗି ଆବଣ୍ଟନ ଦୁଇଗୁଣା କରି ୧,୪୦୦ କୋଟି ଟଙ୍କା

## ରେଳବାଇ ପାଇଁ ୧,୪୮,୫୨୮ କୋଟି ଟଙ୍କା

- ■ ୨୦୧୮-୧୯ରେ ପ୍ରଥମ ଆଧୁନିକ ଟ୍ରେନ-ସେଟ ଚାଲୁ ହେବ
- ■ ମୁମ୍ବାଇ ଏବଂ ବେଙ୍ଗାଲୁରୁ ରେଳ ନେଟୱାର୍କର ସମ୍ପ୍ରସାରଣ
- ■ ହାଇସ୍ପିଡ ରେଳ ପ୍ରକଳ୍ପ ଲାଗି ଶ୍ରମଶକ୍ତିକୁ ତାଲିମ ଦେବା ନିମନ୍ତେ ବରୋଦାରେ ରେଳ ବିଶ୍ୱବିଦ୍ୟାଳୟ
- ■ ୬୦୦ ପ୍ରମୁଖ ରେଳ ଷ୍ଟେସନର ପୁନଃଉନ୍ନତିକରଣ
- ■ ସମସ୍ତ ରେଳ ଷ୍ଟେସନ ଏବଂ ରେଳଗାଡ଼ିରେ ୱାଇ-ଫାଇ, ସିସିଟିଭି ସୁବିଧା

## ଲୋକଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବା ଭଳି ବଜେଟ: ମୋଦି

୨୦୧୮-୧୯ ସାଧାରଣ ବଜେଟ ସମ୍ପର୍କରେ ମତ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଏହି ବଜେଟ ନିଉ ଇଣ୍ଡିଆର ମୂଳଦୁଆକୁ ସୁଦୃଢ କରିବ । ଏହି ବଜେଟରେ ଦେଶର କୃଷିଠାରୁ ଆରମ୍ଭ କରି ଭିତ୍ତିଭୂମି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। କୃଷକମାନଙ୍କୁ ସେମାନଙ୍କର ଖର୍ଚ୍ଚର ଦେଢ଼ ଗୁଣ ମୂଲ୍ୟ ଦେବା ପାଇଁ ଘୋଷଣାକୁ ମୁଁ ପ୍ରଶଂସା କରୁଛି। କୃଷକମାନଙ୍କୁ ଏହି ନିଷ୍ପତ୍ତିର ସଂପୂର୍ଣ୍ଣ ଲାଭ ମିଳୁ, ଏଥିପାଇଁ କେନ୍ଦ୍ର ସରକାର, ରାଜ୍ୟଗୁଡ଼ିକ ସହିତ ଆଲୋଚନା କରି ଗୋଟିଏ ପକ୍କା ବ୍ୟବସ୍ଥା ବିକଶିତ କରିବେ। ଫଳ ଏବଂ ପନିପରିବା ଉତ୍ପାଦନ କରୁଥିବା କୃଷକମାନଙ୍କ ପାଇଁ 'ଅପରେସନ୍ ଗ୍ରୀନ୍' ଏକ ଫଳପ୍ରଦ ପଦକ୍ଷେପ ପ୍ରମାଣିତ ହେବ।

## ଓଡିଶା ଭଳି ରାଜ୍ୟର ଜନତା ସବୁଠାରୁ ଅଧିକ ଲାଭବାନ ହେବେ: କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ ,୧/୨(ଏଜେନ୍ସି) : ଓଡିଶା ଭଳି ରାଜ୍ୟର ଜନତା କେନ୍ଦ୍ର ବଜେଟରୁ ସବୁଠାରୁ ଲାଭବାନ ହେବେ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ୨୦୧୮-୧୯ ସାଧାରଣ ବଜେଟ ସମୟ ଉପଯୋଗୀ ଓ ଭାରତର ମୂଳ ସମସ୍ୟାକୁ ସମାଧାନ ପାଇଁ ଉଦ୍ଦିଷ୍ଟ ଥିବା ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଯେ ଭାଗ ଚାଷୀଙ୍କୁ ସରକାରୀ ଋଣ ମିଳିବା, ଓଡିଶା ଭଳି ରାଜ୍ୟରେ ଏକ ପ୍ରମୁଖ ସମସ୍ୟା । ମାତ୍ର କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀ ଭାଗଚାଷୀଙ୍କୁ

ସରକାରୀ ଋଣ ମିଳିବାର ବ୍ୟବସ୍ଥା ଏହି ବଜେଟରେ କରି ଓଡିଆ ଭାଗ ଚାଷୀଙ୍କୁ ସହଯୋଗର ହାତ ବଢାଇଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ କୃଷି, ଗ୍ରାମୀଣ ବିକାଶ, ଲଘୁ, ମଧ୍ୟମ ଶିଳ୍ପ, ରୋଜଗାର, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅରୁଣ ଜେଟଲୀଙ୍କ ବଜେଟରେ ପ୍ରାଥମିକତା ଦିଆଯାଇଛି । କୃଷି, ଗ୍ରାମୀଣ ବିକାଶ କ୍ଷେତ୍ରରେ ଚଳିତ ବଜେଟରେ ସାଢେ ୧୪ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହେବା ଏକ ସାର୍ବଜନୀନ ରେକର୍ଡ

▶୩ ପୃଷ୍ଠାରେ

## ବଜେଟକୁ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ

ରାଜ୍ୟ ବିଧାନସଭା ସର୍ବସମ୍ମତଭାବେ ଧାନ କ୍ୱିଣ୍ଟାଲ୍ ପିଛା ୨୯୩୦ ଟଙ୍କା ଚାଷୀଙ୍କୁ ଦେବାପାଇଁ ଦାବି କରିଆସୁଅଛି, ଯାହାକୁ କେନ୍ଦ୍ର ସରକାର ଗ୍ରହଣ କରି ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ଏମଏସପି କରିବାକୁ ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ସେହିପରି ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରିବା ପାଇଁ ୫୦ କୋଟି ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କା ଚିକିତ୍ସା ପାଣ୍ଠି ଯୋଗାଇଦେବାକୁ ବଜେଟ୍‌ରେ ପ୍ରତିଶ୍ରୁତି ଦିଆଯାଇଛି । ଏହାକୁ ମଧ୍ୟ ନବୀନ ସ୍ୱାଗତ କରିଛନ୍ତି । ତେବେ ଏହି ବଜେଟରେ ଓଡିଶା ପ୍ରତି ଆଶାନୁରୂପ ଗୁରୁତ୍ୱ ଦିଆଯାଇନଥିବା ସେ ଦର୍ଶାଇଛନ୍ତି । ଓଡିଶା ରେଳ କ୍ଷେତ୍ରରେ ୬୫୦୦କୋଟି ଟଙ୍କା ମାଗିଥିଲା । କିନ୍ତୁ ଓଡିଶାକୁ ଆଶାଠାରୁ କମ ମିଳିଥିବାରୁ ସେ ନିରାଶା ବ୍ୟକ୍ତ କରିଛନ୍ତି ।

## ଫମ୍ପା ପ୍ରତିଶ୍ରୁତିର ପ୍ରତିଧ୍ୱନୀ : କଂଗ୍ରେସ

ବଜେଟ୍ ୨୦୧୮-୧୯ ଫମ୍ପା ପ୍ରତିଶ୍ରୁତିର ପ୍ରତିଧ୍ୱନୀ ବୋଲି କଂଗ୍ରେସ ଅଭିଯୋଗ କରିଛି । ଏହି ବଜେଟ୍ ଚାଷୀଙ୍କ ନାଁରେ ଚାଷୀଙ୍କୁ ପ୍ରତାରିତ କରିବା, ୭୦ଲକ୍ଷ ବେକାର ଯୁବକଙ୍କୁ ଚାକିରୀ ଦେବା ନାଁରେ ବିଗତ ବର୍ଷବର୍ଷ ଧରି ଖାଲିପଡ଼ିଥିବା ୪ଲକ୍ଷ ସରକାରୀ ପଦବୀକୁ ଉଚ୍ଛେଦ କରିବା ଏବଂ ସ୍ୱାସ୍ଥ୍ୟସେବାକୁ ସାର୍ବଜନୀନ କରିବା ନାଁରେ ଦେବାଳିଆ ବୀମାକମ୍ପାନୀ ଓ କର୍ପୋରେଟ୍ ହସ୍ପିଟାଲ୍ ଓ ମେଡିସିନ୍ କମ୍ପାନୀମାନଙ୍କୁ ସାଧାରଣ ରୋଗୀଙ୍କୁ ଲୁଟ୍ କରିବା ପାଇଁ ଦ୍ୱାର ଖୋଲିଦେଇଛି ଆମେରିକାର ଓବାମା କେୟାରର ଏହା ଏକ ଅନୁକରଣ ବ୍ୟତୀତ ଅନ୍ୟକିଛି ନୁହେଁ ବୋଲି ଦଳ ପକ୍ଷରୁ ଦଳୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧି କହିଛନ୍ତି । ୪ବର୍ଷ ତଳେ ସରକାର ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲେ କ୍ଷମତାସୀନ ହେଲାପରେ ଚାଷୀଙ୍କୁ ଉତ୍ପାଦିତ ଖର୍ଚ୍ଚର ଦେଢଗୁଣା ସମର୍ଥ ମୂଲ୍ୟ ଦେବେ । ବେକାର ଯୁବକଙ୍କୁ ବର୍ଷକୁ ୨ କୋଟି ଚାକିରୀ ଦେବେ । ୪ ବର୍ଷ କ୍ଷମତା ଉପଭୋଗ କରିସାରିବା ପରେ ଆଜି ହଠାତ୍ ଚାଷୀ ଓ ଗ୍ରାମାଞ୍ଚଳ କଥା ମନେପଡ଼ି

▶୩ ପୃଷ୍ଠାରେ

### ମୁଖ୍ୟମନ୍ତ୍ରୀଙ୍କ ସଭାମଞ୍ଚକୁ ଅଣ୍ଡା ଫିଙ୍ଗିବା ଘଟଣା

## ମହିଳାଙ୍କ ବିରୁଦ୍ଧରେ ସଙ୍ଗୀନ ଅଭିଯୋଗ

ବାଲେଶ୍ୱର,୧/୨ (ଶ୍ରୁତି) : ଗତକାଲି ତଳସାରୀ ବେଳାଭୂମି ମହୋତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସଭାମଞ୍ଚ ଉପରକୁ ଅଣ୍ଡାମାଡ଼ କରିଥିବା ସମ୍ପୃକ୍ତ ମହିଳାଙ୍କୁ ପୋଲିସ ରାତିସାକ ଥାନାରେ ଅଟକ୍ ରଖିବା ପରେ ଗୁରୁବାର ବାଲେଶ୍ୱର ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରିଛି । ଗୁରୁତର ଅବସ୍ଥାରେ ଥିବା ମହିଳାଙ୍କୁ ସେଠାରେ ଚିକିତ୍ସା କରାଯାଉଛି । ସେପଟେ ମହିଳାଙ୍କ ବିରୁଦ୍ଧରେ ପୋଲିସ ସଙ୍ଗୀନ ଅଭିଯୋଗ ଆଣିବା ସହ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା ଏତଲାରେ ଦର୍ଶାଇଛି । ଆଇପିସିର ଧାରା ୩୦୭ (ହତ୍ୟା ଉଦ୍ୟମ) ଓ ୧୨୦ (ଖ) (ଅପରାଧିକ ଷଡ଼ଯନ୍ତ୍ର) ଅନ୍ତର୍ଗତ ମାମଲା ରୁଜୁ କରାଯାଇଛି । ଏଥିରୁ ଜଣାପଡ଼ିଛି ଯେ, ପୋଲିସ ଆଉ କିଛି ମନ୍ଦ ଉଦ୍ଦେଶ୍ୟ ରଖି ଏଭଳି ଗମ୍ଭୀର ଅଭିଯୋଗ ଆଣିଛି ଯଦ୍ୱାରା ମହିଳାଙ୍କୁ ଜାମିନ୍ ମିଳିବ ନାହିଁ । ସମ୍ପୃକ୍ତ ମହିଳାଙ୍କ ନାମ ହେଉଛି ରାଜଶ୍ରୀ କମିଲା ଓ ତାଙ୍କ ଘର ଚନ୍ଦନେଶ୍ୱର ଅଞ୍ଚଳରେ । ରାଜଶ୍ରୀଙ୍କ ସ୍ୱାମୀ ଦିଲ୍ଲୀପ କମିଲା ଜଣେ ବିଜେପି କର୍ମୀ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପୋଲିସ ତାଙ୍କୁ ଉଠାଇ ନେଇଥିଲା । ବିନା ଦୋଷରେ ତାଙ୍କୁ ଉଠାଇ ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ଛାଡ଼ି ନାହିଁ । ଏହି ଘଟଣାରେ ପୋଲିସ ରାଜଶ୍ରୀଙ୍କ ସହ ଅନ୍ୟ ୨ ଜଣଙ୍କୁ ମଧ୍ୟ ଅଟକ ରଖିଛି । ଗତକାଲି ଏହି ୩ ଜଣଙ୍କୁ ଭୋଗରାଇରୁ ଆଣି ବାଲିଆପାଳ ଥାନାରେ ଅଟକ ରଖାଯାଇଥିଲା । ବିଜେପିକର୍ମୀମାନେ ବାଲିଆପାଳ ଥାନା ଘେରାଉ କରିଥିଲେ । ସେପଟେ ପୀଡ଼ିତାଙ୍କୁ ଆଜି ହସ୍ପିଟାଲ୍‌ରେ ଭର୍ତ୍ତି କରାଯିବା ପରେ ସେଠାରେ ମଧ୍ୟ ବିଜେପି କର୍ମୀମାନଙ୍କ ଭିଡ଼ ଲାଗି ରହିଛି । ବିଜେପି ବିଧାୟକ ପ୍ରତାପ ଷଡ଼ଙ୍ଗୀ ଓ ବହୁ ନେତା ତାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ ଓ ଅଣ୍ଡାମାଡ଼ ଉଦ୍ୟମ କରାଯାଇଛି । ସେଭଳି କ୍ଷେତ୍ରରେ ମଧ୍ୟ କଂଗ୍ରେସ ସମର୍ଥକ ଓ କର୍ମୀମାନଙ୍କ ବିରୁଦ୍ଧରେ ଅନୁରୂପ ହତ୍ୟା ଉଦ୍ୟମ ଓ ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ କରି ଏତଲା ଦାୟର କରାଯାଇଥିଲା ।

## ଡାକ୍ତରୀ ଟିମ୍‌କୁ କ୍ରାଇମ୍‌ବ୍ରାଞ୍ଚର ଜେରା

କୋରାପୁଟ୍, ୧/୨ (ଶ୍ରୁମି) : କୁନ୍ଦୁଲି ଗଣବଳାତ୍କାର ଓ ଆତ୍ମହତ୍ୟା ଘଟଣାର କୋରାପୁଟ୍ ଯାଇ ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚର ୫ ଜଣିଆ ଟିମ୍ କୁନ୍ଦୁଲି ପୀଡ଼ିତାଙ୍କ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍‌କୁ ଜେରା କରିଛି । ପୀଡ଼ିତାଙ୍କ ଚିକିତ୍ସା ଓ ଶବବ୍ୟବଚ୍ଛେଦ ସଂକ୍ରାନ୍ତରେ କୋରାପୁଟସ୍ଥ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ତତ୍କାଳୀନ ଉପଅଧୀକ୍ଷକ ଡକ୍ଟର ପର୍ଶୁରାମ ଚମ୍ପତିରାୟଙ୍କ ସମେତ ପ୍ରାୟ ୧୦ ଜଣ ଡାକ୍ତରଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜେରା କରୁଛି । ଘଟଣା ଦିନ ପୀଡ଼ିତା କେଉଁ ପରିସ୍ଥିତିରେ ହସ୍ପିଟାଲ୍‌କୁ ଆସିଥିଲେ, ତାଙ୍କର କ'ଣ ଚିକିତ୍ସା ହୋଇଥିଲା ତା'ର ବିସ୍ତୃତ ରିପୋର୍ଟର ତଥ୍ୟ ସେମାନେ ପଚାରି ବୁଝିଛନ୍ତି । ମୃଷାଗୁଡ଼ା ଗ୍ରାମରେ ଶବ ବ୍ୟବଚ୍ଛେଦ କରିଥିବା ୨ ଜଣ ଡାକ୍ତରଙ୍କୁ ମଧ୍ୟ ସେମାନେ ଭେଟିଛନ୍ତି ।

ପ୍ରକାଶଥାଉ କି, କ୍ରାଇମ୍‌ବ୍ରାଞ୍ଚର ରାଧା ବିନୋଦ ପାଣିଗ୍ରାହୀ, ଡିଏସ୍‌ପି ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ ଓ ଇନ୍‌ସପେକ୍ଟର ମମତା ପଣ୍ଡାଙ୍କୁ ନେଇ ଗଠିତ ୫ ଜଣିଆ ଟିମ୍ ଗତ ସୋମବାରରୁ ଏଠାରେ ତଦନ୍ତ କରୁଛନ୍ତି । ସେମାନେ ପଟ୍ଟାଙ୍ଗୀ ଥାନା, କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ଗସ୍ତ କରି ଯାଞ୍ଚ କରିସାରିଛନ୍ତି । ପ୍ରକାଶ୍ୟ ଯେ, ମାନ୍ୟବର ଏଚ୍‌ଆରପିସି ଏହି ମାମଲାକୁ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲା ।

## ବଜେଟ ଗ୍ରାମୀଣ ଅର୍ଥନୀତିକୁ ସୃଦୃଢ କରିବ : ବିଜେପି

ଭୁବନେଶ୍ୱର , ୧/୨(ଶ୍ରୁମି): ଲୋକସଭାରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ସାଧାରଣ ବଜେଟ ପ୍ରୋ-ଇଣ୍ଡିଆ, ପ୍ରୋ-ପୋର, ପ୍ରୋ-ଏଗ୍ରିକଲଚର, ପ୍ରୋ-ଟ୍ରାଇବାଲ ଏବଂ ପ୍ରୋ-ଓଡିଶା ବୋଲି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ଉପସଭାପତି ସମିର ମହାନ୍ତି କହିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି କି ଏହି ବଜେଟ ଦେଶର ସାଧାରଣ ଗରିବ ଲୋକମାନଙ୍କ ପାଇଁ ସମର୍ପିତ ଏବଂ ଏହି ବଜେଟରେ ମୋଦି ସରକାର ଦେଶର ନ୍ୟୁନତମ ବର୍ଗରେ ବଂଚୁଥିବା ଲୋକମାନଙ୍କ ବିକାଶ ପାଇଁ ସମର୍ପିତ ଏକଥା ପୁନ୍ନ ପ୍ରମାଣିତ । ବଜେଟରେ ଗ୍ରାମୀଣ ବିକାଶ, କୃଷି ଏବଂ କୃଷକର ବିକାଶ, ଆଦିବାସୀ ଦଳିତମାନଙ୍କର ବିକାଶ ପାଇଁ ପ୍ରଯ୍ୟାପ୍ତ ବ୍ୟୟ ବରାଦ ହେବା ସହ ଦେଶର ସମସ୍ତ ବର୍ଗର ଲୋକଙ୍କୁ ଖୁସି କରିବା ଭଳି ବଜେଟ ପାରିତ ହୋଇଛି । ଗ୍ରାମାଞ୍ଚଳ ଭିତ୍ତିଭୂମି ନିର୍ମାଣ ଲାଗି ମୋଟ ୧୪.୩୪ ଲକ୍ଷ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ, ଗ୍ରାମ୍ୟ ବିକାଶ ପାଇଁ ୧,୩୮,୦୯୭ କୋଟି ଟଙ୍କାର ବ୍ୟୟ ବରାଦ, ୩ ଲକ୍ଷ କିଲୋମିଟରରୁ ଅଧିକ ସଡକ ନିର୍ମାଣ ଯୋଜନା ଏବଂ ୩ ଲକ୍ଷ କୋଟି ଟଙ୍କାର ମୁଦ୍ରା ଋଣ ପ୍ରଦାନ ପ୍ରସ୍ତାବ ଭଳି ଯୋଜନା ଆଗାମୀ ଦିନରେ ଗ୍ରାମାଂଚଳରେ ବିକାଶ ଆଣିପାରିବା ସହ ଓଡିଶା ଭଳି ଗରିବ ପଛୁଆ ଏବଂ ଆଦିବାସୀ ବହୁଳ ରାଜ୍ୟ ପାଇଁ ଏହା ବହୁତ ଲାଭ ଆଣିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ସେହିପରି ଆଜି ବଜେଟରେ ସ୍ଥାନିତ ହୋଇଥିବା ବିଶ୍ୱର ସର୍ବ ବୃହତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଯାହା ଅଧିନରେ ଦେଶର ୧୦ କୋଟି ଗରୀବ ପରିବାର ସାମିଲ ହେବେ ତଥା ୫୦ କୋଟି ହିତାଧିକାରୀ ମାନେ ଲାଭାନ୍ୱିତ ହେବେ ।

## ମୁକୁଳିଲେ ସାଂସଦ ତାପସ ପାଲ୍

ଭୁବନେଶ୍ୱର,୧/୨ (ଶ୍ରୁମି) : ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲାରେ ଜଡ଼ିତ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ ତାପସ ପାଲଙ୍କୁ ଓଡ଼ିଶା ହାଇକୋର୍ଟ ଗୁରୁବାର ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଛନ୍ତି । ୧ କୋଟି ଟଙ୍କା ଜମା ଏବଂ ପାସ୍‌ପୋର୍ଟ ଦାଖଲ ସହ ୨ ଲକ୍ଷ ଟଙ୍କାର ଜାମିନ୍‌ଦାରଙ୍କ ବଦଳରେ ତାଙ୍କୁ ଏହି ଜାମିନ୍ ମିଳିଛି । ପୂର୍ବ ନିର୍ଦ୍ଦେଶ ଅନୁସାରେ, ଧାରା ୧୬୪ ଅନ୍ତର୍ଗତ ରେକର୍ଡ କରାଯାଇଥିବା ସାକ୍ଷୀଙ୍କ ବୟାନକୁ ଆଧାର କରି ସାଂସଦ ଶ୍ରୀ ପାଲ୍‌ଙ୍କ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ଭାବେ ଏହି ଶୁଣାଣି ହୋଇଥିଲା ।

ଜଷ୍ଟିସ ଜେ.ପି.ଦାସ ଗତ ଡିସେମ୍ବର ୧୩ରେ ଏହାର ଶୁଣାଣି ଶେଷ କରି ରାୟକୁ ସଂରକ୍ଷିତ ରଖିଥିଲେ । ୨୦୧୬ ଡିସେମ୍ବର ୩୦ରେ ସାଂସଦ ଶ୍ରୀ ପାଲ୍‌ଙ୍କୁ ଗିରଫ କରାଯାଇଥିଲା । ଗତ ବର୍ଷ ଏପ୍ରିଲ୍ ୧୨ରେ ହାଇକୋର୍ଟ ତାଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦେଇଥିଲେ ।

## ୩ଦିନରେ ମିଳିବ ତତ୍କାଳ ପାସ୍‌ପୋର୍ଟ

ନୂଆଦିଲ୍ଲୀ,୧/୨ (ଏଜେନ୍ସି) : ଏବେ ମାତ୍ର ୩ ଦିନରେ ମିଳିପାରିବ ତତ୍କାଳ ପାସପୋର୍ଟ । ସମ୍ପ୍ରତି ବୈଦେଶିକ ମନ୍ତ୍ରଣାଳୟ ତତ୍କାଳ ପାସପୋର୍ଟ ପାଇଁ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ଅଦାଲତରେ ହୋଇଥିବା ସତ୍ୟପାଠର ପ୍ରମାଣପତ୍ର ବାଧ୍ୟତାମୂଳକ ଆବଶ୍ୟକତାକୁ ହଟାଇ ଦେଇଛନ୍ତି । ଫଳରେ ତତ୍କାଳ ପାସପୋର୍ଟ ଆବେଦନ କରିବାର ୩ ଦିନରେ ହିଁ ଏହା ମିଳିପାରିବ । ତେବେ ଏଥିପାଇଁ ଆଧାର କାର୍ଡ ସହିତ ଭୋଟର କାର୍ଡ,

▶୩ ପୃଷ୍ଠାରେ

## ମୁସଲମାନଙ୍କ ପାଇଁ ଦ୍ୱିତୀୟ ପାକିସ୍ତାନ ଗଠନ ଦାବି

ଶ୍ରୀନଗର,୧/୨ (ଏଜେନ୍ସି) : ଜମ୍ମୁ-କାଶ୍ମୀର ମୁସଲିମ୍ ପର୍ସନାଲ୍ ବୋର୍ଡର ଉପସଭାପତି ତଥା ଡେପୁଟୀ ଗ୍ରାଣ୍ଡ ମୁଫ୍‌ତି ନସୀର ଉଲ୍ ଇସଲାମ୍ ଭାରତୀୟ ମୁସଲମାନଙ୍କ ପାଇଁ ଦ୍ୱିତୀୟ ପାକିସ୍ତାନ ଦାବି କରିଛନ୍ତି । ମୁସଲମାନଙ୍କ ପାଇଁ ଏକ ପୃଥକ୍ ଦେଶ ଗଠନ କରାଯାଉ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, ଭାରତ ସରକାର ଜମ୍ମୁ-କାଶ୍ମୀରକୁ ଅନୈତିକ ଉପାୟରେ କବ୍‌ଜା କରି ରଖିଛନ୍ତି । ଭାରତରେ ମୁସଲିମ୍‌ମାନଙ୍କୁ ନିର୍ଯାତନା ଦିଆଯାଉଛି । ସେମାନେ ଖରାପ ସ୍ଥିତିରେ ଅଛନ୍ତି । ଭାରତର ଅଣମୁସଲିମ୍‌ମାନେ ଅସହିଷ୍ଣୁତା ପ୍ରକଟ କରୁଛନ୍ତି । ତେଣୁ ପୁଣି ଥରେ ଭାରତକୁ ଭାଗଭାଗ କରି ଏକ ମୁସଲିମ୍ ରାଷ୍ଟ୍ରଗଠନ କରାଯାଉ ବୋଲି ସେ ଦାବି କରିଛନ୍ତି । ତାଙ୍କର ଏହି ବକ୍ତବ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ମଲମ ଲଗାଇବା ଭଳି ପ୍ରତିକ୍ରିୟା ଦେଇ କହିଛନ୍ତି ଏଭଳି ଦାବି ଠିକ୍ ନୁହେଁ । ଧର୍ମ ଆଧାରରେ ପୃଥକ୍ ଦେଶ ଦାବି କରିବା ଠିକ୍ ନୁହେଁ । ଧାର୍ମିକ ଆଧାରରେ ବିଭାଜନକୁ ଜାମ୍ମୁ-କାଶ୍ମୀର ୧୯୪୭ରେ ମଧ୍ୟ ସମର୍ଥନ କରିନଥିଲା କିମ୍ବା ଏହାର ଅଂଶ ବି ନଥିଲା । କିନ୍ତୁ ଆମକୁ ଏଥିରେ ଟଣାଗଲା ଓ ଦୁର୍ଭାଗ୍ୟବଶତଃ ଆଜି ବି ଆମକୁ ଏଥିପାଇଁ ମୂଲ୍ୟ ଦେବାକୁ ପଡୁଛି ।



# ଶ୍ରୀରାମ ଚରିତ ମାନସ

ଭଗତିହି ସାନକୂଲ ରଘୁରାୟା ।
ତାତେ ତେହି ଡରପତି ଅତି ମାୟା ।
ରାମ ଭଗତି ନିରୁପମ ନିରୁପାଧୀ ।
ବସଇ ଜାସୁ ଉର ସଦା ଅବାଧୀ ॥୩॥
ତେହି ବିଲୋକି ମାୟା ସକୁଚାଇ ।
କରି ନ ସକଇ କଛୁ ନିଜ ପ୍ରଭୁତାଇ ॥
ଅସ ବିଚାରି ଜେ ମୁନି ବିଗ୍ୟାନୀ ।
ଜାଚ ହିଁ ଭଗତି ସକଲ ସୁଖ ଖାନୀ ॥୪॥
ଭକ୍ତିକୁ ବିଶେଷ ଆଦର ।
କରନ୍ତି ଯେଣୁ ରଘୁବୀର ॥
ମାୟା ହୋଇଣ ଭୟାତୁର ।
କରଇ ଦୂରୁ ନମସ୍କାର ॥
ହୃଦୟେ ଉପମା ରହିତ ।
ଆବର ଉପାଧି ରହିତ ॥
ବିଶୁଦ୍ଧ ରାମ ଭକ୍ତିଥିଲେ ।
ମାୟା ଦେଖିଣ ତାକୁ ଡରେ ॥
ପ୍ରଭୁତ୍ୱ ଭକ୍ତିର ଉପରେ ।
ବିସ୍ତାରି ନପାରଇ ତିଳେ ॥
ଏକଥା ଜାଣି ମୁନିଗଣ ।
ଲୋଡନ୍ତି ଭକ୍ତି ସୁଖଧାମ ॥୩-୪॥
॥ ଦୋହା ॥
ୟହ ରହସ୍ୟ ରଘୁନାଥ କର ବେଗି ନ ଜାନଇ କୋଇ ।
ଜୋ ଜାନଇ ରଘୁପତି କୃପାଁ ସପନେ ହୁଁ ମୋହ ନ ହୋଇ ॥୧୧୬(କ)॥
ରହସ୍ୟ ରାମଭକ୍ତି ଏହି ।
ଜାଣି ନପାରେ ଶିଘ୍ର କେହି ॥
ଶ୍ରୀରଘୁନାଥ କୃପାବଳେ ।
ଏହାକୁ ଥରେ ଜାଣିଗଲେ ॥
କେବେ ବି ସେ ଲୋକ ସ୍ୱପ୍ନରେ ।
ନହୁଏ ମୋହଗ୍ରସ୍ତ ବାରେ ॥୧୧୬(କ)॥
ଔରଉ ଗ୍ୟାନ ଭଗତି କର ଭେଦ ସୁନହୁ ସୁପ୍ରବୀନ ।
ଜୋ ସୁନି ହୋଇ ରାମପଦ ପ୍ରୀତି ସଦା ଅବିଚ୍ଛୀନ ॥୧୧୬(ଖ)॥
ଶୁଣ ଗରୁଡ ସୁଚତୁର ।
ପ୍ରଭେଦ ଜ୍ଞାନ ଓ ଭକ୍ତିର ॥
ଶୁଣିଲେ ରାମ ପଦ ଦ୍ୱୟେ ।
ସଦା ଅଖଣ୍ଡ ପ୍ରୀତି ହୁଏ ॥୧୧୬(ଖ)॥
॥ ଚୌପାଇ ॥
ସୁନହୁ ତାତ ୟହ ଅକଥ କହାନୀ ।
ସମୁଝତ ବନଇ ନ ଜାଇ ବଖାନୀ ॥
ଇସ୍ୱର ଅଂସ ଜୀଓ୍ୱ ଅବିନାସୀ ।
ଚେତନ ଅମଲ ସହଜ ସୁଖ ରାସୀ ॥୧॥
ଏ ଅନିର୍ବଚନୀୟ ତତ୍ତ୍ୱ ।
ହେ ସ୍ୱାମୀ ଶୁଣ ଦେଇ ଚିତ୍ତ ॥
ଅନୁଭବର କଥା ଏହି ।
ଭାଷାରେ କହି ନହୁଅଇ ॥
ଈଶ୍ୱର ଅଂଶ ଅଟେ ଜୀବ ।
ବିନାଶ ନହୁଇ ସମ୍ଭବ ॥
ତେଣୁ ସେ ଚେତନ ନିର୍ମଳ ।
ସ୍ୱଭାବେ ସୁଖର ଭଣ୍ଡାର ॥୧॥
ସୋ ମାୟାବସ ଭୟଉ ଗୋସାଇଁ ।
ବଁଧ୍ୟୋ କୀର ମରକଟ କୀ ନାଈଁ ॥
ଜଡ ଚେତନହି ଗ୍ରଂଥି ପରି ଗଈ ।
ଜଦପି ମୃଷା ଛୂଟତ କଠିନାଈ ॥୨॥
ଜୀବ ମାୟାର ବଶ ହୋଇ ।
ଶୁଆ ମର୍କଟ ପରି ତହିଁ ॥
ବନ୍ଧନେ ନିଜେ ହିଁ ନିଜର ।
ବାନ୍ଧି ହୋଇଛି ପକ୍ଷୀବର ॥
ଜଡ ଓ ଚେତନ ମଧ୍ୟରେ ।
ଗଣ୍ଠି ପଡିଛି ଏପ୍ରକାରେ ॥
ସେ ଗଣ୍ଠି ମିଥ୍ୟା ଅଟେ ଜାଣ ।
ମାତ୍ରକ ଫିଟିବା କଠିଣ ॥୨॥
ତବ ତେ ଜୀଓ୍ୱ ଭୟଉ ସଂସାରୀ ।
ଛୂଟ ନ ଗ୍ରଂଥି ନ ହୋଇ ସୁଖାରୀ ॥
ଶ୍ରୁତି ପୁରାନ ବହୁ କହେଉ ଉପାଈ ।
ଛୂଟ ନ ଅଧିକ ଅଧିକ ଅରୁଝାଈ ॥୩॥
ସେ ଗଣ୍ଠି ପଡିଯିବା ଦିନୁ ।
ଜୀବ ସଂସାରୀ ସେହିଦିନୁ ॥
ଗଣ୍ଠିଟି ଯେଣୁ ଖୋଲୁନାହିଁ ।
ଜୀବ ଆନନ୍ଦ ପାଉ ନାହିଁ ॥
ଗଣ୍ଠିକୁ ଖୋଲିବାର ପାଇଁ ।
ବେଦ ଓ ପୁରାଣେ ଗୋସାଇଁ ॥
ବହୁତ ଉପାୟ ରହିଛି ।
ତଥାପି ଗଣ୍ଠି ନ ଖୋଲୁଛି ॥
ମାତ୍ରକ ଅଧିକୁଁ ଅଧିକ ।
ଅଡୁଆ ହେଉଅଛି ଦେଖ ॥୩॥

ଅନୁବାଦ : **କିଶୋର ଚନ୍ଦ୍ର ଗଡତିଆ**

□□□ କ୍ରମଶଃ

## ରାଶିଫଳ

**ମେଷ :-** ପତ୍ନୀ ତଥା ପାରିବାରିକ ଅଶାନ୍ତିରେ କଷ୍ଟ ଭୋଗି ପାରନ୍ତି । ଅଯଥା ଅଶାନ୍ତିକୁ ଦୂରେଇବାକୁ ଚେଷ୍ଟା କରନ୍ତୁ । କର୍ମକ୍ଷେତ୍ର ଓ ବ୍ୟବସାୟରେ ଜଗିରଖି ଚଳିବାକୁ ହେବ ।

**ବୃଷ :-** କର୍ମକ୍ଷେତ୍ରରେ ଅଯଥା ବିପଦ ଅନୁଭବ କରିବେ । ପାରିବାରିକ କ୍ଷେତ୍ରରେ ଅଯଥା ଅଶାନ୍ତି ଆସିବ । ବ୍ୟବସାୟ କ୍ଷେତ୍ରରେ ଆଦୌ ସହଯୋଗ ପାଇନପାରନ୍ତି ।

**ମିଥୁନ:-** ପିତା କିମ୍ବା ଗୁରୁଜନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଅଛି । ଆର୍ଥିକ ଅନଟନରେ କଷ୍ଟ ଭୋଗି ପାରନ୍ତି । କର୍ମକ୍ଷେତ୍ରରେ ଅଯଥା ଅଶାନ୍ତି ଦେଖାଦେବ ।

**କର୍କଟ:-** ପାରିବାରିକ କ୍ଷେତ୍ରରେ ଆଶନ୍ତି ଲାଗି ରହିବ । ମାନ ଅପମାନରେ ବିବ୍ରତ ହେବା ଜଣାଯାଏ । କର୍ମକ୍ଷେତ୍ର ଓ ବ୍ୟବସାୟରେ ଅଯଥା ଅପବାଦ ଶୁଣି ପାରନ୍ତି ।

**ସିଂହ:-** ଆର୍ଥିକ ପରିସ୍ଥିତି ବିବ୍ରତ କରିପାରେ । ଅଯଥା ଅପମାନ ଶୁଣିପାରନ୍ତି । ମାନସିକ ଯନ୍ତ୍ରଣାରେ କଷ୍ଟ ଭୋଗିବେ ।

**କନ୍ୟା:-** ବନ୍ଧୁ ସହଯୋଗରୁ ବଞ୍ଚିତ ହେବେ । ପାରିବାରିକ କଳହର ସୂତ୍ରପାତ ହେବ । ଆର୍ଥିକ କ୍ଷେତ୍ରରେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ । କର୍ମକ୍ଷେତ୍ରରେ ସ୍ଥାନାନ୍ତରିତ ଭୟ ଅଛି ।

**ତୁଳା:-** ପାରିବାରିକ କ୍ଷେତ୍ରରେ ଭ୍ରାତୃଭାବ ଦେଖାଯିବ । ଆର୍ଥିକ ପରିସ୍ଥିତିରେ ଅବନତି ଜଣାଯିବ ।

**ବିଛା:-** ଆର୍ଥିକ ପରିସ୍ଥିତିରେ ବ୍ୟାଘାତ ସୃଷ୍ଟି ହେବ । କର୍ମ କ୍ଷେତ୍ରରେ ସାମାନ୍ୟତମ ଶାନ୍ତି ମିଳିବ । ବ୍ୟବସାୟରେ ଅଯଥା ଅପମାନ ତଥା କ୍ଷତି ସହି ପାରନ୍ତି । ଶତ୍ରୁମାନଙ୍କ ଦ୍ୱାରା କଷ୍ଟ ପାଇ ପାରନ୍ତି ।

**ଧନୁ:-** କର୍ମରେ ଶାନ୍ତି ପାଇବେ । ପଦୋନ୍ନତି କରିବାରେ ସୁଯୋଗ ଆସିଛି । ଆର୍ଥିକ ପରିସ୍ଥିତିରେ ଉନ୍ନତି ଦେଖାଯିବ । ବ୍ୟବସାୟରେ ବନ୍ଧୁ ସହଯୋଗ ମିଳିବ ।

**ମକର:-** ନିଷ୍ଠା ତଥା ଧୈର୍ଯ୍ୟ ଦ୍ୱାରା ସମସ୍ତ କର୍ମରେ ଲାଭବାନ ହେବେ । ଆର୍ଥିକ ପରିସ୍ଥିତି ପ୍ରତି ଯତ୍ନବାନ ହେବା ଆବଶ୍ୟକ । ବ୍ୟବସାୟ ଓ କର୍ମ କ୍ଷେତ୍ରେ ଲାଭବାନ ହୋଇ ପରିବେ ।

**କୁମ୍ଭ:-** ପୁତ୍ର କିମ୍ବା ପିତାଙ୍କ ସ୍ୱାସ୍ଥ୍ୟ ନେଇ ଚିନ୍ତିତ ହେବେ । ଆର୍ଥିକ ପରିସ୍ଥିତିରେ ବହୁ ଅସୁବିଧାରେ ପଡି ପାରନ୍ତି । କର୍ମକ୍ଷେତ୍ର ନେଇ ମାର୍ମିକ ଦଣ୍ଡ ମାର କଷ୍ଟପାଇପାରନ୍ତି ।

**ମୀନ:-** କୌଣସି ପ୍ରକାର ପରିସ୍ଥିତିକୁ ସୁଧାରିବାରେ ଚେଷ୍ଟା କରନ୍ତୁ । ଉପରିସ୍ଥ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଅପବାଦ ପାଇବେ । ପାରିବାରିକ ଶାନ୍ତି ମିଳିବ ।

## ପୁରୀ ସମ୍ବାଦ...

# ଭକ୍ତଙ୍କୁ ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ, ୧।୨ (ଶ୍ରୁ.ମି) : ପରମ୍ପରା ଅନୁଯାୟୀ ପବିତ୍ର ମାଘ ପୂର୍ଣ୍ଣିମା ତିଥିରେ ଶ୍ରୀଜୀଉମାନଙ୍କର ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଯାଇଛି । ମଧ୍ୟାହ୍ନ ଧୂପ ଓ ମଇଲମ ପରେ ବିଭିନ୍ନ ସେବାୟତମାନଙ୍କ ଦ୍ୱାରା ଉକ୍ତ ବେଶ କରାଯାଇଥିବାବେଳେ ବେଶ ଶେଷ ହେବା ପରେ ଲକ୍ଷ୍ମୀ ଠାକୁରାଣୀ ସିଂହାସନକୁ ବିଜେ ହୋଇଥିଲେ । ଏହା ପରେ ଅମ୍ବାଲୁ ଖିର ଭୋଗ ହୋଇଥିବା ବେଳେ ଲକ୍ଷାଧିକ ଭକ୍ତ ଦର୍ଶନ କରିବା ସହ ଖିରି ଓ ଅମ୍ବାଲୁ ପ୍ରସାଦ ସେବନ କରିଥିଲେ । ଉକ୍ତ ଦୂର୍ଲଭ ବେଶ ଦର୍ଶନ କଲେ ପୂଣ୍ୟ ମିଳେ ବୋଲି ପୌରାଣିକ ତଥ୍ୟଥିବା ଜଣାପଡିଛି ।

## ହୋଟେଲ ଓ ସପିଙ୍ଗ୍ ମଲରେ ଅଗ୍ନିଶମ ବିଭାଗର ଚଢାଉ

ପୁରୀ, ୧।୨ (ଶ୍ରୁ.ମି) : ରାଜ୍ୟ ଅଗ୍ନିସେବା ସଂସ୍ଥାର ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଗତକାଲି ୧୦ଟି ଦଳରେ ୪୬ ଜଣ କର୍ମଚାରୀମାନେ ପୁରୀ ସହରରେ ଥିବା ବଡ ବଡ ସପିଙ୍ଗ ମଲ ଓ ନାମି ଦାମୀ ହୋଟେଲ ଉପରେ ଅଚାନକ ଚଢାଉ କରାଯାଇଥିବାବେଳେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିନଥିବା ଧରାପଡିବାରୁ କେତେକ ନାମିଦାମୀ ହୋଟେଲର ନିର୍ଦ୍ଦିଷ୍ଟ କେତେକ ରୁମକୁ ସିଲ କରାଯାଇଥିବାବେଳେ ବିଗ୍ ବଜାର, କୋଲକାତା ବଜାର, ବିଶାଳ ଗାରମେଣ୍ଟ, ରିଲାଏନ୍ସ ଫ୍ରେସ ସମେତ କେତେକ ଆପାଟମେଣ୍ଟକୁ ଯାଞ୍ଚ ବେଳେ କୌଣସି ସୁବିଧା ନଥିବା ଓ ବିଦ୍ୟୁତ କରଣରେ ତୃଟି, ଅଗ୍ନିନିର୍ବାପକ ତୃଟି ଦେଖାଯାଇଥିଲା । ନିର୍ମାଣ ବେଳେ ଏସବୁ ଦିଗ ପ୍ରତି କଡାକଡି ଭାବେ ନିୟମ ସମସ୍ତ ହୋଟେଲ, ସପିଙ୍ଗ ମଲ ଓ ଆପାଟମେଣ୍ଟ ନମାନିଥିବାର ଲୋକଙ୍କ ପ୍ରତିବିପଦ ଦେଖାଦେଇଛି । ପୁରୀକୁ ଆସୁଥିବା ପର୍ଯ୍ୟଟକମାନଙ୍କର ଅସୁବିଧା ଓ ଭବିଷ୍ୟତରେ ବଡ ଦୁର୍ଘଟଣା ଓ ଅଘଟଣକୁ ଏଡାଇ ଦିଆଯାଇନପାରେ ବୋଲି ଜଣାପଡିଛି ।

## କଂସବଧ ସହ ଧନୁଯାତ୍ରା ଉଦ୍‌ଯାପିତ

# ବିପୁଳ ଜନ ସମାଗମ

କୁଚିଣ୍ଡା, ୧।୨ (ଶ୍ରୁ.ମି) : ଖଣ୍ଡୋକଟା ରୌପଜୟନ୍ତୀ ଧନୁଯାତ୍ରା ୨୫ ତାରିଖରୁ ଆରମ୍ଭ ହୋଇ ମାଘ ପୂର୍ଣ୍ଣିମା ଅର୍ଥାତ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ଏହି ଧନୁଯାତ୍ରାରେ କୃଷ୍ଣ ବଳରାମଙ୍କ ମଥୁରା ଆଗମନ ପରେ ଦୂରାଚାରୀ କଂସଙ୍କ ନିଧନ ଏବଂ ଉଗ୍ରସେନ ପୁନଃ ସିଂହାସନ ଆରୋହଣ ପରେ ଧନୁଯାତ୍ରାର ଯବନିକା ପଡୁଛି । ଏହି ଦୃଶ୍ୟକୁ ଲକ୍ଷାଧିକ ଦର୍ଶକ ଉପଭୋଗ କରିଥିଲେ । ବୁଧବାର ପୂର୍ଣ୍ଣିମା ଓ ଚନ୍ଦ୍ରଗ୍ରହଣ ହେତୁ କଂସବଧ ନାଟ୍ୟ ଅଭିନୟରେ ବିଳମ୍ବ ହୋଇ ସାଢେ ୯ ଟା ବେଳକୁ ହୋଇଥିଲା । ବିଧାୟକ ରବିନାରାୟଣ ନାଏକଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନି ଉତ୍ସବରେ ପୂର୍ବତନ ମନ୍ତ୍ରୀ ଜୟ ନାରାୟଣ ମିଶ୍ର, ଜିଲ୍ଲା ପରିଷଦ ସଭାପତି ରାଧେ ଶ୍ୟାମ ବାରିକ, ଜିଲ୍ଲା ପରିଷଦ ସର୍ଭ୍ୟା ଲିଲିମା କାଲୋ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

## ଚଉଠିଆ ନୋଡାଲ ଉ:ପ୍ରା ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ସମାରୋହ

ଝୁମ୍ପୁରା, ୧।୨ (ଶ୍ରୁ.ମି) : ଝୁମ୍ପୁରା ବ୍ଲକ ଅଧିନସ୍ଥ ଚଉଠିଆ ନୋଡାଲ ଉ:ପ୍ରା ବିଦ୍ୟାଳୟର ପରିସର ମଧ୍ୟରେ ୨ଦିନ ଧରି ଚାଲିଥିବା ଶତବାର୍ଷିକ ଉତ୍ସବ ଗତକାଲି ସଂନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦର ତଥା ଚଉଠିଆ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅବସର ପ୍ରାପ୍ତ ଅଧ୍ୟାପକ ଡ. ପଦ୍ମଲୋଚନ ମହାନ୍ତଙ୍କ ଅଧ୍ୟତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶତବାର୍ଷିକ ଉତ୍ସବରେ ବିଦ୍ୟାଳୟ ତଥା ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ଯୋଗଦାନ କରିଥିବା ବେଳେ ସମ୍ମାନୀୟ ଅତିଥି ଭାବେ ପାଟଣା ବିଧାୟତ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୃଷିକେଶ ନାଏକ ଯୋଗଦାନ କରିଥିଲେ । ସଭା ପ୍ରାରମ୍ଭରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଜଣେ ସ୍ଥାନୀୟ ଆଦର୍ଶ ଶିକ୍ଷକ ସ୍ୱର୍ଗତ୍ୱ ଜେଠୁରାମ ମହାନ୍ତଙ୍କ ପ୍ରତି ମୂର୍ତ୍ତୀଙ୍କୁ ବିଦ୍ୟାଳୟ ପରିସର ମଧ୍ୟରେ ଉଦଘାଟନ କରି ମାଲ୍ୟାର୍ପଣ କଲା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । କେନ୍ଦୁଝର ଜିଲାର ଆରାଧ୍ୟଦେବୀ ମା’ ତାରିଣୀଙ୍କ ଫଟୋ ଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲେ । ୧୯୧୭ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ ବିଦ୍ୟାଳୟ ଉତ୍‌ଥାନ ପତନ ସମ୍ପର୍କୀୟ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଗେନ୍ଦ୍ର କୁମାର ପ୍ରଧାନ ଶତବାର୍ଷିକ ଉତ୍ସବର ବିବରଣୀ ପଠନ କରିଥିଲେ । ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ନରୋତ୍ତମ ମହାନ୍ତ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ।

## ଚତୁର୍ବିଂଶତମ ବାର୍ଷିକ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ

ଚଣ୍ଡିଖୋଲ, ୧/୨(ଶ୍ରୁମି) : ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଧାନମଣ୍ଡଳ ସ୍ଥିତ ଧନଘରଖୋଲ ଜଗନ୍ନାଥ ମନ୍ଦିର ଠାରେ ଚର୍ତୁ ବଂଶତମ ବାର୍ଷିକ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଭକ୍ତି, ଶ୍ରଦ୍ଧା, ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ୪ ଦିନ ଧରି ଚଳିଥିବା ଏହି ଯଜ୍ଞ ଉତ୍ସବରେ ଅଙ୍କୁରାରୋପଣ, କଳସାଧିବାସ, ଅଗ୍ନିସ୍ଥାପନ, ସ୍ୱଧ୍ୟୟ ଗୀତାଯଜ୍ଞ, ବିଷ୍ଣୁ ସହସ୍ର ନାମରେ ଆହୁତି ପ୍ରଦାନ, ଅଷ୍ଟପ୍ରହର ବ୍ୟାପି ନାମଯଜ୍ଞ, ଭଜନ, କୀର୍ତ୍ତନ, ପ୍ରବଚନ, ପୂର୍ଣ୍ଣାହୃତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜୀବଜଗତର କଲ୍ୟାଣ ନିମିତ୍ତ ଯଜ୍ଞର ଆବଶ୍ୟକତା ଆଜିର ନିମ୍ନଗାମୀ ଓ ଧ୍ୱଂସମୁଖୀ ମାନବ ସମାଜକୁ ଉର୍ଦ୍ଧ୍ୱଚେତା ଓ ଇଶ୍ୱରପ୍ରେମୀ କରିବା ସହିତ ଏକ ସରସ ସୁନ୍ଦର ସୁସ୍ଥ ଓ ନିରାମୟ ସମାଜଗଠନ କରିବା ପାଇଁ ପ୍ରବଚକମାନେ ବକ୍ତବ୍ୟ ରଖିଥିଲେ । ଦୀପକ ମିଶ୍ରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଆୟୋଜିତ ଯଜ୍ଞ କାର୍ଯ୍ୟକ୍ରମକୁ ବସନ୍ତ ଦାସ, ସହଦେବ ଚମ୍ପତି, ପ୍ରମୋଦ ଦାସ, କାହ୍ନୁଚରଣ ରାଉତ ଓ ରମେଶ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଏମିତି ଚାଲିଛି ସରକାରୀ କାମ

# ଗୋଟିଏ କାମ ପାଇଁ ଦୁଇ ଜଣଙ୍କୁ କାର୍ଯ୍ୟାଦେଶ

ଅନୁଗୋଳ, ୧/୨ (ଶ୍ରୁ.ମି) : ସରକାରୀ କାମରେ ବାବୁଙ୍କର କିପରି ନିଷ୍ଠା ରହିଛି ତାହା ଜଣାପଡ଼ିଛି ପାଲଲହଡ଼ା ବ୍ଲକର ଏକ ରାସ୍ତା ପାଇଁ ଦିଆଯାଇଥିବା କାର୍ଯ୍ୟାଦେଶରୁ । ଗୋଟିଏ ରାସ୍ତା ନିର୍ମାଣ ପାଇଁ ମାତ୍ର ତିନିଦିନ ବ୍ୟବଧାନରେ ଦୁଇଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି । ଫଳରେ ରାସ୍ତା ତିଆରି ଆରମ୍ଭ ହୋଇ ପାରୁନାହିଁ । କାର୍ଯ୍ୟାଦେଶଧାରୀ ପ୍ରଥମ ବ୍ୟକ୍ତି କାମ ଆରମ୍ଭ କରିବାରୁ ଦ୍ୱିତୀୟ ବ୍ୟକ୍ତିଙ୍କ ଦ୍ୱାରା ତାହା ବନ୍ଦ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ବନ୍ଧାଭୂଇଁ ପଞ୍ଚାୟତ ଜମରଡ଼ିହ ଗାଁ ପିବିଡ଼ିଏ ଅଫିସଠାରୁ ଗୋପପୁର ପର୍ଯ୍ୟନ୍ତ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ପାଇଁ ୨୦୧୭ ଡ଼ିସେମ୍ବର ୧୫ ତାରିଖରେ ଚନ୍ଦ୍ରମଣୀ ସାମଲଙ୍କୁ ବ୍ଲକ କାର୍ଯ୍ୟାଳୟରୁ କାର୍ଯ୍ୟାଦେଶ ଦିଆଯାଇଥିଲା । ସେହି କାର୍ଯ୍ୟ ପାଇଁ ୨୦୧୭ ଡ଼ିସେମ୍ବର ୧୮ ତାରିଖରେ ଜିତେନ୍ଦ୍ର କୁମାର ସାହୁଙ୍କୁ ମଧ୍ୟ କାର୍ଯ୍ୟାଦେଶ ଦିଆଯାଇଛି । ଚନ୍ଦ୍ରମଣି ସାମଲ ରାସ୍ତା ନିର୍ମାଣ ଆରମ୍ଭ କରିବାରୁ ଜିତେନ୍ଦ୍ର କୁମାର ସାହୁ ଏହାର ପ୍ରତିବାଦ କରିଥିଲେ । ଜିତେନ୍ଦ୍ର ଯେହେତୁ କାର୍ଯ୍ୟାଦେଶ ପାଇଛନ୍ତି ସେ ଏହି କାମ କରିବେ ବୋଲି ଅଡ଼ି ବସିଛନ୍ତି । ତେଣୁ ରାସ୍ତା ନିର୍ମାଣ ଆରମ୍ଭ ହୋଇପାରୁନାହିଁ । ଏ ସଂପର୍କରେ ବିଡ଼ିଓ ତ୍ରିବିକ୍ରମ କୁମୁରାଙ୍କୁ ପଚାରିବାରୁ ଉକ୍ତ ରାସ୍ତା କାମ ପାଇଁ ଭୁଲରେ ୨ଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି ବୋଲି କହିଥିଲେ । ୨୦୧୭ ଡ଼ିସେମ୍ବର ୧୮ ତାରିଖରେ ଦିଆଯାଇଥିବା କାର୍ଯ୍ୟାଦେଶ ବାତିଲ କରାଯିବ ବୋଲି ବିଡ଼ିଓ ଶ୍ରୀ କୁମୁରା ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ତାଙ୍କ କାର୍ଯ୍ୟାଦେଶ ବାତିଲ କରାଗଲେ ସେ ଅଦାଲତର ଆଶ୍ରୟ ନେବେ ବୋଲି ଜିତେନ୍ଦ୍ର କୁମାର ସାହୁ କହିଛନ୍ତି । କେଉଁ ପରିସ୍ଥିତିରେ ଗୋଟିଏ କାମ ପାଇଁ ଦୁଇଜଣଙ୍କୁ କାର୍ଯ୍ୟାଦେଶ ଦିଆଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସଂପର୍କରେ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି ।

## ଗାଡ଼ିରୁ କିରୋସିନି ଜବତ

ଅନୁଗୋଳ, ୧/୨ (ଶ୍ରୁ.ମି) : ତାଳଚେର ଥାନା ବଲଣ୍ଡା ଫାଣ୍ଡି ପୁଲିସ ୬୦ ଲିଟର କିରୋସିନି ଜବତ ହୋଇଛି । ସେଣ୍ଟ୍ରାଲ କିରୋସିନି ଡ୍ରାଇଭର ବିଦେଶୀ ଗଡ଼ନାୟକ ଗାଡ଼ିରେ ତେଣ୍ଟୁଲୋଇରୁ କିରୋସିନି ନେଇ ଆସୁଥିବା ବେଳେ ସନ୍ଦେହରେ କଲେଜ ରୋଡ଼ରୁ ଗାଡ଼ି ସହିତ କିରୋସିନିକୁ ଜବତ କରାଯାଇଥିଲା । ଏତେ ପରିମାଣରେ କିରୋସିନି କେଉଁଆଡ଼େ ନିଆଯାଉଥିଲା ତାହା ତନାଘନା କରାଯାଉଛଇ ବୋଲି ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ରାଉତ କହିଛନ୍ତି । ଗାଡ଼ି ଚାଳକ ଶ୍ରୀ ଗଡ଼ନାୟକ ଏବଂ ଗାଡ଼ି (ଓଡ଼ି ୩୫-ଏ-୯୪୮୫)କୁ ପୁଲିସ ଅଟକ ରଖିଛି ।

## ଆମ ତହସିଲ ଆମ ପଞ୍ଚାୟତ ଅନୁଷ୍ଠିତ

ଚଣ୍ଡିଖୋଲ ,୧/୨(ଶ୍ରୁମି) : ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଧାନମଣ୍ଡଳ ଗ୍ରାମ ଠାରେ ଭ୍ରାମ୍ୟାମାଣ ଜନଶୁଣାଣୀ ଆନୁକୁଲ୍ୟରେ ଆମ ତହସିଲ ଆମ ପଞ୍ଚାୟତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକୁ ଦର୍ପଣ ତହସିଲଦାର ଡ଼ଃ ଅଶୋକ କୁମାର ଦାସ, ଅତିରିକ୍ତ ତହସିଲଦାର ଅଭୟ କୁମାର ସ୍ୱାଇଁ, ଅଭିଲିପ୍ସା ଦାଶ, ରାଜସ୍ୱ ନିରୀକ୍ଷକ ଶରତ କୁମାର ଜେନା, ଅଞ୍ଜନ ମାଝି, ଧାନମଣ୍ଡଳ ଗ୍ରାମପଞ୍ଚାୟତ ସରପଞ୍ଚ ଭାରତୀ ସେଠୀ, ଓ୍ୱାର୍ଡ଼ ସଭ୍ୟ ପ୍ରମୋଦ କୁମାର ସାହୁ, ସୁଷମା ପଣ୍ଡା, ପ୍ରତିମା ସାହୁ, ଗୌତମ ଭାରତୀ, ତ୍ରିଲୋଚନ ପରିଡ଼ା, ରାଜକିଶୋର ଯାଦବ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଜନ ଶୁଣାଣୀରେ ଧାନମଣ୍ଡଳ ଓ ଚଣ୍ଡିତଳ ଗ୍ରାମ ପଞ୍ଚାୟତର ପ୍ରାୟ ୨୦୦ ବ୍ୟକ୍ତି ଉପସ୍ଥିତ ରହି ସେମାନଙ୍କର ଅଭିଯୋଗ କରିଥିଲେ । ସେମାନଙ୍କ ମଧ୍ୟରୁ ୧୦୦ ଜଣଙ୍କ ଅଭିଯୋଗକାରୀଙ୍କ ଶୁଣାଣୀ କରାଯାଇ ୫୦୦୦ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା ।

## ଡ଼ିଭାଇଡ଼ରରେ ପିଟି ହୋଇ ଟ୍ରକ୍ ଓଲଟିଲା

ଅନୁଗୋଳ, ୧/୨ (ଶ୍ରୁ.ମି) : ସୋମବାର ବିଳମ୍ବିତ ରାତିରେ ନାଲକୋ ଏଫସିଆଇ ଛକ ନିକଟରେ ରୋଡ଼ ଡ଼ିଭାଇଡ଼ର୍‌ରେ ପିଟି ହୋଇ ଏକ ଟ୍ରକ୍ ଓଲଟି ପଡ଼ିଥିଲା । ଢେଙ୍କାନାଳ ଜିଲାର ଗଁଦିଆ ଅଞ୍ଚଳରୁ ଧାନ ବୋଝେଇ ଟ୍ରକଟି ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଡ଼ିଭାଇଡ଼ର୍‌ରେ ପିଟି ହୋଇଥିଲା । ଡ଼ିଭାଇଡ଼ର୍ ନେଇ ପୂର୍ବରୁ ସଙ୍କେତ ନଥିବାରୁ ଅନେକ ସମୟରେ ଏଠାରେ ଦୁର୍ଘଟଣା ହେଉଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି । ଘଟଣାସ୍ଥଳରୁ ଡ୍ରାଇଭର୍ ଫେରାର ହୋଇଯାଇଥିବାବେଳେ ରାସ୍ତାରେ ଧାନ ଅଜାଡ଼ି ହୋଇଥିଲା ।

## ଚମ୍ପୁଆ ବିଧାୟକଙ୍କୁ ଦୋଷ ମୁକ୍ତ କଲେ ଚମ୍ପୁଆ କୋର୍ଟ

ଚମ୍ପୁଆ, ୨।୧ (ଶ୍ରୁ.ମି) : ମସିହାରେ ପାଣ୍ଡ୍ୟା ମାଇନସର ଜନ ଶୁଣାଣିରେ ବିରୋଧ କରୁଥିବା ଅଭିଯୋଗକୁ ନେଇ ହୋଇଥିବା ମାମଲାରେ ବର୍ତ୍ତମାନର ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କୁ ଚମ୍ପୁଆ ଅତିରିକ୍ତ ଜିଲା ଦୌରା ଜଜ୍ ଡଃ ପବିତ୍ର ମୋହନ ସାମଲ ଆଜି ନିର୍ଦ୍ଦୋଷ ଘୋଷଣା କରିଛନ୍ତି । ସୂଚନା ଅନୁସାରେ ୩.୩.୨୦୧୦ ମସିହାରେ ପ୍ୟାଣ୍ଡ୍ୟା ମାଇନସର ଜନ ସୁଣାଣିରେ ସପକ୍ଷବାଦୀ କମ୍ୟୁନିଷ୍ଟ ଲିଡର ମହେନ୍ଦ୍ର ମହାନ୍ତି ଓ ସନାତନ ମହାକୁଡଙ୍କ ମଧ୍ୟରେ ବିରୋଧାଭାଷ ଯୋଗୁଁ ମହେନ୍ଦ୍ର ମହାନ୍ତି ବାମେବାରୀ ଥାନାରେ ଏକ ମାମଲା ରୁଜୁ କରିଥିଲେ । ବାମେବାରୀ ଥାନା ୩୨ନଂ କେଶ ଅନୁଯାୟୀ ଡକାୟତି ଦଫା ୩୯୫,୫୦୬, ୧୪୮,୧୪୯ ଅନୁଯାୟୀ ମାମଲା ରୁଜୁ ହୋଇଥିଲା । ସନାତନ ମହାକୁଡଙ୍କ ପ୍ରରୋଚନାରେ ୧୦୦ରୁ ୧୫୦ଲୋକ ମହେନ୍ଦ୍ର ମହାନ୍ତିଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ଆସବାବ ପତ୍ର ଓ ସୁନା ଗହଣା ଲୁଟ କରିଥିବା ଅଭିଯୋଗ ହୋଇଥିଲା । ଏଥିରେ ସନାତନ ମହାକୁଡଙ୍କ ସମେତ ୧୭ଜଣଙ୍କ ନାମରେ ମାମଲା ଆରମ୍ଭ ହୋଇଥିଲା । ପରେ ମହେନ୍ଦ୍ର ମହାନ୍ତି ନିଜ ବୟାନ ପରିବର୍ତ୍ତନ କରିଥିଲେ । ଏହାକୁ ବିଚାରକରି ଚମ୍ପୁଆ ଅତିରିକ୍ତ ଜିଲା ଦୌରା ଜଜ୍ ଶ୍ରୀ ସାମଲ ପ୍ରମାଣ ଅଭାବରୁ ବର୍ତ୍ତମାନର ବିଧାୟକ ସନାତନ ମହାକୁଡଙ୍କୁ ଦୋଷ ମୁକ୍ତ କରିଥିଲେ । ଏବଂ ସରକାର ଏହାକୁ ନେଇ ଉପରକୋର୍ଟକୁ ଯିବେ ବୋଲି ସରକାରୀ ଆଇନଜୀବୀ ମଧୁସୁଦନ ପତି ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରେ ଏହି ରାୟକୁ ନେଇ ବିଧାୟକ ମହାକୁଡ କହିଛନ୍ତି ଯେ ମୋ ବିରୁଦ୍ଧରେ ଏହା ଏକ ଷଡଯନ୍ତ୍ର ତଥା ମିଥ୍ୟା ଆରୋପ କରାଯାଇଥିଲା । କୋର୍ଟର ରାୟ ପ୍ରକାଶ ପରେ ଆଶ୍ୱସ୍ତ ହେବା ସହିତ ସତ୍ୟର ଜୟ ବୋଲି ପ୍ରକାଶ କରି ମା’ ଜଗତ ଜନନୀଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି ।

## ବଅଁରପାଳରେ ଜିଲାପାଳଙ୍କ ଜନଶୁଣାଣି

*ଅନୁଗୋଳ, ୧।୨ (ଶ୍ରୁ.ମି) : ବଅଁରପାଳ ବ୍ଲକ୍ କାର୍ଯ୍ୟାଳୟରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଦ୍ୱାରା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଆରକ୍ଷୀ ଅଧିକ୍ଷକ ବ୍ରିଜେଶ କୁମାର ରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଆର୍.ସି. ଗଡ଼ନାୟକ, ବିଡ଼ିଓ ସୁଧାଂଶୁ କୁମାର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଶିବିରରେ ଯୋଗ ଦେଇଥିଲେ । ୩୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ବୁଢ଼ାପଙ୍କ ପଞ୍ଚାୟତର ୫ଶହରୁ ଅଧିକ ମହିଳା, ପୁରୁଷ ପହଞ୍ଚି ସ୍ଥାନୀୟ ଚଢ଼େଇକଟା ପୋଖରୀର ପୁନରୁଦ୍ଧାର କରାଯିବା, ସେଥିରୁ ଦୂଷିତ ପାଣି କାଢ଼ି ନୂଆ ପାଣି ଭର୍ତ୍ତି କରାଯିବାକୁ ଦାବି କରିଥିଲେ । ଇନ୍ଦିରା ଆବାସ ପାଇଁ ତୁଳସୀପାଳ ଗାଁର ନିରନ୍ତି ସାହୁ, ଘରପୋଡ଼ି ବାବଦ ସହାୟତା ପାଇଁ ନୂଆହତାର ଭାକ୍ରି ଭୋଇ ଦାବି କରିଥିଲେ । ତଳମୂଳ ୟୁକୋ ବ୍ୟାଙ୍କ ଶାଖା ସ୍ଥାନାନ୍ତର ପ୍ରସ୍ତାବକୁ ୬ଟି ପଞ୍ଚାୟତର ଅଧିବାସୀ ଓ ୫୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ବିରୋଧ କରିଛନ୍ତି । ଏହା ସ୍ଥାନାନ୍ତର କରାନଯିବାକୁ ପଞ୍ଚାୟତବାସୀ ଶିବିରରେ ଦାବି କରିଥିଲେ ।*

# ଚାକିରି ଦେବା ବଦଳରେ ପଠା ଯାଉଛି ଜେଲ

ଯୋଡା, ୧।୨ (ଶ୍ରୁ.ମି) : ଯୋଡା ଥାନା ଅନ୍ତର୍ଗତ ବିଲେଇପଦା ଠାରେ ଅବସ୍ଥିତ ଟାଟା ସ୍ପଞ୍ଜ ଆଇରନ ଲିଃ କାରଖାନା ନିମନ୍ତେ ଜମି ହରାଇଥିବା ଲୋକଙ୍କୁ କ୍ଷତିପୂରଣ ଓ ନିଯୁକ୍ତି ଦାବିରେ ପ୍ରାୟ ଦୁଇ ବର୍ଷ ହେଲା ଆନ୍ଦୋଳନ ଜାରିରହିଥିବା ବେଳେ ଏହାର ନେତୃତ୍ୱ ଏକ ଅଗ୍ରଣୀ ଆଦିବାସୀ ସଂଗଠନ ‘ହୋ ସେୟାଁ ମାସ୍କାଲ ଆକାଲା’ ନେତୃତ୍ୟ ନେଇଆସିଛି । ଫଳରେ ଏହି ସଂଗଠନର ସାଧାରଣ ସମ୍ପାଦକ କ୍ରିଷ୍ଣ ଚନ୍ଦ୍ର ଗାଗ୍ରାଇଙ୍କୁ ଏହି କମ୍ପାନୀ ପୁଲିସକୁ ହାତ ବାରିଶି କରି ମିଥ୍ୟା ମୋକଦ୍ଦମାରେ ଗତ ଜାନୁଆରୀ ୨୫ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହାର ପ୍ରତିବାଦରେ ବୁଧବାର ପୂର୍ବାହ୍ନରେ ସଂଗଠନ ପକ୍ଷରୁ ଯୋଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଉପସଭାପତି କୁଳମଣୀ ଗାଗ୍ରାଇଙ୍କ ସମେତ ସଂଗଠନର ଉପଦେଷ୍ଟା ମଙ୍ଗଲ ମୁଣ୍ଡା, କୋଷାଧ୍ୟକ୍ଷ ଲାଲ ମୋହନ ସିଂହ ତଥା ସଦସ୍ୟ ଗୁରୁଚରଣ ମୁଣ୍ଡା, ଟୁମୁରା ବୋଦ୍ରା, ଚିତ୍ତରଞ୍ଜନ ନାଏକ, ଗଣେଶ୍ୱର ଲାମାଇ ପ୍ରମୁଖ ଯୋଗଦେଇ ଉଭୟ ପୁଲିସ ଓ ଟାଟା ସ୍ପଞ୍ଜ କାରଖାନା କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ବିଷୋଦଗାର କରିବା ସହ ସେମାନଙ୍କ ଅଗଣତାନ୍ତ୍ରୀକ କାର୍ଯ୍ୟକଳାପକୁ ତୀବ୍ର ଉର୍ଦ୍ଧନା କରିଥିଲେ । ଏଠାରେ ସୂଚନା ଯୋଗ୍ୟ, କାରଖାନା ପରିଚାଳନା ନିର୍ଦ୍ଦେଶକଙ୍କ ସହ ଅଧିକାରୀ ଓ କର୍ମଚାରୀଙ୍କୁ ବିଭିନ୍ନ ସୋସିଆଲ ମିଡିଆରେ ଧମକ ଚମକ ଦେଇ ବେଆଇନ ଚାନ୍ଦା ମାଗିବା ସମ୍ବନ୍ଧେ କାରଖାନାର ମେଣ୍ଟେନାନ୍ସ ମୁଖ୍ୟ ରଞ୍ଜନ କୁମାରଙ୍କୁ ଲିଖିତ ଅଭିଯୋଗ ଅଧାରରେ ପୁଲିସ ଗତ ୨୫ ତାରିଖରେ ଶ୍ରୀ ଗାଗ୍ରାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଟାଟା ସ୍ପଞ୍ଜ କାରଖାନା କାରଣରୁ ଜମିହରାଙ୍କୁ ଆଇନସମ୍ମତ କ୍ଷତିପୂରଣ ଓ ବ୍ୟବସ୍ଥା ମୁତାବକ ନିଯୁକ୍ତି ଦାବିରେ ସଂଗଠନ ପକ୍ଷରୁ ୨୦୧୬ରୁ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ହୋଇଆସୁଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷଙ୍କ ଜିଦ୍‌ଖୋର ମନୋଭାବ କାରଣରୁ ଅଦ୍ୟାବଧି ଜମିହରା ଲୋକଙ୍କୁ ସେମାନଙ୍କ ବୈଧ ଅଧିକାରରୁ ବଞ୍ଚିତ କରାଯାଇଥିବାରୁ

PRESS CONFERENCE

ଶ୍ରୀ ଗାଗ୍ରାଇ ଏହି ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏ ସମ୍ବନ୍ଧେ ଗତ ୧୦ ଜୁଲାଇ ୨୦୧୭ରେ ଟାଟା ସ୍ପଞ୍ଜ କାରଖାନା କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ‘ହୋ ସେୟାଁ ମାସ୍କାଲ ଆକାଲା’ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଚମ୍ପୁଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକେ ଆହୂତ ହୋଇ ଏକ ତ୍ରୀପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ ଏଥିଲେ ଖିଲାଫ କରିଥିବାର ଶ୍ରୀ ଗାଗ୍ରାଇ ଦର୍ଶାଇ ଥିଲେ । ଚୁକ୍ତିନାମା ଅନୁଯାୟୀ ପ୍ରାୟ ୩୦ ବର୍ଷ ପୂର୍ବେ ବଡବିଲ ଥାନା ଅନ୍ତର୍ଗତ ବିଲେଇପଦା, ଲହଣ୍ଡା ଓ ଭାଗଲପୁର ମୌଜାର ୭୫ଟି ପରିବାରର ପ୍ରାୟ ୨୩୦ ଏକର ଜମିରେ ଏହି କାରଖାନା ପ୍ରତିଷ୍ଠା କରାଯାଇଥିଲା । କାରଖାନାରେ ୧୦୨ଜଣ ଜମିହରାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲେ ମଧ୍ୟ ଏଥି ମଧ୍ୟରେ ଅନେକ ପରିବାର ଅଲଗା ହୋଇଯାଇଥିବାରୁ ବ୍ୟବସ୍ଥା ମୁତାବକ ଚାକିରିରୁ ବଞ୍ଚିତଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୫ ସେପ୍ଟେମ୍ବର ୨୦୧୭ ସୁଦ୍ଧା ୩୦ ଜଣଙ୍କୁ ଓ ପର୍ଯ୍ୟାୟକ୍ରମେ ପରବର୍ତ୍ତୀ ସମୟରେ ୩୬ ଜଣଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ତେବେ କାରଖାନା କର୍ତ୍ତୃପକ୍ଷ ଏହି ସମୟ ସୀମା ମଧ୍ୟରେ ଜଣଙ୍କୁ ହେଲେ ନିଯୁକ୍ତି ପ୍ରଦାନ ନକରିବାରୁ ସଂଗଠନ ପୁନର୍ବାର ସ୍ଥାନୀୟ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଗତ ଡିସେମ୍ବର ୧ ତାରିଖରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବଡବିଲ ରାଜସ୍ୱ ବିଭାଗ ପକ୍ଷରୁ ଏ ସମ୍ବନ୍ଧରେ ଅନୁଷ୍ଠିତ ଜମି ଚିହ୍ନଟ ପ୍ରକ୍ରିୟାରେ କମ୍ପାନୀ ବ୍ୟବହୃତ ପରିବହନ ମୁଖ୍ୟ ରାସ୍ତା ଓ ରେଲ ଓ୍ୱେ ସାଇଡିଂରେ ରେଘୋ କୋହ୍ଲଙ୍କ ନାତି ମଙ୍ଗଲଙ୍କ ୧ ଏକର, ବିଜୟ କୋହ୍ଲଙ୍କ ପୁଅ ଗୁରୁଚରଣଙ୍କ ୭୫ ଡିସିମିଲ ଓ ଗୁରୁଚରଣ ମୁଣ୍ଡାଙ୍କ ପୁଅ ରାମଚରଣଙ୍କ ୧ ଏକକରୁ ଉର୍ଦ୍ଧ୍ୱ ଜମି ବେଆଇନ ଭାବେ କମ୍ପାନୀ ଜବରଦଖଲ କରି କବ୍ଜା କରିଥିବାର ଜଣାପଡିଥିଲା । ଏପରିକି ମିଥ୍ୟା କବଲା କରି କାରଖାନା କର୍ତ୍ତୃପକ୍ଷ ୨୦୦୦ ମସିହାରୁ ସମ୍ପୃକ୍ତ ଜମିକୁ ବେଆଇନ ଭାବେ ଦଖଲ କରିଥିବାର ଶ୍ରୀ ଗାଗ୍ରାଇ ଏହି ସମ୍ମିଳନୀରେ ଏକ ବୈଧାନିକ ପ୍ରଶ୍ନ ଉତ୍‌ଥାପନ କରିଥିଲେ । ଏହି ଘଟଣା ପେର କାରଖାନା କର୍ତ୍ତୃପକ୍ଷ ପ୍ରତିକ୍ରିୟାଶୀଳ ହୋଇ ସ୍ଥାନୀୟ ପୁଲିସକୁ ବ୍ୟବହାର କରି ଜମିହରାଙ୍କୁ ନ୍ୟାୟ ଦେବା ବଦଳରେ ମିଥ୍ୟା ମୋକଦ୍ଦମା କରି ଜେଲ ପଠାଉଥିବା ଅଭିଯୋଗ କରିଥିଲେ । ତେବେ ଭବିଷ୍ୟତରେ କାରଖାନା କର୍ତ୍ତୃପକ୍ଷ କରିଥିବା ଚୁକ୍ତିନାମାରୁ ଓହରିଗଲେ କିମ୍ବା ସ୍ଥାନୀୟ ପୁଲିସ ଏକପାଖିଆ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ୟମ କଲେ, ସମ୍ପୃକ୍ତ ଆଦିବାସୀ ସଂଗଠବ ଅଗଣତାନ୍ତ୍ରୀକ ପଦ୍ଧତିର ଆଶ୍ରୟ ନେବାକୁ ମଧ୍ୟ ପଛାଇବ ନାହିଁ ବୋଲି ଶ୍ରୀ ଗାଗ୍ରାଇ ଗଣମାଧ୍ୟମରେ ଚେତାବନୀ ଦେଇଥିଲେ । ଆଦିବାସୀ ଜମିହରାଙ୍କୁ କମ୍ପାନୀର ପ୍ରତାରଣା

## ପ୍ରଥମ ପୃଷ୍ଠାରୁ...

### ଇଲେକ୍ଟୋରାଲ ବଣ୍ଡକୁ ବିରୋଧ ...

ଶୁଣାଣି ଆରମ୍ଭ କରି କେନ୍ଦ୍ର ସରକାରଙ୍କୁ ନୋଟିସ ପଠାଇଛନ୍ତି । ଆବେଦନକାରୀ ତାଙ୍କ ଆବେଦନପତ୍ରରେ ଦର୍ଶାଇଛନ୍ତି ଯେ, ଏହା ଦ୍ୱାରା ଅଧିକ ରାଜନୈତିକ ଦୁର୍ନୀତି ବଢ଼ିବ ଓ କଳାଧନର କାରବାର ହେବ । ଏହି ପ୍ରସଙ୍ଗରେ ବିଲ ଆଣିବା ସମୟରେ ତାଙ୍କ ଦଳ ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ବିରୋଧ କରିଥିଲା । କିନ୍ତୁ ଏହାକୁ ସରକାର ଗ୍ରହଣ କରିନଥିଲେ । ଫଳରେ ସେ ବାଧ୍ୟ ହୋଇ ଅଦାଲତ ଆସିଥିବା ଦର୍ଶାଇଛନ୍ତି ।

ପ୍ରକାଶ ଥାଉକି ଏହି ବଣ୍ଡ କେବଳ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କେତେକ ବଛାବଛା ଶାଖାଗୁଡ଼ିକରେ ବିକ୍ରୟ କରାଯିବାର ପ୍ରସ୍ତାବ ରହିଛି । ଏଥିରେ କୌଣସି ରାଜନୈତିକ ଦଳ ବା ବ୍ୟକ୍ତିବିଶେଷଙ୍କ ନାମ ଉଲ୍ଲେଖ ରହିବ ନାହିଁ । ୧ ହଜାର ଟଙ୍କା, ୧୦ ହଜାର, ୧ ଲକ୍ଷ, ୧୦ ଲକ୍ଷ , ୧କୋଟି ଓ ସେଗୁଡ଼ିକର ବିଭିନ୍ନ ଗୁଣାତ୍ମକ ପରିମାଣର ବଣ୍ଡ ଉପଲବ୍ଧ ହେବ ।

### ମାହାଙ୍ଗାରେ ବିଜେପିରେ ମିଶିଲେ ବୁଲୁ ପ୍ରଧାନଙ୍କ ସହ ହଜାର ହଜାର ସମର୍ଥକ

ବୋଲି ପ୍ରଶ୍ନ କରି ବିଜେପି ମହିଳା ମାନେ ମହିଳା କମିଶନଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିବାରୁ ମହିଳା କମିଶନଙ୍କ ରିପୋର୍ଟ ଆଧାରରେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆ ଯିବା ନେଇ ପୋଲିସ କମିଶନର ଯୋଗେଶ ବାହାଦୁର ଖୁରାନିଆଙ୍କ ଘୋଷଣାକୁ କଟୁ ସମାଲୋଚନା କରିଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଗଣ ଦୁଷ୍କର୍ମ ପୀଡିତା ସସ୍ମିତାଙ୍କୁ ନ୍ୟାୟ ମିଳିଲା ନାହିଁ । ପୋଲିସ ପୋଷାକଧାରୀଙ୍କ ଗଣ ବଳାତ୍କାରର ଅଭିଯୋଗ ଆଣିବା ପରେ ଓଡିଶା ପୋଲିସ ଝିଅ ଟିକୁ ପାଗଳୀ, ଚରିତ୍ରହୀନା ଦର୍ଶାଇବା ସହ ଟଙ୍କା ଦେଇ ପାଟି ଚୁପ କରିବାକୁ ଉଦ୍ୟମ କଲା । ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ କରି ଓଲଟା ନ୍ୟାୟ ପାଇଁ ଲଢେଇ କରୁଥିବା ମହିଳାଙ୍କ ବିରୁଦ୍ଧରେ ଖୁରାନିଆଙ୍କ ବୟାନ ସରକାରଙ୍କର ମାନସିକତାର ପୋଲ୍ ଖୋଲି ଦେଉଛି ବୋଲି ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଯାଜପୁର ଜିଲ୍ଲାର ଦଶରଥପୁରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲୋଭ ଦେଖାଇ ଶାସକ ଦଳର ଅଫିସରେ ବିଜେଡି ବିଧାୟକଙ୍କ ନିଜ ଲୋକଙ୍କ ଦ୍ୱାରା ଜଣେ ମହିଳାଙ୍କ ଇଜ୍ଜତ ନେବାର ଉଦ୍ୟମ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲାର ବାଣପୁର ଠାରେ ଦୁଷ୍କର୍ମ ଅଭିଯୋଗ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଝିଅଟି ଆତ୍ମହତ୍ୟା କରିଛି । ଏହା ନବୀନ ପଟ୍ଟନାୟକଙ୍କ ମା କୁ ସମ୍ମାନ କି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ତାଙ୍କୁ ଦେଶର ଗରୀବ ମହିଳାଙ୍କୁ ମାଗଣାରେ ଏଲପିଜି ଦେବାକୁ କହିଥିଲେ । ତିନି ବର୍ଷରେ ୫ କୋଟି ଲକ୍ଷ୍ୟରୁ ୧୫ ମାସରେ ୩.୩ କୋଟି କରିବାପରେ ଏହି ଲକ୍ଷ୍ୟକୁ ବଜେଟରେ ୮ କୋଟିକୁ ବଢାଇ ଦେଇଛନ୍ତି । ଟେକ୍ନୋଲଜି ଓ ଟ୍ରାନସପରେନ୍ସି ଯୋଗୁ ହିତାଧିକାରୀ ଚୟନ ଓ ତାଲିକାରେ ବିବାଦ ନାହିଁ । ମାତ୍ର ଓଡିଶାରେ ଚାଉଳ ପାଇଁ ରାସନ କାର୍ଡ ବାଂଟିବା ବେଳେ ନବୀନ ପଟ୍ଟନାୟକଙ୍କ ତାଲିକାରେ କଟକର ମେୟର ସାମିଲ ହୋଇ ଯିବା କି ପ୍ରକାର ଗରୀବ କଲ୍ୟାଣ ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ଯୋଗ୍ୟ ଗରୀବ ହିତାଧିକାରୀଙ୍କୁ ନୁହେଁ ଦଳୀୟ ଆଧାରରେ ସରକାରୀ ଯୋଜନା ବାଣ୍ଟି ଦେବା ନବୀନଙ୍କ ଥିଟି ନୀତି କି ବୋଲି ସେ ପ୍ରଶ୍ନ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଚଳିତ ବଜେଟରେ ଦେଶର ଦଶ କୋଟି ପରିବାରର ୫୦ କୋଟି ଲୋକଙ୍କୁ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରିଛନ୍ତି । କୃଷି ଉତ୍ପାଦନ ମୂଲ୍ୟର ଦେଢ ଗୁଣ ସର୍ବ ନିମ୍ନ ସହାୟକ ମୂଲ୍ୟ ହେବା ନେଇ ନୀତିଗତ ନିଷ୍ପତ୍ତି ନିଆ ଯାଇଛି । ମାହାଙ୍ଗା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ହେବା ସତ୍ତ୍ୱେ ଡାକ୍ତରଖାନାରେ ଡାକ୍ତର ନ ରହିବା 'କଠିନ ପରିଶ୍ରମ' କି ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପାରାଦୀପ - ହରିଦାସପୁର ରେଳପଥ ନବୀନ ସରକାରଙ୍କ ଅପାରଗତା ଯୋଗୁ ଆଗକୁ ବଢି ପାରୁ ନାହିଁ । ଜମି ଅଧିଗ୍ରହଣ ରାଜ୍ୟ ସରକାରଙ୍କ ଦାୟିତ୍ୱ । ଆଇନ ଶୃଙ୍ଖଳା ରାଜ୍ୟର । ମାତ୍ର ନିଜ ଦାୟିତ୍ୱ ପାଳନ ନ କରି ନବୀନ ସରକାର ଅନ୍ୟକୁ କେବଳ ଦୋଷ ଦେଇ କର୍ତ୍ତବ୍ୟ ଶେଷ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି । ରାଜ୍ୟର ବିକାଶ ପାଇଁ ପରିବର୍ତ୍ତନ ଜରୁରୀ ହୋଇଥିବା ବେଳେ ସାରା ରାଜ୍ୟରେ ବଡ ରାଜନୈତିକ ପରିବର୍ତ୍ତନ ପାଇଁ ଲୋକ ମନ ବଳାଉଥିବା ସେ କହିଛନ୍ତି ।

### ଅଧା ରହିଗଲା ଶ୍ରୀମନ୍ଦିର ...

୧୫୭୬ଟି ପରାମର୍ଶପତ୍ର ମଧ୍ୟ ପହଞ୍ଚିଥିଲା । ଦେଶ ବିଦେଶରୁ ଇ-ମେଲ୍ ଜରିଆରେ ୧୨୬ଟି ପରାମର୍ଶ ଆସିଥିଲା । ଏସବୁ ଉପରେ ତର୍ଜମା କରି ଚୂଡାନ୍ତ ରିପୋର୍ଟ ଦେବା ପାଇଁ କମିଶନ ଆଉ ଅଧିକ ସମୟ ଚାହୁଁଥିଲେ । କିନ୍ତୁ ସରକାର କମିଶନଙ୍କୁ ସେହି ସୁଯୋଗ ଦେଇନଥିବାରୁ କମିଶନଙ୍କ ଦେଢ଼ବର୍ଷର ପରିଶ୍ରମ ବେକାର ହୋଇଥିବା କୁହାଯାଉଛି । ଏହା ସହ ଏହି କମିଶନ ନିଯୁକ୍ତିର ଔଚିତ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ଓଡିଶାର ଆଉ ...

ଆଇଡି ରଖି ଆମେ କ'ଣ କରିବୁ ? ଏହି ପ୍ରସଙ୍ଗରେ ରାଇପୁରା ଗ୍ରାମରେ କାର୍ଯ୍ୟ କରୁଥିବା ଆନ୍ଧ୍ରର ଆଶାକର୍ମୀ ମାଝୀ ଜମ୍ବୁବତୀ କହିଛନ୍ତି ଯେ, ଏହି ଗ୍ରାମ ଆନ୍ଧ୍ର ଅଧୀନରେ ଅଛି । ଏଣୁ ଆମକୁ ଏହି ଗ୍ରାମରେ ପ୍ରସୂତି ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ସେବା ବୁଝିବାକୁ କୁହାଯାଇଛି । ଏହି ପ୍ରସଙ୍ଗରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ରଞ୍ଜନ କୁମାର ବିଶ୍ୱାଳ କହିଛନ୍ତି ଯେ, ଉକ୍ତ ୨ଟି ଗ୍ରାମକୁ ନେଇ ବିବାଦ ଲାଗି ରହିଥିବାରୁ ଯୁଗ୍ମ ତଦନ୍ତ କମିଟି ଦ୍ୱାରା ତଦନ୍ତ କରାଯାଇଛି । ତଦନ୍ତର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ।

## ଜାନୁଆରୀ ମାସରେ ୧୦ ଟି ମାମଲାରେ ୧୧ ଜଣ ଲାଂଚୁଆ ବାବୁ ଭିଜିଲାନସ ଜାଲରେ

କଟକ, ୨/୨ (ଶ୍ରୁମି) : ଚଳିତ ବର୍ଷ ଜାନୁଆରୀ ମାସରେ ୧୦ ଟି ମାମଲାରେ ୧୧ ଜଣ ଲାଂଚଖୋର ବାବୁ ଭିଜିଲାନସ ଜାଲରେ ପଡିଛନ୍ତି । ସେମାନଙ୍କ ବିରୋଧରେ କୋରାପୁଟ ଭିଜିଲାନସ ଥାନାରେ ୧ଟି, ବାଲେଶ୍ୱର ଭିଜିଲାନସ ଥାନା ରେ ୪ ଟି, ବ୍ରହ୍ମପୁର ଭିଜିଲାନସ ଥାନା ରେ ୨ ଟି, ସମ୍ବଲପୁର ଭିଜିଲାନସ ଥାନା ରେ ୧ ଟି, କଟକ ଓ ଭୁବନେଶ୍ୱର ଭିଜିଲାନସ ଥାନା ରେ ୧ ଟି ଲେଖାଏଁ ଦୁର୍ନୀତି ମାମଲା ରୁଜୁ ହୋଇଛି । ଜାନୁଆରୀ ମାସରେ ଭିଜିଲାନସ ଜାଲରେ ପଡିଥିବା ବାବୁମାନଙ୍କ ମଧ୍ୟରେ ଜଣେ ୧ମ ଶ୍ରେଣୀ, ୫ ଜଣ ୨ୟ ଶ୍ରେଣୀ, ୩ ଜଣ ୩ୟ ଶ୍ରେଣୀ, ଏବଂ ୨ ଜଣ ୪ର୍ଥ ଶ୍ରେଣୀ, କର୍ମଚାରୀ ବୋଲି ଭିଜିଲାନସ ବିଭାଗ ସୂତ୍ରରୁ ଜଣାପଡିଛି । ସେମାନେ ସମସ୍ତେ ମୋଟ ୧ ଲକ୍ଷ ୮୦ ହଜାର ୨୦୦ ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନସ ହାବୁଡରେ ପଡିଛନ୍ତି ।

କୋରାପୁଟ ଭିଜିଲାନସ ଥାନା ରେ ଜାନୁଆରୀ ୩ ତାରିଖରେ ରୁଜୁ ହୋଇଥିବା ୧/୨୦୧୮ ନମ୍ବର ମାମଲାର ବିବରଣୀ ଅନୁସାରେ ପୋଖରୀ ଖୋଳା ବାବଦ ସବସିଡି ଅର୍ଥ ମଂଜୁର କରିବା ନିମନ୍ତେ ଲିଙ୍ଗରାଜ ପଣ୍ଡା ଙ୍କ ଠାରୁ ୫ ହଜାର ଟଙ୍କା ଲାଂଚ ନେବାବେଳେ ରାୟଗଡା ଜିଲ୍ଲା ସହକାରୀ ମତ୍ସ୍ୟ ଅଧିକାରୀ ଓମ ପ୍ରକାଶ ରଣା ଏବଂ କାରୁଣ୍ୟ ଅଧିକାରୀ ଭିଜିଲାନସ ଜାଲରେ ପଡି ଗିରଫ ହୋଇଛନ୍ତି । ବାଲେଶ୍ୱର ଭିଜିଲାନସ ଥାନା ରେ ଜାନୁଆରୀ ୩ ତାରିଖରେ ରୁଜୁ ହୋଇଥିବା ୨/୨୦୧୮ ନମ୍ବର ମାମଲାର ବିବରଣୀ ଅନୁସାରେ ବିଦ୍ୟାଳୟ ପିଲାଙ୍କ ୟୁନିଫର୍ମ ସିଲାଇ ବାବଦରେ ୨୬ହଜାର ୮୦୦ ଟଙ୍କା ର ବିଲ୍ ପାସ୍ କରିବା ନିମନ୍ତେ ମୀନାରାଣୀ ବିଦାନ୍ତଙ୍କ ଠାରୁ ୮୨୦୦ ଟଙ୍କା ଲାଂଚ ନେବା ବେଳେ ଭଦ୍ରକ ଗ୍ରାମାଂଚଳ ଥାନା ଅନ୍ତର୍ଗତ ଚାରିଘରିଆ ପ୍ରୋଜେକ୍ଟ ୟୁ.ପି ସ୍କୁଲ ର ପ୍ରଧାନ ଶିକ୍ଷିକା ଅନିତା ପ୍ରଧାନ ଭିଜିଲାନସ ଜାଲରେ ପଡି ଗିରଫ ହୋଇଛନ୍ତି । ସେହିପରି ଏହି ଥାନା ରେ ସେହି ମାସ ୧୦ ତାରିଖରେ ରୁଜୁ ହୋଇଥିବା ୩/୨୦୧୮ ନମ୍ବର ମାମଲା ର ବିବରଣୀ ଅନୁସାରେ ସୋଣ ନଦୀ ରୁ ବାଲି ଚାଲାଣ କରିବା ନିମନ୍ତେ ହେମନ୍ତ କୁମାର ବେହେରା ଙ୍କ ଠାରୁ ୧ ଲକ୍ଷ ଟଙ୍କା ଲାଂଚ ନେଉଥିବା ବେଳେ ମୟୁରଭଂଜ ଜିଲ୍ଲା କପ୍ତିପଦା ତହସିଲଦାର ଶରତ କୁମାର ମଲ୍ଲିକ ଭିଜିଲାନସ ଜାଲ ରେ ପଡି ଗିରଫ ହୋଇଛନ୍ତି । ଏହି ଥାନା ରେ ଗତ ୧୫ ତାରିଖରେ ରୁଜୁ ହୋଇଥିବା ୪/୨୦୧୮ ନମ୍ବର ମକଦ୍ଦମା ର ବିବରଣୀ ଅନୁସାରେ ଚାଷଜମିରେ ବୋରୱେଲ ବସାଇବା ନିମନ୍ତେ ରଣଜିତ ମହାନ୍ତ ଙ୍କ ଠାରୁ ୩୦ ହଜାର ଟଙ୍କା ଲାଂଚ ନେବା ସମୟରେ କେଉଁଝର ଉଠା ଜଳସେଚନ ଏକଜିକ୍ୟୁଟିଭ ଇଂଜିନିୟର ଙ୍କ ଅଫିସ ର ଜୁନିଅର ଇଂଜିନିୟର ଦେବାଶିଷ ମହାନ୍ତି ଭିଜିଲାନସ ଜାଲରେ ପଡିଛନ୍ତି । ବାଲେଶ୍ୱର ଭିଜିଲାନସ ଥାନା ରେ ଗତ ମାସ ୩୦ ତାରିଖରେ ରୁଜୁ ହୋଇଥିବା ୫/୨୦୧୮ ନମ୍ବର ମାମଲା ର ବିବରଣୀ ଅନୁସାରେ ଏକ ମ୍ୟୁଟେସନ କେସ ର ଏନକ୍ୱାରୀ ରିପୋର୍ଟ ଦେବା ନିମନ୍ତେ ବିଶ୍ୱନାଥ ପରିଡାଙ୍କ ଠାରୁ ମାତ୍ର ୨ ହଜାର ଟଙ୍କା ଲାଂଚ ନେବା ସମୟରେ ଭଦ୍ରକ ଜିଲ୍ଲା ସରଣା ରାଜସ୍ୱ ସର୍କଲ ର ରାଜସ୍ୱ ନିରୀକ୍ଷକ ପ୍ରହଲ୍ଲାଦ ସାମନ୍ତ ଭିଜିଲାନସ ଦ୍ୱାରା ଗିରଫ ହୋଇଛନ୍ତି ।

ବ୍ରହ୍ମପୁର ଭିଜିଲାନସ ଥାନା ରେ ଜାନୁଆରୀ ୮ ତାରିଖରେ ରୁଜୁ ହୋଇଥିବା ୧/୨୦୧୮ ନମ୍ବର ମାମଲା ର ବିବରଣୀ ଅନୁସାରେ ଏକ ମ୍ୟୁଟେସନ ଫାଇଲ ପ୍ରସେସ କରିବା ନିମନ୍ତେ ଦଣ୍ଡପାଣି ବେହେରା ଙ୍କ ଠାରୁ ୬ ହଜାର ଟଙ୍କା ଲାଂଚନେବା ବେଳେ ଗଂଜାମ ଜିଲ୍ଲା ବୁଗୁଡା ତହସିଲଦାର ଙ୍କ ଅଫିସରେ କାର୍ଯ୍ୟରତ କିରାଣୀ ଦିଲୀପ କୁମାର ମଲ୍ଲିକ ଭିଜିଲାନସ ଜାଲରେ ପଡିଛନ୍ତି । ପୁଣି ସେହି ଥାନା ରେ ୧୫ ତାରିଖରେ ରୁଜୁ ହୋଇଥିବା ୨/୨୦୧୮ ନମ୍ବର ମାମଲା ର ବିବରଣୀ ଅନୁସାରେ ଏକ ୱେଲଡିଂ ଦୋକାନ କୁ ବିଜୁଳି ସଂଯୋଗ ଦେବା ନିମନ୍ତେ କୁଂଜବିହାରୀ ବେହେରା ଙ୍କ ଠାରୁ ୧୦ ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ ଗଂଜାମ ଜିଲ୍ଲା ବୁଗୁଡା ଠାରେ ଥିବା ସାଉଥକୋ ଅଫିସ ର ଲାଇନମ୍ୟାନ-ବି ଜୀବଂଜୟ ଲେଙ୍କା ଗିରଫ ହୋଇଛନ୍ତି ।

ସମ୍ବଲପୁର ଭିଜିଲାନସ ଥାନା ରେ ଗତ ୯ ତାରିଖରେ ରୁଜୁ ହୋଇଥିବା ୧/୨୦୧୮ ନମ୍ବର ମାମଲାର ବିବରଣୀ ଅନୁସାରେ ଚାଷଜମି କୁ ଦିଆଯାଇଥିବା ବିଜୁଳି ସଂଯୋଗ ବାବଦ ରେ ପ୍ରୋଭିଜନାଲ ବିଦ୍ୟୁତ ଗ୍ରାହକ ବିଲ କୁ ସଂଶୋଧନ କରିବା ନିମନ୍ତେ ଭ୍ରମର କର୍ଣ୍ଣ ଙ୍କ ଠାରୁ ୮ ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ ଗିରଫ ହୋଇଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବିନିକାସ୍ଥିତ ୱେସକୋ ବିଦ୍ୟୁତ ସେକସନ ର ଜୁନିଅର ଇଂଜିନିୟର ଚିତ୍ତରଂଜନ ବେଉରା । ସେହିପରି କଟକ ଭିଜିଲାନସ ଥାନା ରେ ଗତ ୧୭ ତାରିଖରେ ରୁଜୁ ହୋଇଥିବା ୧/୨୦୧୮ ନମ୍ବର ମାମଲାର ବିବରଣୀ ଅନୁସାରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ତହସିଲ ଅଫିସ ର ଏକ ମ୍ୟୁଟେସନ କେସ ନଂ ୧୬୯୩/୨୦୧୭ ର ରେକର୍ଡସ ଅଫ୍ ରାଇଟସ ପାଇଁ ଆବଶ୍ୟକ ଭେରିଫିକେସନ ରିପୋର୍ଟ ଦେବା ନିମନ୍ତେ ବଳରାମ ବେହେରା ଙ୍କ ଠାରୁ ୮ ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ କୁଜଙ୍ଗ ରାଜସ୍ୱ ସର୍କଲ ର ରାଜସ୍ୱ ନିରୀକ୍ଷକ ସୁବାସ ଚନ୍ଦ୍ର ଦାସ ଭିଜିଲାନସ ଜାଲ ରେ ପଡି ଗିରଫ ହୋଇଛନ୍ତି । ଗତମାସ ୨୫ ତାରିଖରେ ଭୁବନେଶ୍ୱର ଭିଜିଲାନସ ଥାନା ରେ ରୁଜୁ ହୋଇଥିବା ୧/୨୦୧୮ ନମ୍ବର ମାମଲା ର ବିବରଣୀ ଅନୁସାରେ ମେଡିକାଲ ବିଲ ପ୍ରାପ୍ତି ବାବଦ ଫାଇଲ ପ୍ରସେସ କରିବା ନିମନ୍ତେ ଅଭିମନ୍ୟୁ ବରାଡ ଙ୍କ ଠାରୁ ୩ ହଜାର ଟଙ୍କା ଲାଂଚ ନେବା ବେଳେ ସହିଦନଗରସ୍ଥିତ ଇଏସଆଇ ଡାକ୍ତରଖାନା ର ଡ୍ରେସର୍ ରବୀନ୍ଦ୍ର କୁମାର ନନ୍ଦ ଭିଜିଲାନସ ଜାଲରେ ପଡି ଗିରଫ ହୋଇଛନ୍ତି । ଗୋଟିଏ ମାସରେ ୧୦ ଟି ଲାଂଚ ମାମଲା ରୁଜୁ ହେବା ସହ ୧୧ ଜଣ ଲାଂଚୁଆ ବାବୁ ଗିରଫ ହେବା ଉଲ୍ଲେଖନୀୟ ଘଟଣା ବୋଲି କୁହାଯାଉଛି ।

## ୭୦ତମ ରାଜ୍ୟ ପୋଲିସ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ଭୁବନେଶ୍ୱର, ୨/୨ (ଶ୍ରୁମି) : ୭୦ତମ ରାଜ୍ୟସ୍ତରୀୟ ପୋଲିସ ଦୌଡ଼କୁଦ ପ୍ରତିଯୋଗିତା ଆଜି ପୂର୍ବାହ୍ଣରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଆରକ୍ଷୀ ମହାନିର୍ଦ୍ଦେଶକ ଅଗ୍ନିଶମ ସେବା, ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ ଓ ନିର୍ଦ୍ଦେଶକ ବେସାମରିକ ପ୍ରତିରକ୍ଷା ସଂଗଠନ, ଓଡ଼ିଶା ବିଜୟ କୁମାର ଶର୍ମାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଚିତ୍ତାକର୍ଷକ ମାର୍ଚ୍ଚପାଷ୍ଟରେ ମୁଖ୍ୟ ଅତିଥି ଶ୍ରୀ ଶର୍ମା ଅଭିବାଦନ ଗ୍ରହଣ କରିଥିଲେ । ଖେଳାଳୀମାନଙ୍କୁ ଖେଳୁଆଡ଼ ମନୋଭାବ ସହ ପ୍ରତିଯୋଗିତାମାନଙ୍କରେ ଅଂଶଗ୍ରହଣ କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ ।

ଏହି ପ୍ରତିଯୋଗିତାରେ ଜିଲ୍ଲାମାନଙ୍କରୁ ୨୭ଟି ଦଳ, ବାଟାଲିୟନରୁ ୨୧ ଦଳ, ବେତାର ଏବଂ ରେଲୱେ ପ୍ରତିଷ୍ଠାନରୁ ୨ ଦଳ ଏବଂ କମିଶନରେଟ୍ ପୋଲିସରୁ ୨ ଟି ଦଳକୁ ମିଶାଇ ସମୁଦୟ ୫୨ଟି ଦଳରୁ ମୋଟ୍ ୯୯୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ୮୫୫ ଜଣ ପୁରୁଷ ଓ ୧୩୫ ଜଣ ମହିଳା ପ୍ରତିଯୋଗୀ ଅଛନ୍ତି । ପୁରୁଷ ପାଇଁ ୨୩ଟି ବିଭାଗ ଓ ମହିଳାଙ୍କ ପାଇଁ ୧୩ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ । ଏହି ପ୍ରତିଯୋଗିତା ଆସନ୍ତା ୫ ତାରିଖ ଅପରାହ୍ଣରେ ଉଦ୍‌ଯାପିତ ହେବ । ସମୁଦାୟ ୪ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଦୌଡ଼କୁଦ ପ୍ରତିଯୋଗିତା ସହ ହାଇଜମ୍ପ, ଲଙ୍ଗ ଜମ୍ପ, ଟ୍ରିପଲ୍ ଜମ୍ପ, ହଡଲ୍ସ, ଜାଭେଲିନ୍ ଥ୍ରୋ, ଡିସ୍କସ୍ ଥ୍ରୋ, ପୋଲ୍ ଭଲ୍ଟ, ସଟପୁଟ୍ ଆଦି ବିବିଧ ବିଭାଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ । ଏହାଛଡ଼ା ପ୍ରତିଯୋଗିତାରେ ଏକ ପୂର୍ଣ୍ଣାଙ୍ଗ ମାରାଥନ୍ ଦୌଡ଼ (୪୨ କି.ମି.) ଆୟୋଜନ କରାଯିବ ଯେଉଁଥିରେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ । ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ଆୟୋଜନ କମିଟିର ଅଧକ୍ଷ ସତ୍ୟଜିତ୍ ମହାନ୍ତି, ଆୟୋଜନ କମିଟିର ସମ୍ପାଦକ ତଥା ପରିଚାଳକ ସଞ୍ଜୀବ ପଣ୍ଡାଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଉତ୍ସବକୁ ଆୟୋଜନ କମିଟିର ସହ ପରିଚାଳକ ସତ୍ୟନାରାୟଣ ଜମାଦାର ଓ କ୍ରୀଡ଼ାଧିକାରୀ ବିଭୂତି ଭୂଷଣ ପରିଡ଼ା ପରିଚାଳନା କରିଥିଲେ ।

## ୨ ହଜାର ଟଙ୍କିଆ ନକଲି ନୋଟ୍ କାରବାର କରୁଥିବା ୩ ଅଭିଯୁକ୍ତ ଗିରଫ

ମୟୁରଭଞ୍ଜ, ୨/୨ (ଶ୍ରୁମି) : ୨ ହଜାର ଟଙ୍କିଆ ଜାଲ୍ ନୋଟ୍ କାରବାର ଅଭିଯୋଗରେ ରାସଗୋବିନ୍ଦପୁର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୧୦୦ଟି ୨ ହଜାର ଟଙ୍କିଆ ଜାଲ୍ ନୋଟ୍‌କୁ ଜବତ କରାଯାଇଛି । ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ କଲେଜ ଛାତ୍ର । ଅଭିଯୁକ୍ତ କଲେଜ୍ ଛାତ୍ରମାନେ ନକଲି ନୋଟ୍ ଦେଇ କିଛି କିଣାକିଣି କରୁଥିବାବେଳେ ଧରାପଡ଼ିଥିଲେ । ଏହାପରେ ତାଙ୍କୁ ପଚରାଉଚୁରା କରି ବାରିପଦା ପୋଲିସ ମୁଖ୍ୟ ଆସାମୀ ନିକଟରେ ପହଞ୍ଚିଥିଲା ।

ରାସଗୋବିନ୍ଦପୁର ପୋଲିସ ସୂଚନା ମୁତାବକ ୨ ଜଣ ଛାତ୍ର ବାରିପଦାର ଏକ ଦୋକାନରେ ଲୁଗାପଟା କିଣିବା ପରେ ନକଲି ୨୦୦୦ ଟଙ୍କିଆ ନୋଟ୍ ଦେଇଥିଲେ । ନୋଟ୍‌କୁ ନେଇ ସନ୍ଦେହ ହେବାରୁ ଦୋକାନୀଜଣକ ପାଖ ଦୋକାନୀଙ୍କୁ ନୋଟ୍ ଦେଖାଇଥିଲେ । ଉକ୍ତ ଦୋକାନୀ ଏହା ଜାଲ୍ ବୋଲି କହିବା ପରେ ଦୋକାନୀ ଯୁବକଦ୍ୱୟଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ । ପଚରାଉଚରା

ପରେ ଏହି ୨ ଯୁବକ ଏଭଳି ନକଲି ନୋଟ୍ କାରବାର ମୁଖ୍ୟ ଆସାମୀ ସେଖ ସମିଲୁଦ୍ଦିନ ବିଷୟରେ କହିଥିଲେ । ପୋଲିସ ସମିଲୁଦ୍ଦିନକୁ ଗିରଫ କରିବା ସହ ତା'ଠାରୁ ଅନେକ ତଥ୍ୟ ହାସଲ କରିଛି । ଏହି ଜାଲ୍ ନୋଟ୍ ର୍ୟାକେଟ୍ ପଶ୍ଚିମବଙ୍ଗ, ବାଂଲାଦେଶ ଓ ସେଠାରୁ ପାକିସ୍ତାନକୁ ଲମ୍ବିଥିବା ମୟୁରଭଞ୍ଜ ଜିଲ୍ଲା ଅତିରିକ୍ତ ଏସ୍‌ପି ଦୀନଜନ ନାୟକ କହିଛନ୍ତି ।

## ଅର୍ଥମନ୍ତ୍ରୀ ବିତରଣ କଲେ 'ଏଏନ୍' ସିରିଜ୍‌ର ପୁରସ୍କାର

ଭୁବନେଶ୍ୱର, ୨/୨ (ଶ୍ରୁମି) : ଓଡ଼ିଶା ସରକାରଙ୍କ ଅର୍ଥବିଭାଗ, ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନନ ଯୋଜନା 'ଏଏନ୍' ସିରିଜ୍‌ର ପୁରସ୍କାର ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଚିବାଳୟସ୍ଥିତ ଅର୍ଥମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସଂକ୍ଷିପ୍ତ ତଥା ନିରାଡ଼ମ୍ବର ଉତ୍ସବରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏହି ଯୋଜନାର ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପୁରସ୍କାର ବିଜୟୀମାନଙ୍କୁ ସେମାନଙ୍କ ପୁରସ୍କାର ରାଶି ପ୍ରଦାନ କରିଥିଲେ । ସେ ଏହି ଅବସରରେ ସ୍ୱଳ୍ପ ସଞ୍ଚୟ ଆନ୍ଦୋଳନରେ ସମାଜର ପ୍ରତ୍ୟେକ ବର୍ଗ ନିଜକୁ ସାମିଲ୍ କରି ସୁରକ୍ଷିତ ଏବଂ ସରଳ ଉପାୟରେ ବ୍ୟକ୍ତିଗତ ଆର୍ଥିକ ପରିଚାଳନା ଦ୍ୱାରା ନିଜର ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ ।

ବ୍ରହ୍ମପୁରର ସାରଦା କୁମାରୀ ସାହୁ ଓ ସୁଜ୍ଞାନୀ ସାହୁ ଯୁଗ୍ମ ଭାବେ ପ୍ରଥମ ପୁରସ୍କାର ପାଇଥିବାବେଳେ ଟାଙ୍ଗୀ (ଖୋର୍ଦ୍ଧା)ର ସନ୍ତୋଷ ସାହୁ ୨ୟ, ମଙ୍ଗରାଜପୁର (ଭଦ୍ରକ)ର ସୁଶାନ୍ତ ଗୁଇଁ ଓ ସୋନାଲ ଦେ ଯୁଗ୍ମ ଭାବେ ୩ୟ ଏବଂ ଭଦ୍ରକ ସରସଦାର ମାନସ ରଞ୍ଜନ ଦାଶ ଓ ବୌଦ୍ଧଜିଲ୍ଲାର ପୁରୁଣାକଟକସ୍ଥିତ ପ୍ରାଣନାଥ ବେହେରା ୪ର୍ଥ ପୁରସ୍କାର ପ୍ରାପ୍ତ କରିଛନ୍ତି । ଏହି ଯୋଜନାରେ ୧ମ, ୨ୟ, ୩ୟ ଓ ଦୁଇଟି ୪ର୍ଥ ପୁରସ୍କାର ରାଶି ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ, ୧ ଲକ୍ଷ ଓ ୫୦ ହଜାର ଟଙ୍କାର ବ୍ୟବସ୍ଥା ରହିଛି । ଆୟକର ନିୟମାନୁସାରେ ପୁରସ୍କାର ରାଶିର ୩୦% ଅର୍ଥ ଆୟକର ବାବଦକୁ କାଟି ବଳକା ରାଶି ପୁରସ୍କାର ବିଜୟୀମାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ତୁହିନକାନ୍ତ ପାଣ୍ଡେ, ସ୍ୱତନ୍ତ୍ର ଶାସନ ସଚିବ ଚଣ୍ଡିକା ପ୍ରସାଦ ମହାନ୍ତି, ଅତିରିକ୍ତ ଶାସନ ସଚିବ ନିଧିକୁମାର ରାଉତରାୟ, ପ୍ରଦୀପ୍ତ ନନ୍ଦ, ଶରତ ବେହେରା ଓ ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶକ ପ୍ରଫୁଲ୍ଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ୍ୟ ଯେ, ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରହି ଓ ମିତବ୍ୟୟିତା ଅବଲମ୍ବନ କରି ଜନସାଧାରଣଙ୍କ ମଧ୍ୟରେ ସଞ୍ଚୟ ମନୋବୃତ୍ତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏହି ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ରାଜ୍ୟବାସୀଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଛି ।

### ଖାନନଗର ଉଚ୍ଚସାହିର ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

କଟକ, ୨/୨ (ଶ୍ରୁମି) : ସ୍ଥାନୀୟ ମଧୁପାଟଣା ଥାନା ଅନ୍ତର୍ଗତ ଖାନନଗର ଉଚ୍ଚସାହି ର ଧର୍ମପ୍ରାଣ ବ୍ୟକ୍ତି ପଦ୍ମନାଭ ସାହୁ ଙ୍କର ଗତକାଲି ବିଳମ୍ବିତ ରାତି ପ୍ରାୟ ୧ ଟା ସମୟରେ ନିଜ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ୫ ପୁଅ, ବୋହୁ, ନାତି, ନାତୁଣି ଙ୍କ ସମେତ ସାହିର ବହୁବିଶିଷ୍ଟ ବ୍ୟକ୍ତି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ତାଙ୍କର ଶେଷ ଦର୍ଶନ କରିଥିଲେ । ସେ ସ୍ଥାନୀୟ ଅଂଚଳରେ ଜଣେ ପରୋପକାରୀ, ସାହାଯ୍ୟକାରୀ, ବନ୍ଧୁବତ୍ସଳ, ଧର୍ମପରାୟଣ ବ୍ୟକ୍ତି ଥିଲେ । ଗତକିଛିଦିନ ହେଲା ସେ ଅସୁସ୍ଥତା କାରଣରୁ ରୋଗଶଯ୍ୟାରେ ପଡିରହିଥିଲେ । ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସ୍ଥାନୀୟ ଖାନନଗର ଶ୍ମଶାନ ରେ ଆଜି ମଧ୍ୟାହ୍ନ ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

### ଯୋବ୍ରାରେ ଜଣ୍ଡିସ: ଖୋଲିଲା ସ୍ୱାସ୍ଥ୍ୟ ଶିବିର

କଟକ, ୨/୨ (ଶ୍ରୁମି) : ବିଗତ ବର୍ଷ ପରି ଚଳିତ ବର୍ଷ ମଧ ଯୋବ୍ରା ଅଂଚଳରେ ଜଣ୍ଡିସ୍ ବ୍ୟାପିବାରେ ଲାଗିଛି । ଏ ସଂପର୍କରେ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ଏହାକୁ ରୋକିବା ପାଇଁ ନ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଗୁରୁବାର ଅପରାହ୍ଣରେ ପ୍ରଭାବିତ ଅଂଚଳ ସମାଧିପାଟଣା ଓ ପାରେଶ୍ୱର ସାହିରେ ଖୋଲାଯାଇଛି ସ୍ୱାସ୍ଥ୍ୟ ଶିବିର । ଏହି ଅଂଚଳରେ ୧୦ ଜଣରୁ ଅଧିକ ବ୍ୟକ୍ତି ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ବେଳେ ଆଜି ଶିବିରକୁ ଆସିଥିବା ଆକ୍ରାନ୍ତମାନଙ୍କ ମଧ୍ୟରୁ ୩ ଜଣଙ୍କଠାରେ ଜଣ୍ଡିସ ଭୂତାଣୁ ଥିବା ସନ୍ଦେହ କରାଯାଇଥିବା ସଂପୃକ୍ତ ଡା. ସଚିଦାନନ୍ଦ ପଣ୍ଡା ସୂଚନା ଦେଇଛନ୍ତି । ସଂପୃକ୍ତ ଅଂଚଳରେ ଜାଇକା ପ୍ରକଳ୍ପର କାର୍ଯ୍ୟ ଚାଲିଥିବା କାରଣରୁ ବିଭିନ୍ନ ସ୍ଥାନରେ ପାଣି ପାଇପ ଫାଟି ଥିବାରୁ ପାନୀୟ ଜଳ ସଂକ୍ରମଣ ହେଉଥିବା ଜଣାପଡିଛି । ତେବେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଭାବିତ ଅଂଚଳରୁ ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ସଂପୃକ୍ତ ଅଂଚଳରେ ବିଶୁଦ୍ଧ ପାନୀୟ ଜଳ ବିତରଣ କରାଯାଉଥିବା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ ।

### ବେଗ ନିୟନ୍ତ୍ରଣ ପ୍ରତି ନାହିଁ ଧ୍ୟାନ, ବଢୁଛି ଦୁର୍ଘଟଣା

କଟକ, ୨/୨ (ଶ୍ରୁମି) : ମଧୁପାଟଣା ଛକଠୁ ବାଦାମବାଡ଼ି ଓ କାଠଯୋଡି ରିଂ ବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା । ଏହି ଦୁଇଟି ରାସ୍ତାରେ ଦୈନିକ ଘଟୁଛି ଦୁର୍ଘଟଣା । ଯାଉଛି ଅନେକ ଦୁର୍ଲ୍ଲଭ ଜୀବନ । ଆଉ କିଛି ସାରା ଜୀବନ ପଙ୍ଗୁ ପାଲଟିଯାଉଛନ୍ତି । ମାତ୍ର ଯାନବାହାନ ଚଳାଚଳର ବେଗ ପ୍ରତି କାହାର ଧ୍ୟାନ ନାହିଁ । ରିଂ ବନ୍ଧ ରାସ୍ତାରେ ଯାନ ଚଳାଚଳର ବେଗ ସଂପର୍କରେ ହାଇକୋର୍ଟ ଶୁଣାଣି କରି ଏକ ରାୟ ପ୍ରଦାନ କରିଥିଲେ । ବେଗ ପ୍ରତି କେତେ ରହିବ କୋର୍ଟ ଧାର୍ଯ୍ୟ କରି ପୁଲିସକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୁଲିସ କୋର୍ଟ ରାୟକୁ କିଛି ଦିନ କାର୍ଯ୍ୟ କରି ପରବର୍ତ୍ତୀ ସମୟରେ ଆଉ ନଜର ଦେଲାନାହିଁ । ଫଳରେ ଯାନବାହାନ ବେଗ ଉପରେ ଆଉ ଲଗାମ ନାହିଁ । ମିଟର କଂଟା ୮୦ ଟପିଯାଉଛି । ତା ସହ ଏବେ ଯାନବାହାନ ସଂଖ୍ୟା ବୃଦ୍ଧି ବି ପାଇଛି । ଏହି ରାସ୍ତାରେ ଯାନବାହାନ ଅହରହ ଅତିକ୍ରମ କରୁଛି ।

କିଛି ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଫଳରେ ନିୟମିତ ଦୁର୍ଘଟଣା ଘଟୁଛି । ସେହିପରି ମଧୁପାଟଣା ଛକ ଠାରୁ କିଛି କ୍ରସିଂ ପଏଂଟ ବନ୍ଦ କରାଯାଇଥିବାବେଳେ ଅନେକ ସ୍ଥାନରେ ଦୁର୍ଘଟଣା ଘଟୁଛି । ବିଶେଷକରି ବାଇକ ଓ ଟେମ୍ପୋ ଚାଳକଙ୍କ ପାଇଁ ଦୁର୍ଘଟଣାର ଶିକାର ହେଉଛନ୍ତି ସାଧାରଣ ଜନତା । କିଛି ଦିନ ତଳେ ଜଣେ ବ୍ୟକ୍ତି ରାସ୍ତା ପାର ହେଉଥିବାବେଳେ ଏକ ଦ୍ରୁତଗାମୀ ବାଇକ ଧକ୍କା ଦେଇ ପଳାଇଯାଇଥିଲା ।

ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା । ମାତ୍ର ଗାଡ଼ିର ବେଗ ଉପରେ ନିୟନ୍ତ୍ରଣ ପାଇଁ ପୁଲିସର ରହୁନାହିଁ ଧ୍ୟାନ । ପ୍ରତ୍ୟେକ ମାସରେ ଟ୍ରାଫିକ ପରିଚାଳନା ବୈଠକ ବସୁଥିବାବେଳେ ଏ ନେଇ ମଧ୍ୟ ଆଲୋଚନା ହେଉନାହିଁ । ଏହି ରାସ୍ତାରେ ପିସିଆର ବୁଲୁଥିବାବେଳେ ବେଗ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେଉନାହିଁ । ଫଳରେ ବଢିଚାଲିଛି ଦୁର୍ଘଟଣା । ଏହାଛଡା ରାସ୍ତା ପାର୍ଶ୍ୱ ଜବର ଦଖଲ କରାଯାଇ ରାସ୍ତାକୁ ସଂକୀର୍ଣ୍ଣ କରୁଥିବା ବେଳେ ଟ୍ରାଫିକ ପରିଚାଳନା କମିଟି ବୈଠକରେ ଉଚ୍ଛେଦ କରିବାକୁ କୁହାଯାଇଥିଲେ ମଧ୍ୟ କଡା ପଦକ୍ଷେପ ନ ନେବାରୁ ଉଚ୍ଛେଦ ପରେ ପୁଣି ଜବର ଦଖଲ ହେଉଥିବାରୁ ଦୁର୍ଘଟଣା ବଢୁଛି । ଏସବୁ ପୁଲିସର ଦାୟିତ୍ୱହୀନତା ଯୋଗୁଁ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି

### ନୂଆ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ

ଭୁବନେଶ୍ୱର , ୨/୨(ଶ୍ରୁମି : ଭାରତୀୟ ପ୍ରଶାସନିକ ଅଧିକାରୀ ସୁରେନ୍ଦ୍ରକୁମାର ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ଅନୁସୂଚିତ ଜାତି , ଜନଜାତି ଓ ପଛୁଆବର୍ଗ ତଥା ସଂଖ୍ୟାଲଘୁ ଓ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ରୂପେ କାର୍ଯ୍ୟ କରିଛନ୍ତି ।

## ନୀତିଶ୍ଲୋକ

ଯାବତ୍ ସଞ୍ଜାୟତେ କିଞ୍ଚିତ ସତ୍ତ୍ୱଂ ସ୍ଥାବରଜଙ୍ଗମମ୍ ।
କ୍ଷେତ୍ରକ୍ଷେତ୍ରଜ୍ଞସଂଯୋଗାଉଦ୍‌ବିଦ୍ଧି ଭରତର୍ଷଭ ।।

---

**ହେ ଭରତର୍ଷଭ ଅର୍ଜୁନ ! ସ୍ଥାବର ଓ ଜଙ୍ଗମ ଯେତେ ବି ପ୍ରାଣୀ ସୃଷ୍ଟି ହୁଅନ୍ତି, ସେମାନେ କ୍ଷେତ୍ର ଓ କ୍ଷେତ୍ରଜ୍ଞର ସଂଯୋଗରୁ ସୃଷ୍ଟି ହୁଅନ୍ତି ବୋଲି ତୁମେ ବୁଝ ।**

# ସାମାଜିକ ଓ ସ୍ୱାସ୍ଥ୍ୟକ୍ଷେତ୍ରକୁ ଗୁରୁତ୍ୱ

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ତାଙ୍କ ଜୀବନର ୫ମ ତଥା ୨୦୧୮-୧୯ ବର୍ଷ ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିଛନ୍ତି । ଏକ ବଜେଟ୍ କେବଳ ଆୟ ବ୍ୟୟର ଅଟକଳ ନୁହେଁ, ଏଥିରେ ସରକାରଙ୍କ ନୀତି ଏବଂ ଦେଶକୁ କେଉଁ ଦିଗରେ ନେବାକୁ ଚାହୁଁଛନ୍ତି ତାହା ପ୍ରତିଫଳିତ ହୋଇଥାଏ । ଏକ ଭଲ ବଜେଟର ପ୍ରମୁଖ ଲକ୍ଷ୍ୟ ହେଉଛି ଧନିକ ଶ୍ରେଣୀ, ପୁଞ୍ଜିପତି ତଥା ଶିଳ୍ପ ପତିଙ୍କଠାରୁ ଅଧିକ ହାରରେ ଟିକସଧାର୍ଯ୍ୟ କରି ସେଥିରୁ ସଂଗୃହୀତ ସମ୍ବଳକୁ ବିଭିନ୍ନ ଜନହିତକର ଯୋଜନା, ସାମାଜିକ କ୍ଷେତ୍ରରେ ବିନିଯୋଗ କରି ଦାରିଦ୍ର୍ୟ, କ୍ଷୁଧା, ବେକାରୀ ତଥା ବୈଷମ୍ୟ ହ୍ରାସ କରିବା । ଜେଟଲିଙ୍କ ଏହି ବଜେଟକୁ ସବିଶେଷ ସମୀକ୍ଷା କଲେ ଏହାର ଅସଲ ସ୍ୱରୂପ ଜଣାପଡ଼ିବ । ସବୁଠାରୁ ବଡ କଥା ହେଉଛି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅଧିନରେ ୧୦ କୋଟି ଗରିବ ଓ ଦୁର୍ବଳ ପରିବାରକୁ ସାମିଲ କରାଯିବ । ଏହାଦ୍ୱାରା ପ୍ରାୟ ୫୦ କୋଟି ଲୋକ ଉପକୃତ ହେବେ । ଏହି ଯୋଜନା (ମୋଦି କେୟାର) ଅଧିନରେ ପ୍ରତି ଗରିବଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ଭରଣା କରାଯିବ ଏବଂ ୩୦ ହଜାର ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଜନା ମିଳିବ । ଏହା ବିଶ୍ୱର ସର୍ବ ବୃହତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ହେବ ।

ବଜେଟରେ ଗରିବ ଏବଂ ମଧ୍ୟମ ବର୍ଗଙ୍କ ଚିନ୍ତା ଦୂର କରୁଥିବା ଏହି ସ୍ୱାସ୍ଥ୍ୟ ଯୋଜନା ଅଛି ଯାହା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବ ବୋଲି ଆଶା କରାଯାଏ । ଦିନକୁଚ ଦିନ ସ୍ୱସ୍ତ୍ୟସେବା ମହଙ୍ଗା ହୋଇଚାଲିଥିବା ବେଳେ ଏହା ଏକ ସମୟୋପଯୋଗୀ ପଦକ୍ଷେପ । ଏହି ବଜେଟରେ ଦେଶର ଛୋଟ ଉଦ୍ୟୋଗୀଙ୍କ ସମ୍ପତି ବୃଦ୍ଧି କରିବା ପାଇଁ ଯୋଜନାଗୁଡ଼ିକ ମଧ୍ୟ ରହିଛି। ଖାଦ୍ୟ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ଫାଇବର ଅପ୍ଟିକସ୍ ପର୍ଯ୍ୟନ୍ତ, ସଡ଼କ ଠାରୁ ବନ୍ଦର ପର୍ଯ୍ୟନ୍ତ, ଯୁବକଙ୍କ ଠାରୁ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ, ଗ୍ରାମୀଣ ଭାରତରୁ ଆୟୁଷ୍ମାନ ଭାରତ ପର୍ଯ୍ୟନ୍ତ, ଡିଜିଟାଲ ଇଣ୍ଡିଆରୁ ଷ୍ଟାର୍ଟ ଅପ୍ ଇଣ୍ଡିଆ ପର୍ଯ୍ୟନ୍ତ, ଏହି ବଜେଟ ହେଉଛି ଦେଶର ଶହେ ପଚିଶ କୋଟି ଲୋକଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବା ଭଳି ବଜେଟ। ଏହା ହେଉଛି ଦେଶର ବିକାଶକୁ ଗତିଶୀଳ କରିଲାବାଲା ବଜେଟ। ଏହି ବଜେଟ କୃଷକ ଅନୁକୂଳ, ସାଧାରଣ ଲୋକଙ୍କ ପାଇଁ ଅନୁକୂଳ, ବ୍ୟବସାୟ ପରିବେଶ ଅନୁକୂଳ ଏବଂ ଏହା ସହିତ ବିକାଶ ଅନୁକୂଳ ମଧ୍ୟ। ଏଥିରେ ସହଜରେ ବ୍ୟବସାୟ କରିବା ସହିତ ସହଜରେ ସହାବସ୍ଥାନ କରିବା ଉପରେ ଦୃଷ୍ଟି ଦିଆଯାଇଛି। ମଧ୍ୟମ ବର୍ଗ ପାଇଁ ଅଧିକ ସଂଚୟ, ଏକବିଂଶ ଶତାବ୍ଦୀର ଭାରତ ପାଇଁ ନୂତନ ପିଢ଼ିର ଭିତିଭୂମି ଏବଂ ଉନ୍ନତ ସ୍ୱାସ୍ଥ୍ୟ ସୁରକ୍ଷା-ଏହି ସମସ୍ତ ସହଜରେ ସହାବସ୍ଥାନ ଦିଗରେ ହେଉଛି ବଳିଷ୍ଠ ପଦକ୍ଷେପ।

ଆମ ଦେଶରେ କୃଷକମାନେ ଖାଦ୍ୟଶସ୍ୟ ଏବଂ ଫଳ-ପନିପରିବାର ରେକର୍ଡ ଉତ୍ପାଦନ କରି ଦେଶର ବିକାଶରେ ଐତିହାସିକ ଯୋଗଦାନ ଦେଇଛନ୍ତି। କୃଷକଙ୍କ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଏବଂ ସେମାନଙ୍କର ଆୟ ବୃଦ୍ଧି ଦିଗରେ ଏହି ବଜେଟରେ ଅନେକ ପଦକ୍ଷେପ ସମ୍ପର୍କରେ ପ୍ରସ୍ତାବ ରହିଛି। ଗାଁ ଏବଂ କୃଷି କ୍ଷେତ୍ରରେ ପାଖାପାଖି ରେକର୍ଡ ପରିମାଣର ସାଢ଼େ ୧୪ ଲକ୍ଷ କୋଟି ଟଙ୍କାର ଆବଂଟନ କରାଯାଇଛି। ୫୧ ଲକ୍ଷ ନୂତନ ଘର, ୩ ଲକ୍ଷ କିଲୋମିଟରରୁ ଅଧିକ ସଡ଼କ, ପାଖାପାଖି ୨ କୋଟି ଶୌଚାଳୟ, ପାଖାପାଖି ୧.୭୫ କୋଟି ଘରକୁ ବିଜୁଳି ସଂଯୋଗ, ଯାହାର ସିଧାସଳଖ ଲାଭ ଦଳିତ, ପିଡ଼ୀତ. ଶୋଷିତ, ବଂଚିତ ଲୋକଙ୍କୁ ମିଳିବ। ଏହା ହେଉଛି ଏଭଳି କାର୍ଯ୍ୟ ଯାହା ବିଶେଷ କରି ଗ୍ରାମାଂଚଳରେ ନିଜ ସହିତ ନୁତନ ରୋଜଗାରର ସୁଯୋଗ ନେଇ କରି ଆସିବ।

ତେବେ ଗୁଜରାଟ ନିର୍ବାଚନର ଫଳକୁ ନେଇ ସତର୍କ ହୋଇପଡିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୧୯ ନିର୍ବାଚନକୁ ଲକ୍ଷ୍ୟ ରଖି ହଠାତ୍ ଗ୍ରାମାଭିମୁଖୀ କରିଛନ୍ତି । ଏଣୁ ଏହି ବଜେଟରେ ଗ୍ରାମ ତଥା କୃଷିକ୍ଷେତ୍ରର ବିକାଶ ପାଇଁ ପୂର୍ବବର୍ଷ ତୁଳନାରେ ଅପେକ୍ଷାକୃତ ଅଧିକ ବ୍ୟୟ ବରାଦ କରିଛନ୍ତି ଯାହା ସ୍ୱାଗତଯୋଗ୍ୟ । ବଜେଟରେ ଗ୍ରାମ୍ୟ ବିକାଶ ପାଇଁ ୧,୩୮,୦୯୭ କୋଟି ଟଙ୍କାର ବ୍ୟୟ ବରାଦ ଘୋଷଣା କରିଛନ୍ତି । ୨୦୧୭-୧୮ ବର୍ଷରେ ଏହା ୧,୩୫,୬୦୪ କୋଟି ଟଙ୍କା ଥିଲା । ତଫସିଲଭୁକ୍ତ ଜାତି ବର୍ଗର କଲ୍ୟାଣ ନିମନ୍ତେ ବଜେଟରେ ୫୬,୬୧୯ କୋଟି ଟଙ୍କାର ବ୍ୟୟ ବରାଦ ରହିଛି ଯାହାକି ଚଳିତ ବର୍ଷ ଠାରୁ ୩,୯୦୦ କୋଟି ଟଙ୍କା ଅଧିକ ।

ସେହିପରି କୃଷକମାନଙ୍କୁ ଆକର୍ଷିତ କରିବାକୁ ବଜେଟରେ ଉଦ୍ୟମ କରାଯାଇଛି । ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଅଭିଭାଷଣରେ ୧୧ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ ପ୍ରସ୍ତାବ ବିଷୟ ଘୋଷଣା କରିଛନ୍ତି । ବଜେଟରେ କୃଷି, ଆନୁସଙ୍ଗିକ କ୍ଷେତ୍ର, ଗ୍ରାମ୍ୟ ବିକାଶ, ଗ୍ରାମ୍ୟ ଭିତ୍ତିଭୂମି, ସାମାଜିକ ସୁରକ୍ଷା, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଗାଁରେ ମାଗଣା ବିଦ୍ୟୁତ୍ ସଂଯୋଗ, ଗ୍ରାମୀଣଭାରତ ପାଇଁ ନୂଆ ଡିଜିଟାଲ ସାକ୍ଷରତା, ୮କୋଟି ଗରିବ ପରିବାରକୁ ରନ୍ଧନଗ୍ୟାସ ସଂଯୋଗ ସୁବିଧା ଆଦି ପ୍ରସ୍ତାବ ବଜେଟ୍‌ରେ ରହିଛି ।

ତେବେ ଏହି ବଜେଟ୍ କେଉଁ ଶ୍ରେଣୀଙ୍କୁ ଅଧିକ ନିରାଶ କରିଥାଏ ବା ତାହା ହେଉଛି ମଧ୍ୟବିତ୍ତ ଶ୍ରେଣୀ, ବିଶେଷକରି ବେତନଭୋଗୀ କର୍ମଚାରୀ । ଅର୍ଥମନ୍ତ୍ରୀ ଗ୍ରାମୀଣ ଓ କୃଷିକ୍ଷେତ୍ର ପାଇଁ ଅଧିକ ବ୍ୟୟବରାଦ କରିବାକୁଯାଇ ମଧ୍ୟବିତ୍ତ ଶ୍ରେଣୀଙ୍କୁ ଖୁସି କରିପାରିନାହାଁନ୍ତି । ପ୍ରଥମତଃ ମୁଦ୍ରାସ୍ଫୀତି ବୃଦ୍ଧିକୁ ଆଖିଆଗରେ ରଖି ଆୟକର ଛାଡ଼ ସୀମା ୨.୫ ଲକ୍ଷ କୋଟିଟଙ୍କାରୁ ଅତି କମ୍‌ରେ ୩ଲକ୍ଷକୋଟି ଟଙ୍କାକୁ ବୃଦ୍ଧି କରାଯିବାପାଇଁ ଆଶା କରାଯାଉଥିଲା । ଅର୍ଥମନ୍ତ୍ରୀ ୫ ବର୍ଷ ହେଲା ଏଥିନେଇ ମଧ୍ୟବିତ୍ତଙ୍କୁ ନିରାଶ କରିଆସିଛନ୍ତି । ଟିକସ ସୀମା ଅପରିବର୍ତ୍ତିତ ରଖି ଅର୍ଥମନ୍ତ୍ରୀ ବିକଶିତ ରାଷ୍ଟ୍ରଙ୍କ ଉଦାହରଣ ଦେଇଛନ୍ତି । ହେଲେ ସେ ଭୁଲି ଯାଇଛନ୍ତି ଯେ, ଆମେରିକା, ଜାପାନ ଆଦି ଦେଶର ଉପଭୋଗଭିତ୍ତିକ ଅର୍ଥନୀତି ହୋଇଥିଲାବେଳେ ଆମ ଦେଶ ଏକ ସଞ୍ଚୟଭିତ୍ତିକ ଅର୍ଥନୀତି । ଦେଶର ଆର୍ଥିକ ଅଭିବୃଦ୍ଧି ନିବେଶ ବା ପୁଞ୍ଜିବିନିଯୋଗ ଉପରେ ନିର୍ଭର କଲାବେଳେ, ନିବେଶ ସଞ୍ଚୟ ଉପରେ ନିର୍ଭର କରିଥାଏ । ଆଭ୍ୟନ୍ତରୀଣ ସଞ୍ଚୟର ଏକ ଅଂଶ ବିତ୍ତୀୟସଞ୍ଚୟ ଯେଉଁଥିରୁ କମ୍ପାନୀ ତଥା ସରକାର ଋଣ କରିଥାନ୍ତି । ଯେତେବେଳେ ଆମଦେଶରେ ସଞ୍ଚୟ ହ୍ରାସ ପାଉଛି ଅର୍ଥମନ୍ତ୍ରୀଙ୍କ ଏତାଦୃଶ ସିଦ୍ଧାନ୍ତ ଆର୍ଥିକ ଅଭିବୃଦ୍ଧିର ପରିପନ୍ଥୀ ଅଟେ । ସାଧାରଣତଃ ବେତନଭୋଗୀଙ୍କୁ ଛାଡ଼ି ସବୁ ଶ୍ରେଣୀର ଲୋକ ଆୟ ଲୁଚାଇଲାବେଳେ ଟିକସ ଫାଙ୍କିବାର ସୁଯୋଗଥାଏ । କିନ୍ତୁ ବେତନଭୋଗୀ କର୍ମଚାରୀଙ୍କ କ୍ଷେତ୍ରରେ ତାହା ସମ୍ଭବ ନୁହେଁ । ‘ମାର୍ ମାର୍ ଭଣ୍ଡାରିଆକୁ ମାର’ ନୀତିରେ ଅର୍ଥମନ୍ତ୍ରୀ ଆୟକରରେ ଶିକ୍ଷା ସେସ ବୃଦ୍ଧି କରି ସେ ମଧ୍ୟବିତ୍ତ ଶ୍ରେଣୀଙ୍କ ଉପରେ ଅଧିକ ଆର୍ଥିକ ବୋଝ ଲଦିଛନ୍ତି । ଅର୍ଥମନ୍ତ୍ରୀ ଭୁଲିବା ଅନୁଚିତ ଯେ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ, ବାଣିଜ୍ୟବ୍ୟବସାୟ ଏହି ଶ୍ରେଣୀର କ୍ରୟଶକ୍ତି ଉପରେ ନିର୍ଭରକରେ ଯେତେବେଳେ ଦେଶରେ ଚାହିଦା ହ୍ରାସ ପାଉଛି ସେତେବେଳେ ଅର୍ଥମନ୍ତ୍ରୀଙ୍କର ଏହି ପଦକ୍ଷେପ ଏହାକୁ ଆହୁରି ନିମ୍ନଗାମୀ କରିପାରେ।

ଏହି ବଜେଟରେ ଅନେକ ଭଲ ଦିଗ ମଧ୍ୟ ରହିଛି । ନୂତନ ବଜେଟରେ କୃଷି, ଆନୁସଙ୍ଗିକ କ୍ଷେତ୍ର, ଗ୍ରାମ୍ୟ ବିକାଶ, ଗ୍ରାମ୍ୟ ଭିତ୍ତିଭୂମି, ସାମାଜିକ ସୁରକ୍ଷା, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଅଭିଭାଷଣରେ ୧୧ ଲକ୍ଷ କୋଟି ଟଙ୍କାର କୃଷି ଋଣ ପ୍ରଦାନ ପ୍ରସ୍ତାବ ବିଷୟ ଘୋଷଣା କରିଛନ୍ତି । ସବୁ ଫସଲକୁ ଏଣିକି ଏମଏସପି ବା ସର୍ବନିମ୍ନ ସମର୍ଥନ ମୂଲ୍ୟ ଢ଼ାଞ୍ଚା ମଧ୍ୟକୁ ଅଣାଯିବ ଏବଂ ଫସଲର ସହାୟକ ମୂଲ୍ୟ ୧.୫ ପ୍ରତିଶତ ଲେଖାଏଁ ବୃଦ୍ଧି ହେବ । ଜୈବିକ କୃଷି ଉପରେ ଗୁରୁତ୍ୱ ଦେଇ ଏଥିଲାଗି ୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ବଜେଟରେ ୬୩,୮୩୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ୨୨ ହଜାର ଗ୍ରାମ୍ୟ ହାଟକୁ ସ୍ଥାୟୀ କୃଷି ବଜାର ରୂପେ ବିକଶିତ କରାଯାଇ ଏସବୁକୁ ଇ-ନାମ ସହ ଯୋଡାଯିବ । ବର୍ତ୍ତମାନ ୪୭୦ ମଣ୍ଡିକୁ ଇ-ନାମ ସହ ଯୋଡାଯାଇଥିବା ବେଳେ ମାର୍ଚ୍ଚ ୨୦୧୮ ସୁଦ୍ଧା ୫୮୫ ମଣ୍ଡିକୁ ଏଥିରେ ସାମିଲ କରିଦିଆଯିବ । ଦେଶରେ ମାଛ ଚାଷ ଓ ପଶୁପାଳନକୁ ପ୍ରୋତ୍ସାହିତ କରିବା ଲାଗି ଦୁଇଟି ନୂଆ ପାଣ୍ଠି ଗଠନ କରାଯିବ । ୧୧୫ଟି ଅନଗ୍ରସର ତଥା ଅଭିଳାଷି ଜିଲ୍ଲାକୁ ନିରନ୍ତର ବିକାଶ ଜରିଆରେ ଆଦର୍ଶ ଜିଲ୍ଲା ଭାବେ ବିକଶିତ କରାଯିବ । ୮ କୋଟି ବିପିଏଲ ପରିବାରର ମହିଳାଙ୍କୁ ଉଜ୍ଜଳା ଯୋଜନା ଅଧିନରେ ମାଗଣାରେ ଏଲପିଜି ସଂଯୋଗ ପ୍ରଦାନ କରାଯିବ । ସୌଭାଗ୍ୟ ଯୋଜନାରେ ୪ କୋଟି ଗରିବ ପରିବାରକୁ ମାଗାଣାରେ ବିଜୁଳୀ ସଂଯୋଗ ଦିଆଯିବ । ସ୍ୱଚ୍ଛ ଭାରତ ମିଶନ ଅଧିନରେ ବର୍ତ୍ତମାନ ସୁଦ୍ଧା ୬ କୋଟି ଶୌଚାଳୟ ନିର୍ମିତ ହୋଇସାରିଥିବା ବେଳେ ୨୦୧୮-୧୯ ବର୍ଷରେ ୧.୮୮ କୋଟି ଶୌଚାଳୟ ନିର୍ମାଣର ଯୋଜନା ରହିଛି।

ଗ୍ରାମ୍ୟ ଭିତ୍ତିଭୂମି ତଥା ସଂରଚନା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ୧୪.୩୪ ଲକ୍ଷ କୋଟି ଟଙ୍କା ବିନିଯୋଗ ପ୍ରସ୍ତାବ ରହିଛି । ଆଦିବାସୀ ବହୁଳ ଅଂଚଳରେ ପିଲାମାନଙ୍କର ଶିକ୍ଷା ଦୀକ୍ଷା ପାଇଁ ଅଧିକ ରୁ ଅଧିକ ଏକଲବ୍ୟ ଆବାସିକ ବିଦ୍ୟାଳୟମାନ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି ।

ଉଚ୍ଚ ଶିକ୍ଷାର ଭିତ୍ତିଭୂମି ଢ଼ାଞ୍ଚା ଓ ବ୍ୟବସ୍ଥାଗତ ଉନ୍ନତି ପାଇଁ ରାଇଜ୍ (RISE) ଯୋଜନା ଅଧିନରେ ଆଗାମୀ ୪ ବର୍ଷ ମଧ୍ୟରେ ୧ ଲକ୍ଷ କୋଟି ଟଙ୍କା ବିନିଯୋଗ ପାଇଁ କୁହାଯାଇଛି । ଯାହା ସ୍ୱାଗତଯୋଗ୍ୟ । ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଅଧିନରେ ଦେଶର ପ୍ରାୟ ୧.୫ ଲକ୍ଷ ପ୍ରାଥମିକ, ମଧ୍ୟମ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜିଲ୍ଲା ହସ୍ପିଟାଲକୁ ସାମିଲ କରାଯିବ । ସେଥିରେ ୧୨୦୦ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି । ବଜେଟରେ ଗ୍ରାମ୍ୟ ବିକାଶ ପାଇଁ ୧,୩୮,୦୯୭ କୋଟି ଟଙ୍କାର ବ୍ୟୟ ବରାଦ ଘୋଷଣା କରିଛନ୍ତି । ୨୦୧୭-୧୮ ବର୍ଷରେ ଏହା ୧,୩୫,୬୦୪ କୋଟି ଟଙ୍କା ଥିଲା । ତଫସିଲଭୁକ୍ତ ଜାତି ବର୍ଗର କଲ୍ୟାଣ ନିମନ୍ତେ ବଜେଟରେ ୫୬,୬୧୯ କୋଟି ଟଙ୍କାର ବ୍ୟୟ ବରାଦ ରହିଛି ଯାହାକି ଚଳିତ ବର୍ଷ ଠାରୁ ୩,୯୦୦ କୋଟି ଟଙ୍କା ଅଧିକ । ସେହିପରି ତଫସିଲଭୁକ୍ତ ଉପଜାତି ବର୍ଗର କଲ୍ୟାଣ ପାଇଁ ୩୯,୧୩୫ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରଖାଯାଇଛି ଯାହାକି ଚଳିତ ବର୍ଷ ଠାରୁ ୬,୬୨୭ କୋଟି ଟଙ୍କା ଅଧିକ । ଏସବୁ କେବଳ ଆଗାମୀ ନିର୍ବାଚନକୁ ଆଖିରେ ରଖି କରାଯାଇଥିବା ପ୍ରତୀୟମାନ ହେଉଛି । ଏସବୁ ଲୋକାଭିମୁଖୀ ଯୋଜନା ପାଇଁ ସରକାର ପୁଣି ଥରେ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ମିସ କରିବା ନେଇ ସଙ୍କେତ ଦେଇଛନ୍ତି । ଯାହା ଚିନ୍ତାଜନକ ।

---

# ୧୨୫ କୋଟି ଲୋକଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବା ଭଳି ବଜେଟ

**ଶ୍ରୀମାନ ନରେନ୍ଦ୍ର ମୋଦୀ**

ମୁଁ ଅର୍ଥମନ୍ତ୍ରୀ ମାନନୀୟ ଅରୁଣ ଜେଟଲୀ ମହାଶୟଙ୍କୁ ଏହି ବଜେଟ ପାଇଁ ଅଭିନନ୍ଦନ ଜଣାଉଛି। ଏହି ବଜେଟ ନିଉ ଇଣ୍ଡିଆର ମୂଳଦୁଆକୁ ସୁଦୃଢ଼ କରିଲା ଭଳି ବଜେଟ।

ଏହି ବଜେଟରେ ଦେଶର କୃଷିଠାରୁ ଆରମ୍ଭ କରି ଭିତିଭୂମି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। ବଜେଟରେ ଗରିବ ଏବଂ ମଧ୍ୟମ ବର୍ଗଙ୍କ ଚିନ୍ତା ଦୂର କରୁଥିବା ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକ ଅଛି ତ, ଦେଶର ଛୋଟ ଉଦ୍ୟୋଗୀଙ୍କ ସମ୍ପତି ବୃଦ୍ଧି କରିବା ପାଇଁ ଯୋଜନାଗୁଡ଼ିକ ମଧ୍ୟ ରହିଛି। ଖାଦ୍ୟ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ଫାଇବର ଅପ୍ଟିକସ୍ ପର୍ଯ୍ୟନ୍ତ, ସଡ଼କ ଠାରୁ ବନ୍ଦର ପର୍ଯ୍ୟନ୍ତ, ଯୁବକଙ୍କ ଠାରୁ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ, ଗ୍ରାମୀଣ ଭାରତରୁ ଆୟୁଷ୍ମାନ ଭାରତ ପର୍ଯ୍ୟନ୍ତ, ଡିଜିଟାଲ ଇଣ୍ଡିଆରୁ ଷ୍ଟାର୍ଟ ଅପ୍ ଇଣ୍ଡିଆ ପର୍ଯ୍ୟନ୍ତ, ଏହି ବଜେଟ ହେଉଛି ଦେଶର ଶହେ ପଚିଶ କୋଟି ଲୋକଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବା ଭଳି ବଜେଟ। ଏହା ହେଉଛି ଦେଶର ବିକାଶକୁ ଗତିଶୀଳ କରିଲାବାଲା ବଜେଟ। ଏହି ବଜେଟ କୃଷକ ଅନୁକୂଳ, ସାଧାରଣ ଲୋକଙ୍କ ପାଇଁ ଅନୁକୂଳ, ବ୍ୟବସାୟ ପରିବେଶ ଅନୁକୂଳ ଏବଂ ଏହା ସହିତ ବିକାଶ ଅନୁକୂଳ ମଧ୍ୟ। ଏଥିରେ ସହଜରେ ବ୍ୟବସାୟ କରିବା ସହିତ ସହଜରେ ସହାବସ୍ଥାନ କରିବା ଉପରେ ଦୃଷ୍ଟି ଦିଆଯାଇଛି। ମଧ୍ୟମ ବର୍ଗ ପାଇଁ ଅଧିକ ସଂଚୟ, ଏକବିଂଶ ଶତାବ୍ଦୀର ଭାରତ ପାଇଁ ନୂତନ ପିଢ଼ିର ଭିତିଭୂମି ଏବଂ ଉନ୍ନତ ସ୍ୱାସ୍ଥ୍ୟ ସୁରକ୍ଷା-ଏହି ସମସ୍ତ ସହଜରେ ସହାବସ୍ଥାନ ଦିଗରେ ହେଉଛି ବଳିଷ୍ଠ ପଦକ୍ଷେପ।

ଆମ ଦେଶରେ କୃଷକମାନେ ଖାଦ୍ୟଶସ୍ୟ ଏବଂ ଫଳ-ପନିପରିବାର ରେକର୍ଡ ଉତ୍ପାଦନ କରି ଦେଶର ବିକାଶରେ ଐତିହାସିକ ଯୋଗଦାନ ଦେଇଛନ୍ତି। କୃଷକଙ୍କ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଏବଂ ସେମାନଙ୍କର ଆୟ ବୃଦ୍ଧି ଦିଗରେ ଏହି ବଜେଟରେ ଅନେକ ପଦକ୍ଷେପ ସମ୍ପର୍କରେ ପ୍ରସ୍ତାବ ରହିଛି। ଗାଁ ଏବଂ କୃଷି କ୍ଷେତ୍ରରେ ପାଖାପାଖି ରେକର୍ଡ ପରିମାଣର ସାଢ଼େ ୧୪ ଲକ୍ଷ କୋଟି ଟଙ୍କାର ଆବଂଟନ କରାଯାଇଛି। ୫୧ ଲକ୍ଷ ନୂତନ ଘର, ୩ ଲକ୍ଷ କିଲୋମିଟରରୁ ଅଧିକ ସଡ଼କ, ପାଖାପାଖି ୨ କୋଟି ଶୌଚାଳୟ, ପାଖାପାଖି ୧.୭୫ କୋଟି ଘରକୁ ବିଜୁଳି ସଂଯୋଗ, ଯାହାର ସିଧାସଳଖ ଲାଭ ଦଳିତ, ପିଡ଼ୀତ. ଶୋଷିତ, ବଂଚିତ ଲୋକଙ୍କୁ ମିଳିବ। ଏହା ହେଉଛି ଏଭଳି କାର୍ଯ୍ୟ ଯାହା ବିଶେଷ କରି ଗ୍ରାମାଂଚଳରେ ନିଜ ସହିତ ନୁତନ ରୋଜଗାରର ସୁଯୋଗ ନେଇ କରି ଆସିବ।

କୃଷକମାନଙ୍କୁ ସେମାନଙ୍କର ଖର୍ଚ୍ଚର ଦେଢ଼ ଗୁଣ ମୂଲ୍ୟ ଦେବା ପାଇଁ ଘୋଷଣାକୁ ମୁଁ ପ୍ରଶଂସା କରୁଛି। କୃଷକମାନଙ୍କୁ ଏହି ନିଷ୍ପତିର ସଂପୂର୍ଣ୍ଣ ଲାଭ ମିଳୁ, ଏଥିପାଇଁ କେନ୍ଦ୍ର ସରକାର, ରାଜ୍ୟଗୁଡ଼ିକ ସହିତ ଆଲୋଚନା କରି ଗୋଟିଏ ପକ୍କା ବ୍ୟବସ୍ଥା ବିକଶିତ କରିବେ। ଫଳ ଏବଂ ପନିପରିବା ଉତ୍ପାଦନ କରୁଥିବା କୃଷକମାନଙ୍କ ପାଇଁ ଅପରେସନ୍ ଗ୍ରୀନ୍ସ ଏକ ଫଳପ୍ରଦ ପଦକ୍ଷେପ ପ୍ରମାଣିତ ହେବ। ଆମେ ଦେଖିଛୁ, କିପରି ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଅମୁଲ ଦୁଗ୍ଧ ଉତ୍ପାଦନ କରୁଥିବା କୃଷକଙ୍କୁ ଉଚିତ ମୂଲ୍ୟ ପ୍ରଦାନ କଲା। ଆମ ଦେଶରେ ଉଦ୍ୟୋଗ ବିକାଶ ପୁ (କ୍ଲଷ୍ଟର) ଆଧାରିତ ଆଭିମୁଖ୍ୟ ସହିତ ଆମେ ପରିଚିତ ଅଛୁ। ଏବେ ଦେଶର ଭିନ୍ନ ଭିନ୍ନ ଜିଲ୍ଲାରେ କୃଷି ସମ୍ବନ୍ଧିତ ସେଠାକାର ଉତ୍ପାଦଗୁଡ଼ିକୁ ଧ୍ୟାନରେ ରଖି କୃଷି କ୍ଲଷ୍ଟର ଆଭିମୁଖ୍ୟ ସହିତ କାର୍ଯ୍ୟ କରାଯିବ। ଦେଶର ଭିନ୍ନ ଭିନ୍ନ ଜିଲ୍ଲାରେ ଉତ୍ପନ୍ନ ହେଉଥିବା କୃଷି ଉତ୍ପାଦକୁ ଧ୍ୟାନରେ ରଖି, ସେହି ଜିଲ୍ଲାଗୁଡ଼ିକୁ ଚିହ୍ନଟ କରାଯାଇ, ସେହି ବିଶେଷ କୃଷି ଉତ୍ପାଦ ପାଇଁ ଭଣ୍ଡାରଣ, ପ୍ରକ୍ରିୟାକରଣ ଏବଂ ବଜାର ବ୍ୟବସ୍ଥା ବିକଶିତ କରିବାର ଯୋଜନାକୁ ମୁଁ ସ୍ୱାଗତ କରୁଛି। ଆମ ଦେଶରେ ସମବାୟ ସମିତିଗୁଡ଼ିକୁ ଆୟକର ଛାଡ଼ କରାଯାଇଛି। କିନ୍ତୁ ’କୃଷକ ଉତ୍ପାଦ ସଂଗଠନ’-ଏଫ୍‌ପିଓ ଯେଉଁମାନେ ଏମାନଙ୍କ ଭଳି କାମ କରନ୍ତି, ସେମାନଙ୍କୁ ଏହି ଲାଭ ମିଳି ନଥାଏ। ତେଣୁ କୃଷକଙ୍କୁ ସାହାଯ୍ୟ କରିବା ପାଇଁ ଗଠନ କରାଯାଇଥିବା ଏହି ’କୃଷକ ଉତ୍ପାଦ ସଂଗଠନ’-ଏଫ୍‌ପିଓକୁ ସମବାୟ ସମିତିଗୁଡ଼ିକ ଭଳି ଆୟକର ଛାଡ଼ ନିଷ୍ପତି ହେଉଛି ପ୍ରଶଂସନୀୟ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ’କୃଷକ ଉତ୍ପାଦ ସଂଗଠନ’ର ସହାୟତା ସହିତ ଜୈବିକ, ସୁଗନ୍ଧିତ ଚାରା ଏବଂ ଔଷଧୀୟ ଗୁଳ୍ମ ଚାଷ ସହିତ ଯୋଡ଼ିବାର ଯୋଜନା ମଧ୍ୟ କୃଷକଙ୍କ ଆୟ ବୃଦ୍ଧି ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ। ସେହିଭଳି ଭାବେ ଗୋବର-ଧନ ଯୋଜନା, ଗାଁକୁ ସ୍ୱଚ୍ଛ ରଖିବା ସହିତ କୃଷକ ଏବଂ ପଶୁପାଳକମାନଙ୍କର ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଆମର ଏଠି କୃଷକ ଚାଷବାସ ଏବଂ ତାସହିତ ଯୋଡ଼ି ହୋଇଥିବା ଆହୁରି ମଧ୍ୟ ଭିନ୍ନ ଭିନ୍ନ ବ୍ୟବସାୟ କରିଥାଏ। କିଏ ମାଛଚାଷ, କିଏ ପଶୁପାଳନ, କିଏ କୁକୁଡ଼ା ପାଳନ, କିଏ ମହୁମାଛି ପାଳନ ସହିତ ଯୋଡ଼ି ହୋଇଥାଏ। ଏଭଳି ଅତିରିକ୍ତ କାର୍ଯ୍ୟ ପାଇଁ ବ୍ୟାଙ୍କରୁ ଋଣ ନେବାରେ କୃଷକମାନଙ୍କୁ ଅସୁବିଧା ହୋଇଥାଏ। କିଷାନ କ୍ରେଡିଟ କାର୍ଡ ମାଧ୍ୟମରେ ଏବେ ମାଛଚାଷ ଏବଂ ପଶୁପାଳନ ପାଇଁ ମଧ୍ୟ ଋଣ ବ୍ୟବସ୍ଥା କରାଯିବା ହେଉଛି ବହୁତ ପ୍ରଭାବଶାଳୀ ପଦକ୍ଷେପ। ଭାରତର ୭୦୦ରୁ ଅଧିକ ଜିଲ୍ଲାରେ ପାଖାପାଖି ୭ହଜାର ବ୍ଲକ ବା ଉପଖଣ୍ଡ ଅଛି। ଏହି ବ୍ଲକରେ ପ୍ରାୟ ୨୨ ହଜାର ଗ୍ରାମୀଣ ବ୍ୟବସାୟ କେନ୍ଦ୍ରର ଭିତିଭୂମିର ଆଧୁନିକୀକରଣ, ନବନିର୍ମାଣ ଏବଂ ଗାଁ ସହିତ ତା’ର ଯୋଗାଯୋଗ ବ୍ୟବସ୍ଥା ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଆଗାମୀ ଦିନମାନଙ୍କରେ ଏହି କେନ୍ଦ୍ର, କୃଷକମାନଙ୍କର ଆୟ ବୃଦ୍ଧି, ରୋଜଗାର ଓ କୃଷି ଆଧାରିତ ଗ୍ରାମୀଣ ଏବଂ କୃଷି ଅର୍ଥ ବ୍ୟବସ୍ଥାର ନୂତନ ଶକ୍ତି କେନ୍ଦ୍ର ହେବ। ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ଏବେ ଗାଁ ଗୁଡ଼ିକୁ ଗ୍ରାମୀଣ ହାଟ, ଉଚ୍ଚ ଶିକ୍ଷା କେନ୍ଦ୍ର ଏବଂ ଡାକ୍ତରଖାନା ସହିତ ଯୋଡ଼ିବାର କାମ ମଧ୍ୟ କରାଯିବ। ଏହି ବଜେଟ ଦ୍ୱାରା ଗ୍ରାମୀଣ ଲୋକଙ୍କର ଜୀବନ ଆହୁରି ସହଜ ହେବ।

ଆମେ ସହଜ ସହାବସ୍ଥାନ ଭାବନାର ସମ୍ପ୍ରସାରଣ ଉଜ୍ଜ୍ୱଳା ଯୋଜନାରେ ମଧ୍ୟ ଦେଖିଛୁ। ଏହି ଯୋଜନା ଦେଶର ଗରିବ ମହିଳାମାନଙ୍କୁ ନା କେବଳ ଧୂଆଁରୁ ମୁକ୍ତି ଦେଉଛି ବରଂ ସେମାନଙ୍କର ସଶକ୍ତିକରଣର ବଡ଼ ମାଧ୍ୟମ ହୋଇଛି। ମୁଁ ଖୁସି ଯେ ଏହି ଯୋଜନାର ସମ୍ପ୍ରସାରଣ କରି ଏବେ ଏହାର ଲକ୍ଷ୍ୟ ୫ କୋଟି ପରିବାରରୁ ବଢ଼ାଇ ୮ କୋଟି କରି ଦିଆଯାଇଛି। ଏହି ଯୋଜନାର ଲାଭ ବହୁତ ବଡ଼ ସ୍ତରରେ ଦେଶର ଦଳିତ, ଆଦିବାସୀ ଏବଂ ଅନଗ୍ରସରଙ୍କୁ ମିଳୁଛି। ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ବିକାଶ ପାଇଁ ଏହି ବଜେଟରେ ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ବନ୍ଦୋବସ୍ତ କରାଯାଇଛି।

ସବୁ ସମୟରେ ନିମ୍ନ ମଧ୍ୟବିତ ବର୍ଗ ଏବଂ ଗରିବଙ୍କ ଜୀବନର ଏକ ବହୁତ ବଡ଼ ଚିନ୍ତା ରହିଛି ରୋଗର ଚିକିତ୍ସା। ବଜେଟରେ ପ୍ରସ୍ତୁତ କରାଯାଇଥିବା ନୂତନ ଯୋଜନା ଆୟୁଷ୍ମାନ ଭାରତ ଏ ସମସ୍ତ ବର୍ଗଙ୍କୁ ଏହି ବଡ଼ ଚିନ୍ତାରୁ ମୁକ୍ତ କରିବ। ଏହି ଯୋଜନାର ଲାଭ ଦେଶର ପାଖାପାଖି ୧୦ କୋଟି ଗରିବ ଏବଂ ନିମ୍ନ ମଧ୍ୟବିତ ବର୍ଗର ପରିବାରକୁ ମିଳିବ। ଅର୍ଥାତ ପାଖାପାଖି ୪୫ରୁ ୫୦ କୋଟି ଲୋକ ଏହା ପରିସରକୁ ଆସିବେ। ଚିହ୍ନଟ କରାଯାଇଥିବା ଏହି ପରିବାରଗୁଡ଼ିକୁ ଡାକ୍ତରଖାନାରେ ପ୍ରତିବର୍ଷ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ମିଳିବ। ଏହା ହେଉଛି ସରକାରୀ ଖର୍ଚ୍ଚରେ ଆରମ୍ଭ କରାଯାଇଥିବା ଦୁନିଆର ଏ ପର୍ଯ୍ୟନ୍ତ ସବୁଠାରୁ ବଡ଼ ସୁନିଶ୍ଚିତ ସ୍ୱାସ୍ଥ୍ୟ ଯୋଜନା। ଦେଶର ସମସ୍ତ ବଡ଼ ପଂଚାୟତରେ, ପାଖାପାଖି ଦେଢ଼ଲକ୍ଷ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ସ୍ଥାପନ କରିବାର ଉଦ୍ୟମ ହେଉଛି ପ୍ରଶଂସନୀୟ। ଏହାଦ୍ୱାରା ଗାଁରେ ରହୁଥିବା ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଆହୁରି ସୁଲଭ ହେବ। ସାରା ଦେଶରେ ୨୪ଟି ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ହେବା ଦ୍ୱାରା ଲୋକମାନଙ୍କୁ ଚିକିତ୍ସାର ସୁବିଧା ତ ବୃଦ୍ଧି ପାଇବ ଏହା ସହିତ ଯୁବକମାନଙ୍କୁ ଡାକ୍ତରୀ ପାଠପଢ଼ା ସହଜ ହେବ। ଆମର ପ୍ରୟାସ ହେଉଛି କି ଦେଶର ପ୍ରତି ତିନୋଟି ସଂସଦୀୟ କ୍ଷେତ୍ର ମଧ୍ୟରେ ଅତି କମରେ ଗୋଟିଏ ମେଡିକାଲ କଲେଜ ଅବଶ୍ୟ ରହୁ।

ଏହି ବଜେଟରେ ବରିଷ୍ଠ ନାଗରିକମାନଙ୍କର ଅନେକ ଚିନ୍ତାକୁ ଧ୍ୟାନରେ ରଖି କେତେଗୁଡ଼ିଏ ନିଷ୍ପତି ନିଆଯାଇଛି। ପ୍ରଧାନମନ୍ତ୍ରୀ ବୟୋ-ବନ୍ଦନା ଯୋଜନା ଅଧୀନରେ ଏବେ ବରିଷ୍ଠ ନାଗରିକମାନେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଉପରେ ଅତି କମରେ ୮ ପ୍ରତିଶତ ସୁଧ ପାଇବେ। ବ୍ୟାଙ୍କ ଏବଂ ଡାକଘରେ ଜମା କରାଯାଇଥିବା ସେମାନଙ୍କର ଧନ ଉପରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ଉପରେ କୌଣସି ଟିକସ ଲାଗିବ ନାହିଁ। ସ୍ୱାସ୍ଥ୍ୟ ବୀମାର ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରିମିୟମ୍ ଉପରେ ଆୟକର ରିହାତି ମିଳିବ। ସେହିପରି ଜଟିଳ ରୋଗର ଚିକିତ୍ସା ପାଇଁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ଉପରେ ଆୟକର ଛାଡ଼ କରାଯାଇଛି।

ଦୀର୍ଘ ସମୟ ଧରି ଆମ ଦେଶରେ ସୂକ୍ଷ୍ମ-ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ଅର୍ଥାତ ଏମଏସଏମଇକୁ ବଡ଼-ବଡ଼ ଉଦ୍ୟୋଗଠାରୁ ମଧ୍ୟ ଅଧିକ ଦରରେ ଟିକସ ଦେବାକୁ ପଡୁଥିଲା। ଏହି ବଜେଟରେ ସରକାର ଏକ ସାହାସପୂର୍ଣ୍ଣ ପଦକ୍ଷେପ ଉଠାଇ ସମସ୍ତ ସୂକ୍ଷ୍ମ-ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ଅର୍ଥାତ ଏମଏସଏମଇର ଟିକସ ଦରରେ ୫ ପ୍ରତିଶତ ହ୍ରାସ କରିଛନ୍ତି। ଏବେ ସେମାନଙ୍କୁ ୩୦ ପ୍ରତିଶତ ବଦଳରେ ୨୫ ପ୍ରତିଶତ ଟିକସ ଦେବାକୁ ପଡ଼ିବ। ଏମଏସଏମଇ ଉଦ୍ୟୋଗଗୁଡ଼ିକୁ ଆବଶ୍ୟକ ପୁଁଜି ମିଳୁ, ଆବଶ୍ୟକ ବ୍ୟାଙ୍କିଙ୍ଗ ମୂଳଧନ ମିଳୁ, ଏଥିପାଇଁ ବ୍ୟାଙ୍କ ଏବଂ ଏନବିଏଫସି ଦ୍ୱାରା ଋଣ ବ୍ୟବସ୍ଥାକୁ ଆହୁରି ସହଜ କରି ଦିଆଯାଇଛି। ଏହିଭଳି ଭାବରେ ମେକ ଇନ୍ ଇଣ୍ଡିଆ ମିଶନକୁ ମଧ୍ୟ ଶକ୍ତି ମିଳିବ। ବଡ଼ ଉଦ୍ୟୋଗଗୁଡ଼ିକରେ ଏନପିଏ କାରଣରୁ ସୂକ୍ଷ୍ମ-ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ଚିନ୍ତାଗ୍ରସ୍ତ ହେଉଥିଲେ। ଅନ୍ୟ କାହାର ପାପର ଦଣ୍ଡ ଛୋଟ ଉଦ୍ୟମୀକୁ ମିଳିବା ଦରକାର ନାହିଁ। ଏଥିପାଇଁ ସରକାର ବହୁତ ଶୀଘ୍ର ଏମଏସଏମଇ କ୍ଷେତ୍ରରେ ଏନପିଏ ଏବଂ ଷ୍ଟ୍ରେସ୍‌ଡ଼ ଏକାଉଂଟର ଅସୁବିଧା ଦୁର କରିବା ପାଇଁ ଦୃଢ଼ ପଦକ୍ଷେପ ଘୋଷଣା କରିବେ ।

ରୋଜଗାରକୁ ପ୍ରୋତ୍ସାହନ ଦେବା ପାଇଁ ଏବଂ କର୍ମଚାରୀମାନଙ୍କୁ ସାମାଜିକ ନିରାପତା ଦେବା ଦିଗରେ ସରକାର ଏକ ସୁଦୂରପ୍ରସାରୀ ସକାରାତ୍ମକ ନିଷ୍ପତି ନେଇଛନ୍ତି। ଏଥିରେ ଅନୌପଚାରିକରୁ ଔପଚାରିକ ଆଡ଼କୁ ବଢ଼ିବାର ସୁଯୋଗ ମିଳିବ ଏବଂ ରୋଜଗାରର ନୂତନ ସୁଯୋଗ ସୃଷ୍ଟି ହେବ। ଏବେ ସରକାର ସ୍ୱୟଂ ନୂତନ ଶ୍ରମିକଙ୍କ ଇପିଏଫ୍ ଖାତାରେ ତିନି ବର୍ଷ ପର୍ଯ୍ୟନ୍ତ ୧୨ ପ୍ରତିଶତ ଯୋଗଦାନ ଦେବେ। ଏହା ବ୍ୟତୀତ ମହିଳାମାନଙ୍କୁ ରୋଜଗାରର ଅଧିକ ସୁଯୋଗ ମିଳୁ, ଆଉ ସେମାନେ ଘରକୁ ନେଉଥିବା ଦରମା ବୃଦ୍ଧି ପାଉ, ଏଥିପାଇଁ ନୂତନ ମହିଳା କର୍ମଚାରୀମାନଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ ଇପିଏଫ୍‌ରେ ଯୋଗଦାନ ୧୨ ପ୍ରତିଶତରୁ କମ୍ କରି ୮ ପ୍ରତିଶତ କରାଯାଉଛି। ସେ ଯାହା ହେଉ ଏହି ସମୟସୀମା ମଧ୍ୟରେ ନିଯୁକ୍ତିଦାତାଙ୍କ ଯୋଗଦାନ ୧୨ ପ୍ରତିଶତ ହିଁ ରହିବ। କର୍ମଜୀବୀ ମହିଳାଙ୍କ ସଶକ୍ତିକରଣ ପାଇଁ ଏହା ହେଉଛି ବହୁତ ମହତ୍ୱପୂର୍ଣ୍ଣ ପଦକ୍ଷେପ।

ଆଧୁନିକ ଭାରତର ସ୍ୱପ୍ନକୁ ସାକାର କରିବା, ସାଧାରଣ ଲୋକଙ୍କ ସହଜ ସହାବସ୍ଥାନକୁ ପ୍ରୋତ୍ସାହନ ଏବଂ ବିକାଶକୁ ଦୀର୍ଘସ୍ଥାୟୀ କରିବା ପାଇଁ ଭାରତର ଆଗାମୀ ପିଢ଼ିର ଭିତିଭୂମି ଅତ୍ୟନ୍ତ ଆବଶ୍ୟକ। ରେଳ-ମେଟ୍ରୋ, ଆକାଶପଥ-ରାଜପଥ, ବନ୍ଦର-ବିମାନବନ୍ଦର, ପାୱାରଗ୍ରୀଡ୍-ଗ୍ୟାସଗ୍ରୀଡ୍, ସାଗରମାଳା-ଭାରତମାଳା, ଡିଜିଟାଲ ଇଣ୍ଡିଆ ସହିତ ଜଡ଼ିତ ଭିତିଭୂମିର ବିକାଶ ପାଇଁ ବଜେଟରେ ବହୁତ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ପାଖାପାଖି ୬ଲକ୍ଷ କୋଟି ଟଙ୍କାର ଅର୍ଥ ଆବଂଟନ କରାଯାଇଛି। ଏହା ବିଗତ ବର୍ଷ ତୁଳନାରେ ପ୍ରାୟ ଏକଲକ୍ଷ କୋଟି ଟଙ୍କାରୁ ଅଧିକ। ଏହି ଯୋଜନାଗୁଡ଼ିକ ଦ୍ୱାରା ଦେଶରେ ରୋଜଗାରର ଅପାର ସମ୍ଭାବନା ସୃଷ୍ଟି ହେବ। ବେତନଭୋଗୀ, ମଧ୍ୟମବର୍ଗଙ୍କୁ ଦିଆଯାଇଥିବା ଟିକସ ସୁବିଧା ପାଇଁ ମଧ୍ୟ ମୁଁ ଅର୍ଥମନ୍ତ୍ରୀ ମହାଶୟଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି। ଏହି ବଜେଟ ହେଉଛି ପ୍ରତ୍ୟେକ ଭାରତୀୟଙ୍କର ଆଶା ଆକାଂକ୍ଷା ଅନୁରୂପ ବଜେଟ। ଏହି ବଜେଟ ସୁନିଶ୍ଚିତ କରିଛି କି କୃଷକମାନଙ୍କୁ ଫସଲର ଭଲ ଦର, କଲ୍ୟାଣକାରୀ ଯୋଜନା ଦ୍ୱାରା ଗରିବଙ୍କ ଉତ୍‌ଥାନକୁ ସମ୍ବଳ, ଟିକସଦାତା ନାଗରିକଙ୍କୁ ସଚ୍ଚୋଟତାର ସମ୍ମାନ, ସଠିକ୍ ଟିକସ ଢ଼ାଂଚାଦ୍ୱାରା ଉଦ୍ୟମୀମାନଙ୍କ ପରିଶ୍ରମକୁ ସମର୍ଥନ, ଦେଶ ପାଇଁ ବରିଷ୍ଠ ନାଗରିକଙ୍କ ଯୋଗଦାନକୁ ବନ୍ଦନା । ମୁଁ ପୁଣି ଥରେ ଅର୍ଥମନ୍ତ୍ରୀ ଏବଂ ତାଙ୍କ ଟିମକୁ ସହଜରେ ସହାବସ୍ଥାନ ବୃଦ୍ଧି କରିଲା ଭଳି ଏବଂ ନିଉ ଇଣ୍ଡିଆର ମୂଳଦୁଆକୁ ମଜବୁତ କରିଲାବାଲା ବଜେଟ ପାଇଁ ହୃଦୟର ସହିତ ଧନ୍ୟବାଦ ଜଣାଉଛି।

- ☛ ପରିବହନ କ୍ଷେତ୍ର ପାଇଁ ସର୍ବାଧିକ ଆବଂଟନ
- ☛ ବିମାନ ବନ୍ଦରର କ୍ଷମତା ସମ୍ପ୍ରସାରଣ ପାଇଁ ନଭ ନିର୍ମାଣ କାର୍ଯ୍ୟକ୍ରମର ଘୋଷଣା
- ☛ ୧୦ଟି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯିବ
- ☛ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଲାଗି ଦୁଇ ଗୁଣା ଆବଂଟନ
- ☛ ସାଇବର ଭୌତିକ ବ୍ୟବସ୍ଥା ଅଭିଯାନର ଶୁଭାରମ୍ଭ ହେବ
- ☛ ଦୂରସଂଚାର ମୌଳିକ ଭିତିଭୂମି ନିର୍ମାଣ ଏବଂ ବୃଦ୍ଧି ଲାଗି ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ
- ☛ ଅନଲାଇନ ଅନୁଧ୍ୟାନ ବ୍ୟବସ୍ଥା ’ପ୍ରଗତି’ ଜରିଆରେ ୯.୪୬ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ତ୍ୱରାନ୍ୱିତ କରାଗଲା

---

# ଖୁଶୱନ୍ତ ସିଂହ : ଟ୍ରେନ୍ ଟୁ ପାକିସ୍ତାନର ଲେଖକ

**ଶେଖ ଫରିଦ୍‌ଉଦ୍ଦିନ୍**

ପାରମ୍ପରିକ ତରିକାକୁ ବାଦ ଦେଇ ନୂଆ ଉପାୟରେ ସାମ୍ବାଦିକତା ଆରମ୍ଭ କରିଥିବା ଖୁଶୱନ୍ତ ସିଂହ ଜଣେ ଲେଖକ, ଔପନ୍ୟାସିକ, ଐତିହାସିକ, ଓକିଲ ଓ ରାଜନୈତିଜ୍ଞ ଭାବେ ଲୋକପ୍ରିୟତା ଅର୍ଜନ କରିଥିଲେ। ପଞ୍ଜାବ ମାଟିରେ ଜନ୍ମିତ ଖୁଶୱନ୍ତ ଭାରତରେ ଯେତିକି ଲୋକପ୍ରିୟ, ପାକିସ୍ତାନରେ ବି ସେତିକି ପ୍ରସିଦ୍ଧ ହୋଇଥିଲେ। ତାଙ୍କ ପୁସ୍ତକ ଟ୍ରେନ୍ ଟୁ ପାକିସ୍ତାନ ଖୁବ୍ ଲୋକପ୍ରିୟ ହୋଇଥିଲା। ତା’ ଉପରେ ଚଳଚ୍ଚିତ୍ର ମଧ୍ୟ ପ୍ରସ୍ତୁତ ହୋଇଛି। କଟୁ ଧର୍ମନିରପେକ୍ଷତା, ହାସ୍ୟ, ବ୍ୟଙ୍ଗ ପାଇଁ ସେ ବେଶ୍ ଲୋକପ୍ରିୟ ଥିଲେ। ୧୯୩୮ରେ ପେଶାଦାର ଜୀବନ ଆରମ୍ଭ କରିଥିବା ଖୁଶୱନ୍ତ ୮ବର୍ଷ କାଳ ଲାହୋର କୋର୍ଟରେ ଓକିଲାତି କରିଥିଲେ। ଭାରତ ସ୍ୱାଧୀନ ହେବା ପରେ ପରେ ଭାରତୀୟ ବିଦେଶ ସେବାରେ ସେ ପ୍ରବେଶ କଲେ। ୧୯୫୧ରେ ସାମ୍ବାଦିକ ଭାବେ ଅଲ୍ ଇଣ୍ଡିଆ ରେଡ଼ିଓରେ ସେ କାମ ଆରମ୍ଭ କରିଥିଲେ। ନ୍ୟାସନାଲ ହେରାଲ୍ଡ, ଓ ହିନ୍ଦୁସ୍ତାନ ଟାଇମ୍ସ ଭଳି ଦୁଇଟି ଲୋକପ୍ରିୟ ଖବରକାଗଜ ସମେତ ଏକାଧିକ ପତ୍ରିକାରେ ସେ ନିଜ ପରାକାଷ୍ଠା ଦେଖାଇଥିଲେ। ୧୯୮୦-୧୯୮୬ରେ ରାଜ୍ୟସଭା ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସେ କଂଗ୍ରେସ ଦଳର ସମର୍ଥକ ଥିଲେ। ୧୯୭୪ରେ ଖୁଶୱନ୍ତଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଥିଲା। କିନ୍ତୁ ଅପରେସନ ବ୍ଲୁଷ୍ଟାରକୁ ବିରୋଧ କରି ୧୯୮୪ରେ ସେ ଏହି ପୁରସ୍କାର ଫେରାଇ ଦେଇଥିଲେ। ୨୦୦୭ରେ ସମ୍ମାନୀୟ ପଦ୍ମ ବିଭୂଷଣରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ୧୯୪୩ରେ କ୍ଷୁଦ୍ର ଗଳ୍ପ ପୋସ୍ଥୁମୋସ୍‌ରେ ନିଜ ଶୋକ ସମ୍ବାଦ ସେ ନିଜେ ଲେଖିଥିଲେ। ଗଳ୍ପର ଶୀର୍ଷକ ଥିଲା ସର୍ଦ୍ଦାର ଖୁଶୱନ୍ତ ସିଂହ ଡେଡ୍। ୨୦୧୪ ମସିହା ମାର୍ଚ୍ଚ ୨୦ରେ ୯୯ ବର୍ଷ ବୟସରେ ଏହି ବହୁମୁଖୀ ପ୍ରତିଭାଙ୍କର ଦେହାନ୍ତ ହୋଇଥିଲା। ଭାରତରେ ଯେଉଁ କ୍ୱଚିତ୍ ଲେଖକଙ୍କ ପୁସ୍ତକ ପୃଥିବୀର ବେଷ୍ଟ ସେଲର ମାନ୍ୟତା ପାଇଛି ତାଙ୍କ ଭିତରୁ ଖୁଶୱନ୍ତ ସିଂହ ଅନ୍ୟତମ। ତାଙ୍କର ଅଧିକାଂଶ ପୁସ୍ତକ ବିବାଦ ଓ ବିତର୍କର ସ୍ଥାନ ପାଇଥିଲେ ମଧ୍ୟ ତାଙ୍କ କାଳଜୟୀ ସୃଷ୍ଟି ଚିର ଅମର।

*ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୦୪୮୮୮*

---

# ଶେଷ ଆଶ୍ରୟ କେଉଁଠି ?

**ଡାକ୍ତର ନୀଳମାଧବ ପୃଷ୍ଟି**

ଢେଙ୍କାନାଳ ସହର ଉପକଣ୍ଠସ୍ଥ ଭଗବାନପୁର ଗାଁରେ ଦୁଷ୍କର୍ମର ଶିକାର ଜଣେ ନାବାଳିକା ନିଆଁରେ ପୋଡ଼ି ହୋଇ ଆତ୍ମହତ୍ୟା କରିଛନ୍ତି। ଜଣାପଡ଼ିଛି ଯେ ଦୁଷ୍କର୍ମର ଶିକାର ହେବାପରେ ନାବାଳିକାଙ୍କ ପରିବାର ପକ୍ଷରୁ ଥାନା କଚେରିକୁ ମାମଲା ନେବା ଲାଗି ଅନିଚ୍ଛା ପ୍ରକାଶ ପାଇଥିଲା। ଏକ ଟେଲିଭିଜନ ଚ୍ୟାନେଲର ସାମ୍ବାଦିକଙ୍କ ଆଗରେ ପୀଡ଼ିତାଙ୍କ ମାଆ କହିଥିଲେ ଯେ ଝିଅର ଦାଦା ଚାହୁଁଥିଲେ, ଏ ଘଟଣା ନେଇ ପୁଲିସ ଥାନାରେ କେସ ରୁଜୁ କରାଯାଉ। କିନ୍ତୁ ପରିବାରର ଅନ୍ୟ ମୁରବୀମାନେ ଏଥିରେ ରାଜି ହେଲେ ନାହିଁ। ଏହା ପଛରେ ସେ ଯେଉଁ କାରଣ ଗୁଡ଼ିକ ଦର୍ଶାଇଥିଲେ, ତାହା ଥିଲା ଏହି ପରି। ଝିଅ ପିଲା, ବିଭିନ୍ନ କାମ ଲାଗି ବାହାରକୁ ଯାଉଛନ୍ତି। ଏଭଳି ମାମଲା ହେଲେ ସେମାନେ ଅଯଥା ହଇରାଣରେ ପଡ଼ିବେ। ଦ୍ୱିତୀୟରେ, ଏଭଳି ମାମଲା କୋର୍ଟ କଚେରିକୁ ଗଲେ ବାପା ଭାଇଙ୍କ ନାଁ ପଡ଼ିବ। ସୁତରାଂ, ଅଯଥା ଘାଣ୍ଟି ଲାଭ କ’ଣ ? ଏଇ କାରଣରୁ ବଳାତ୍କାରୀର ପରିବାର ଏବଂ ପୀଡ଼ିତାଙ୍କ ପରିବାର ଭିତରେ ଏକ ଲେଖାପଢ଼ା ହୋଇଥିଲା। ଯେଉଁଥିରେ ବଳାତ୍କାରୀ ଲେଖିଥିଲା ଯେ ଏଭଳି ଭୁଲ ଦ୍ୱିତୀୟ ଥର ଲାଗି କଲେ ତା ବିରୋଧରେ କାନୁନଗତ କାର୍ଯ୍ୟାନୁଷ୍ଠାନ କରାଯିବ।

ତେବେ, ପ୍ରଶ୍ନ ହେଲା, ଏଭଳି ଦୁଃଖଦ ଘଟଣା ଲାଗି ଦାୟୀ କିଏ ? ପରିବାର ପକ୍ଷରୁ ଟେଲିଭିଜନ ଚ୍ୟାନେଲରେ କୁହାଗଲା ଯେ ପରିବାରର ସମ୍ମାନ ହାନି ହୋଇଥିବାରୁ ଲଜ୍ଜାରେ ଝିଅ ଆଉ ବଞ୍ଚି ରହିବାକୁ ଉଚିତ ମଣିଲା ନାହିଁ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଏବେ ବି ଅନେକ ସ୍ଥାନରେ ଜଣେ ଝିଅ ବଳାତ୍କାରର ଶିକାର ହେଲେ ତାକୁ ପରିବାର ଲାଗି ଏକ ସମ୍ମାନର ପ୍ରଶ୍ନ ଭାବେ ଦେଖାଯାଉଛି ଏବଂ ପୀଡ଼ିତାଙ୍କୁ ସମ୍ମାନ ହାନିର କାରଣ ଭାବେ। ସେଇଥି ଲାଗି ଏଭଳି ଅନେକ ଘଟଣାକୁ ପରିବାର ପକ୍ଷରୁ ହିଁ ଚାପି ଦେବାକୁ ଚେଷ୍ଟା କରାଯାଉଛି। ଏହା ଏକ ଦାରୁଣ ବିଡ଼ମ୍ବନା। ହୁଏତ ନାବାଳିକା ଚାହୁଁଥିଲେ ଯେ ତାଙ୍କୁ ନ୍ୟାୟ ମିଳୁ, ବଳାତ୍କାରୀ ଦଣ୍ଡ ପାଉ। ତାହା ଫଳବତୀ ହେବାର ସମ୍ଭାବନା ନ ଥିବାରୁ ସେ ହୁଏତ ବାଧ୍ୟ ହୋଇ ଆତ୍ମହତ୍ୟା କଲେ। କିନ୍ତୁ ପରିବାର ଲୋକେ ଆତ୍ମହତ୍ୟାର କାରଣ ସେୟା ବୋଲି ଭାବୁନାହାନ୍ତି।

ମହିଳା ସଶକ୍ତୀକରଣ ଲାଗି ଯେତେ ଆନୁଷ୍ଠାନିକ ତଥା ଅଣଆନୁଷ୍ଠାନିକ ଉଦ୍ୟମ ହେଲେ ବି ତାହା ବିଫଳ ହେବ ଯଦି ପରିବାର ପକ୍ଷରୁ ଝିଅକୁ ସଶକ୍ତ ହେବାକୁ ଦିଆନଯିବ। କିନ୍ତୁ ଆମର ସାମାଜିକ ସଂରଚନାଗତ ସ୍ଥିତି ଏମିତି ଯେ ଏବେ ବି ଅଧିକାଂଶ ଭାରତୀୟ ପରିବାର ଝିଅକୁ ଏକ ବୋଝ, ଏକ ଦାୟିତ୍ୱ, ପରିବାରର ଇଜ୍ଜତ, ଦୁର୍ବଳ ଇତ୍ୟାଦି ଭାବେ ଦେଖୁଛନ୍ତି। ସେଇ କାରଣରୁ ଭାରତରେ ଯେତିକି ବଳାତ୍କାର ଘଟଣା ଘଟୁଛି ତାର ଏକ ତୃତୀୟାଂଶରୁ ଅଧିକ ଘଟଣାକୁ ପରିବାର ପକ୍ଷରୁ ଚାପି ଦିଆଯାଉଛି। ଅନେକ କ୍ଷେତ୍ରରେ ତ ପାରିବାରିକ ବୁଝାମଣା ପରେ ପୀଡ଼ିତାକୁ ବଳାତ୍କାରୀ ସହିତ ବିବାହ କରାଇ ଦିଆଯାଉଛି। ପୀଡ଼ିତା ପ୍ରତି ଏହା କେତେ ଦୂର ଅପମାନସୂଚକ ତାହା ବର୍ଣ୍ଣନା କରିହେବନାହିଁ। ବିଭିନ୍ନ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଆମ ଦେଶରେ ଅଧିକାଂଶ ଝିଅ ନିଜ ପରିବାର ଭିତରେ ବିଭିନ୍ନ ସଂମ୍ପର୍କୀୟ ମାନଙ୍କ ଦ୍ୱାରା ଯୌନ ଅତ୍ୟାଚାରର ଶିକାର ହୁଅନ୍ତି। ପୁଣି ପରିବାର ଦ୍ୱାରା ଏ ସବୁକୁ ଚପାଇ ଦେବାର ଉଦ୍ୟମ ହୁଏ। ଏଭଳି ସ୍ଥଳେ ଅତ୍ୟାଚାରିତାମାନଙ୍କ ଲାଗି ଶେଷ ଆଶ୍ରୟ କେଉଁଠି ? ଏଣୁ ଝିଅମାନଙ୍କ ସଶକ୍ତୀକରଣର ପ୍ରୟାସ ମୂଳରୁ, ପରିବାରରୁ ହିଁ ଆରମ୍ଭ ହେବା ଦରକାର। ତା ନହେଲେ ମହିଳା ସଶକ୍ତୀକରଣ ସବୁ ଉଦ୍ୟମ ବିଫଳ ହେବ।

*ଇଏନ୍‌ଟି ବିଭାଗ, ଭୀମସାର, ବୁର୍ଲା, ଦୂରଭାଷ : ୯୪୩୯୪୮୨୫୨୬*

**MARKETS TODAY** ପୁଞ୍ଜିବଜାର ହାଲଚାଲ

| | |
|---|---|
| SENSEX | 35906.66<br>-58.36 (-0.16%) |
| NIFTY | 11016.9<br>-10.8 (-0.10%) |

ସୁନା 24K (MCX) (Rs/10g.) 30,390

**ଟଙ୍କାର ବିନିମୟ ମୂଲ୍ୟ**

1 Dollar = Rs. 64.01

## ରେଳବାଇ ପାଇଁ ୧,୪୮,୫୨୮ କୋଟି ଟଙ୍କାର ବ୍ୟୟବରାଦ

- ୨୦୧୮-୧୯ରେ ପ୍ରଥମ ଆଧୁନିକ ଟ୍ରେନ-ସେଟ ଚାଲୁ ହେବ
- ମୁମ୍ବାଇ ଏବଂ ବେଙ୍ଗାଲୁରୁ ରେଳ ନେଟୱାର୍କର ସମ୍ପ୍ରସାରଣ
- ହାଇସ୍ପିଡ ରେଳ ପ୍ରକଳ୍ପ ଲାଗି ଶ୍ରମଶକ୍ତିକୁ ତାଲିମ ଦେବା ନିମନ୍ତେ ବରୋଦାରେ ରେଳ ବିଶ୍ୱବିଦ୍ୟାଳୟ
- ୬୦୦ ପ୍ରମୁଖ ରେଳ ଷ୍ଟେସନର ପୁନଃଉନ୍ନତିକରଣ
- ସମସ୍ତ ରେଳ ଷ୍ଟେସନ ଏବଂ ରେଳଗାଡ଼ିରେ ୱାଇ-ଫାଇ, ସିସିଟିଭି ସୁବିଧା

ନୂଆଦିଲ୍ଲୀ, ୧/୨(ଏଜେନ୍ସି) ଦେଶରେ ରେଳ ନେଟୱାର୍କକୁ ସୁଦୃଢ଼ କରିବା ଲାଗି ସରକାର ଗୁରୁତ୍ୱାରୋପ କରୁଥିବାରୁ ୨୦୧୮-୧୯ ସାଧାରଣ ବଜେଟରେ ରେଳ ମନ୍ତ୍ରଣାଳୟ ପାଇଁ ଅର୍ଥ ଆବଣ୍ଟନ ବୃଦ୍ଧି କରାଯାଇଛି। କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଅରୁଣ ଜେଟଲୀ ଗୁରୁବାର ସଂସଦରେ ସାଧାରଣ ବଜେଟ ୨୦୧୮-୧୯ ଉପସ୍ଥାପନ କରିଛନ୍ତି। ଯେଉଁଥିରେ ରେଳବାଇ ପାଇଁ ବଜେଟରେ ୧,୪୮,୫୨୮ କୋଟି ଟଙ୍କାର ପୁଞ୍ଜି ବ୍ୟୟ ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏହାର ବୃହତ ଅଂଶ ଭିତ୍ତିଭୂମି ନିର୍ମାଣରେ ଖର୍ଚ୍ଚ କରାଯିବ। ୧୮ ହଜାର କିଲୋମିଟର ରେଳ ଲାଇନର ଦୋହରୀକରଣ/ତୃତୀୟ/ଚତୁର୍ଥ ଲାଇନର ନିର୍ମାଣ କାର୍ଯ୍ୟ ଏବଂ ୫ ହଜାର କିଲୋମିଟର ଗେଜ ପରିବର୍ତନ ଦ୍ୱାରା କ୍ଷମତାରେ ବୃଦ୍ଧି ହେବ ଏବଂ ପାଖାପାଖି ସମ୍ପୂର୍ଣ୍ଣ ନେଟୱାର୍କକୁ ବ୍ରଡ ଗେଜରେ ପରିବର୍ତ୍ତନ କରାଯିବ। ଶ୍ରୀ ଜେଟଲୀ କହିଥିଲେ ଯେ ୨୦୧୭-୧୮ରେ ୪ ହଜାର କିଲୋମିଟର ରେଳ ଲାଇନର ବିଦ୍ୟୁତକରଣ କରାଯାଇଛି।

ଅର୍ଥମନ୍ତ୍ରୀ ଶ୍ରୀ ଜେଟଲୀ ଘୋଷଣା କରିଥିଲେ ଯେ ୨୦୧୮-୧୯ ବର୍ଷରେ ୧୨ ହଜାର ୱାଗନ, ୫୧୬୦ କୋଚ ଏବଂ ପାଖାପାଖି ୭୦୦ ଲୋକୋମୋଟିଭ କ୍ରୟ କରାଯିବ। ସେ କହିଥିଲେ ଯେ ପୂର୍ବ ଏବଂ ପଶ୍ଚିମ ସମର୍ପିତ ଫ୍ରିଟ କରିଡର କାମ ଦ୍ରୁତ ଗତିରେ ସମ୍ପାଦନ କରାଯାଉଛି। ମାଲ ଶେଡଗୁଡ଼ିକରେ ଭିତିଭୂମି ସୁଦୃଢ଼ କରିବା ଏବଂ ଘରୋଇ ସାଇଡିଂର ଫାଷ୍ଟ ଟ୍ରାକ କାର୍ଯ୍ୟ ଆରମ୍ଭ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

ଅର୍ଥମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ଯେ ଫଗ ସେଫ ଏବଂ 'ଟ୍ରେନ ପ୍ରୋଟେକସନ ଏଣ୍ଡ ୱାର୍ଣ୍ଣିଂ ସିଷ୍ଟମ' ଭଳି ପ୍ରଯୁକ୍ତିର ପ୍ରୟୋଗକୁ ପ୍ରୋତ୍ସାହନ ଦିଆଯିବ। ପରବର୍ତ୍ତୀ ଦୁଇ ବର୍ଷ ମଧ୍ୟରେ ୪୨୬୭ ମାନବବିହୀନ ଲେଭେଲ କ୍ରସିଂକୁ ଉଠାଇ ଦିଆଯାଇ ସେଗୁଡ଼ିକୁ ବିଜି ନେଟୱାର୍କରେ ପରିବର୍ତନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି।

ଇଣ୍ଡିଆନ ରେଳୱେ ଷ୍ଟେସନ ଡେଭଲପମେଣ୍ଟ କମ୍ପାନୀ ଲିମିଟେଡ ଦ୍ୱାରା ୬୦୦ ପ୍ରମୁଖ ରେଳ ଷ୍ଟେସନର ପୁନଃଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରାଯାଉଛି। ୨୫ ହଜାରରୁ ଅଧିକ ଯାତ୍ରୀ କ୍ଷମତାବିଶିଷ୍ଟ ସମସ୍ତ ଷ୍ଟେସନରେ ଏସ୍କେଲେଟରେ ଲଗାଯିବ। ସମସ୍ତ ରେଳ ଷ୍ଟେସନ ଏବଂ ରେଳଗାଡ଼ିରେ ୱାଇ-ଫାଇ ସୁବିଧା ପ୍ରଦାନ କରାଯିବ। ସମସ୍ତ ରେଳ ଷ୍ଟେସନ ଏବଂ ରେଳ ଗାଡ଼ିରେ ସିସିଟିଭି ଉପଲବ୍ଧ କରାଯିବ, ଯାହାଦ୍ୱାରା ଯାତ୍ରୀଙ୍କ ସୁରକ୍ଷାରେ ବୃଦ୍ଧି ହୋଇପାରିବ।

ଅର୍ଥମନ୍ତ୍ରୀ ସୂଚନା ଦେଇଥିଲେ ଯେ ମୁମ୍ବାଇର ପରିବହନ ବ୍ୟବସ୍ଥାକୁ ସମ୍ପ୍ରସାରଣ କରାଯାଉଛି। ୧୧ହଜାର କୋଟି ଟଙ୍କା ବ୍ୟୟରେ ୯୦ କିଲୋମିଟର ବିଶିଷ୍ଟ ରେଳ ଲାଇନ ଦୋହରୀକରଣ କରାଯାଉଛି। ପାଖାପାଖି ୪୦ ହଜାର କୋଟି ଟଙ୍କା ବ୍ୟୟରେ ୧୫୦ କିଲୋମିଟର ଦୂରତ୍ୱ ବିଶିଷ୍ଟ ଅତିରିକ୍ତ ଉପନଗରୀୟ ନେଟୱାର୍କ ଯୋଜନା କରାଯାଉଛି, ଯେଉଁଥିରେ କେତେକ ଭାଗରେ ଉଚ୍ଚକୁ ଉଠିଥିବା ଲାଇନ ମଧ୍ୟ ସାମିଲ ଅଛି। ବେଙ୍ଗାଲୁରୁରେ ମହାନଗର ବିକାଶର ଆବଶ୍ୟକତାକୁ ପୂରଣ କରିବା ଲାଗି ୧୭ ହଜାର କୋଟି ଟଙ୍କାର ଆନୁମାନିକ ବ୍ୟୟ ସହ ପାଖାପାଖି ୧୬୦ କିଲୋମିଟର ମହାନଗର ନେଟୱାର୍କ ପାଇଁ ଯୋଜନା କରାଯାଇଛି। ଭାରତର ପ୍ରଥମ ହାଇସ୍ପିଡ ରେଳ ପ୍ରକଳ୍ପ ମୁମ୍ବାଇ-ଅହମ୍ମଦାବାଦ ବୁଲେଟ ଟ୍ରେନ ପ୍ରକଳ୍ପ ଲାଗି ଆବଶ୍ୟକ ଶ୍ରମଶକ୍ତିକୁ ତାଲିମ ଦେବା ଲାଗି ବରୋଦାରେ ଏକ ରେଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଦିଗରେ ପ୍ରୟାସ ଆରମ୍ଭ ହୋଇଛି।

## ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ମୋଟ ବ୍ୟୟ ବରାଦ ୨୪.୪୨ ଲକ୍ଷ କୋଟି ଟଙ୍କା; ରାଜସ୍ୱ ନିଅଣ୍ଟ ଜିଡିପିର ୩.୩% ହେବାର ପୂର୍ବାନୁମାନ



ନୂଆଦିଲ୍ଲୀ, ୧/୨(ଏଜେନ୍ସି) ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବଜେଟରେ ମୋଟ ୨୪.୪୨ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ କରାଯିବ ବୋଲି ଆକଳନ କରାଯାଇଛି। ରାଜସ୍ୱ ନିଅଣ୍ଟ ଜିଡିପିର ୩.୩ ପ୍ରତିଶତ ଅର୍ଥାତ ମୋଟ ୬,୨୪,୨୭୬ କୋଟି ଟଙ୍କା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଖୋଲା ବଜାରରୁ ଋଣ ଆକାରରେ ସଂଗ୍ରହ କରାଯିବ।

ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ୨୦୧୮-୧୯ ଆର୍ଥିକ ବର୍ଷର ସାଧାରଣ ବଜେଟ ଉପସ୍ଥାପନ କରି କହିଛନ୍ତି ଯେ ସରକାର କୃଷି, ସାମାଜିକ କ୍ଷେତ୍ର, ଡିଜିଟାଲ ପୈଠ, ଭତ୍ତିଭୂମି ତଥା ନିଯୁକ୍ତି ସୁଯୋଗ ସୃଷ୍ଟିରେ ନିବେଶକୁ ପ୍ରୋତ୍ସାହନ ଦେବା ସହିତ ଆର୍ଥିକ ସମାନତାର ମାର୍ଗ ପ୍ରଶସ୍ତ କରିବା ଲାଗି ସରକାର ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ସଂଶୋଧିତ ଆକଳନ (୨୦୧୭-୧୮) ତୁଳନାରେ ବ୍ୟୟରେ ୨,୨୪,୪୬୩ କୋଟି ଟଙ୍କାର ବୃଦ୍ଧି କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ଏଥର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ରାଜସ୍ୱ ନିଅଣ୍ଟ ପରିମାଣକୁ ୦.୨ ପ୍ରତିଶତ କମାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ୨୦୧୭-୧୮ରେ ସଂଶୋଧିତ ରାଜସ୍ୱ ନିଅଂଟ ମୋଟ ଘରୋଇ ଉତ୍ପାଦର ୩.୫ ପ୍ରତିଶତ ହେବାର ଅନୁମାନ କରାଯାଇଛି।

## ଭାରତମାଳା ପରିଯୋଜନାକୁ ମଞ୍ଜୁରୀ

ଭାରତମାଳା ପରିଯୋଜନାରେ ଜାତୀୟ ରାଜପଥ ନିର୍ମାଣକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ ଅଧିନରେ ଅଧିକ ୯ ହଜାର କିଲୋମିଟର ରାଜପଥ ସହ ମୋଟ ୩ ଲକ୍ଷ କିଲୋମିଟର ସଡକ ନିର୍ମାଣର ପ୍ରସ୍ତାବ ରଖାଯାଇଛି। ସହରାଞ୍ଚଳ ବିକାଶ ପାଇଁ ୪୧,୭୬୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବଛା ଯାଇଥିବା ୯୯ଟି ପ୍ରସ୍ତାବିତ ସ୍ମାର୍ଟ ସିଟିର ବିକାଶ ଲାଗି ୧.୨୧ ଲକ୍ଷ କୋଟି ଟଙ୍କା ପୁଁ ବିନିଯୋଗର ପ୍ରସ୍ତାବ ରହିଛି। ହୃଦୟ ଯୋଜନା ଅଧିନରେ ୧୦୦ଟି କିର୍ତିରାଜୀର ଭିତି ଓ ସୌନ୍ଦର୍ଯ୍ୟବର୍ଦ୍ଧନ କରି ଏସବୁକୁ ଆଦର୍ଶ ପର୍ଯ୍ୟଟନସ୍ଥଳୀରେ ବିକଶିତ କରାଯିବ। ଏହି ସ୍ଥଳୀଗୁଡିକୁ ଉନ୍ନତ ରାସ୍ତା ସଂଯୋଗ କରାଯିବ। ପର୍ଯ୍ୟଟନ କେନ୍ଦ୍ରଗୁଡିକୁ ରୋପ-ୱେ ର ବ୍ୟବସ୍ଥା ହେବ। ବର୍ତମାନ ସୁଦ୍ଧା ୪୮୨ଟି ସହର କ୍ରେଡିଟ ରେଟିଂ ବ୍ୟବସ୍ଥା ଆରମ୍ଭ କରିଛନ୍ତି ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି। ସେ କହିଛନ୍ତି ଯେ, ନିର୍ବିଘ୍ନ ଓ ପ୍ରତିବନ୍ଧକହୀନ ପରିବହନ ବ୍ୟବସ୍ଥା ସୃଷ୍ଟି ପାଇଁ ସବୁ ଟୋଲ ଗେଟ୍ କୁ ଇ-ଟୋଲ ଗେଟ୍ ରେ ପରିଣତ କରାଯିବ।

## ଅନୁକୂଳ ପ୍ରତିରକ୍ଷା ବିନିର୍ମାଣ ନୀତି

ସରକାର ଦେଶର ପ୍ରତିରକ୍ଷା ସରଞ୍ଜାମ ଆବଶ୍ୟକତାକୁ ପୁରଣ କରିବା ଲକ୍ଷ୍ୟରେ ଏକ ଉଦ୍ୟୋଗ ଅନୁକୂଳ ପ୍ରତିରକ୍ଷା ବିନିର୍ମାଣ ନୀତି ୨୦୧୮ ପ୍ରସ୍ତୁତ କରିବେ। ୨୦୧୮-୧୯ ଆର୍ଥିକ ବର୍ଷରେ ୮୦ ହଜାର କୋଟି ଟଙ୍କାର ସରକାରୀ ପୁଞ୍ଜି ବିନିବେଶର ପ୍ରସ୍ତାବ ରଖାଯାଇଛି। ପ୍ରତିରକ୍ଷାକ୍ଷେତ୍ରରେ ମୋଟ୍ ୨ ଲକ୍ଷ ୯୫ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଗତ ବର୍ଷ ଏହି ପରିମାଣ ୨ ଲକ୍ଷ ୭୬ ହଜାର କୋଟି ଟଙ୍କା ଥିଲା। ପ୍ରତିରକ୍ଷା ପାଇଁ ବରାଦ୍ ଅର୍ଥରାଶି ମୋଟ୍ ବଜେଟ୍‌ର ପ୍ରାୟ୯ ପ୍ରତିଶତ।

## ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଦରମା ବୃଦ୍ଧି

ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ରାଜ୍ୟପାଳମାନଙ୍କ ଦରମା ବୃଦ୍ଧି ବିଷୟ ଘୋଷଣା କରାଯାଇଛି। ରାଷ୍ଟ୍ରପତିଙ୍କ ବେତନ ମାସିକ ୫ ଲକ୍ଷ ଟଙ୍କା, ଉପରାଷ୍ଟ୍ରପତିଙ୍କ ୪ ଲକ୍ଷ ଏବଂ ରାଜ୍ୟପାଳମାନଙ୍କ ଦରମା ୩.୫ ଲକ୍ଷ ଟଙ୍କା ହେବ। ସେହିପରି ସାଂସଦମାନଙ୍କ ଦରମା ନିର୍ଦ୍ଧାରଣ ପାଇଁ ନୂତନ ବ୍ୟବସ୍ଥା ଆଗାମୀ ଏପ୍ରିଲ ପହିଲାରୁ ଲାଗୁ ହେବ। ସେମାନଙ୍କ ଭତା ପ୍ରତି ୫ ବର୍ଷରେ ଥରେ ଆପଣା ଛାଏଁ ସଂଶୋଧନ ହେବ।

## ବଜେଟ ମୁଖ୍ୟାଂଶ

☐ ୩ ଲକ୍ଷ କିଲୋମିଟରରୁ ଅଧିକ ସଡକ ନିର୍ମାଣ
☐ ୩ ଲକ୍ଷ କୋଟି ଟଙ୍କାର 'ମୁଦ୍ରା ଋଣ'
☐ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଅଧିନରେ ୧.୫ ଲକ୍ଷ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆରମ୍ଭ ହେବ ସୁପରିକଳ୍ପିତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଯତ୍ନ କାର୍ଯ୍ୟକ୍ରମ
☐ ବିଶ୍ୱର ସର୍ବ ବୃହତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ମୋଦି କେୟାର)ରେ ସାମିଲ ହେବେ ୧୦ କୋଟି ଗରୀବ ପରିବାର ତଥା ୫୦ କୋଟି ହିତାଧିକାରୀ
☐ ପ୍ରତିବର୍ଷ ଜଟିଳ ଚିକିତ୍ସା ପାଇଁ ଗରୀବଙ୍କୁ ମିଳିବ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଏବଂ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା
☐ ଯକ୍ଷ୍ମା ରୋଗୀଙ୍କ ପାଇଁ ଆରମ୍ଭ ହେବ ୬୦୦ କୋଟି ଟଙ୍କାର ପୁଷ୍ଟିସାଧନ ଯୋଜନା
☐ ଆଉ ୨୪ଟି ନୂତନ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ଯୋଜନା
☐ ପ୍ରତି ୩ ସଂସଦୀୟ କ୍ଷେତ୍ର ପାଇଁ ରହିବ ଗୋଟିଏ ଲେଖାଏଁ ମେଡିକାଲ କଲେଜ ଓ ହସ୍ପିଟାଲ
☐ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୨୦୧୮-୧୯ ଆର୍ଥିକ ବର୍ଷ ସକାଶେ ୬୩,୮୩୬ କୋଟି ଟଙ୍କାର ବ୍ୟୟ ବରାଦ
☐ କୃଷି ଉତ୍ପାଦ ସଂରକ୍ଷଣ ପାଇଁ ଆରମ୍ଭ ହେବ ଅପରେସନ ଗ୍ରୀନ; ଏଥିଲାଗି ୫୦୦ କୋଟି ଟଙ୍କାର ବ୍ୟୟ ବରାଦ
☐ ଜୈବିକ କୃଷିର ବିକାଶ ଲାଗି ୨୦୦ କୋଟି ଟଙ୍କାର ବ୍ୟୟ ବରାଦ
☐ ଦେଶର ୨୨ ହଜାର ଗ୍ରାମ୍ୟ ହାଟକୁ ସ୍ଥାୟୀ କୃଷି ବଜାର ରୂପେ ବିକଶିତ କରାଯାଇ ଇ-ନାମ (ଏକୀକୃତ ଜାତୀୟ ଇଲେକ୍ଟ୍ରୋନିକ କୃଷି ବଜାର) ସହ ଯୋଡାଯିବ
☐ ୨୦୧୮ ମାର୍ଚ୍ଚ ସୁଦ୍ଧା ଇ-ନାମ ସହ ୫୮୫ ମଣ୍ଡି ଯୋଡିବାକୁ ଯୋଜନା
☐ ବର୍ତମାନ ସୁଦ୍ଧା ୪୭୦ ମଣ୍ଡି ଇ-ନାମ ନେଟୱାର୍କରେ ସାମିଲ
☐ ଦେଶରୁ କୃଷି ଉତ୍ପାଦ ରପ୍ତାନୀ ୧୦୦ ବିଲିୟନ ଡଲାରରେ ପହଂଚାଇବାକୁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ
☐ ୪୨ଟି ମେଗା ଖାଦ୍ୟ ପାର୍କ ନିର୍ମାଣର ପ୍ରସ୍ତାବ
☐ ମାଛ ଚାଷ ଓ ପଶୁପାଳନ ପାଇଁ ୨ଟି ନୂଆ ପାଣ୍ଠି ଗଠନ ସହ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ
☐ ୨୦୨୨ସୁଦ୍ଧା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ଦେଶର ବିଭିନ୍ନ ସ୍ଥାନରେ ଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର କୃଷି ଉତ୍ପାଦ କ୍ଲଷ୍ଟରକୁ ବିକଶିତ କରାଯିବ।
☐ ଖାଦ୍ୟ ଉତ୍ପାଦନ ରେକର୍ଡସ୍ତରରେ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ ପ୍ରତିଶତ ଅଭିବୃଦ୍ଧି
☐ କୃଷି ବର୍ଜ୍ୟ ପୋଡି ଯୋଗୁଁ ଉତ୍ପନ୍ନ ବାୟୁ ପ୍ରଦୂଷଣ ରୋକିବାକୁ ସ୍ୱତନ୍ତ୍ର ଯୋଜନା
☐ କୃଷି ଉତ୍ପାଦ କାରବାର କରୁଥିବା ସଂସ୍ଥାମାନଙ୍କୁ ୧୦୦ ପ୍ରତିଶତ ଟିକସ ରିହାତି
☐ ପ୍ରତି ଗାଁକୁ ସ୍ୱଚ୍ଛ ରଖିବା ଲାଗି ଆରମ୍ଭ ହେବ ଗୋବର୍ଦ୍ଧନ ଯୋଜନା
☐ ଏଣିକି କିଷାନ କ୍ରେଡିକ କାର୍ଡ ଜରିଆରେ ମତ୍ସ୍ୟଚାଷ ଓ ପଶୁପାଳନ ପାଇଁ ମିଳିବ ଋଣ ସହାୟତା
☐ ୧୧୫ ଅଭିଳାଷୀ ଜିଲ୍ଲାକୁ ଆଦର୍ଶ ଜିଲ୍ଲାରେ ପରିଣତ କରିବା ଲାଗି ହେବ ନିରନ୍ତର ବିକାଶ କାର୍ଯ୍ୟକ୍ରମ
☐ ୮ କୋଟି ପରିବାରକୁ ଉଜ୍ଜଳା ଯୋଜନାରେ ଦିଆଯିବ ମାଗଣା ରନ୍ଧନ ଗ୍ୟାସ ସଂଯୋଗ
☐ ସୌଭାଗ୍ୟ ଯୋଜନାରେ ୪ କୋଟି ଗରୀବ ପରିବାରକୁ ମିଳିବ ମାଗଣା ବିଜୁଳୀ ସଂଯୋଗ
☐ ୨୦୧୮-୧୯ରେ ଅଧିକ ୫୧ ଲକ୍ଷ ଆବାସ ନିର୍ମାଣ ଯୋଜନା
☐ ରାଷ୍ଟ୍ରୀୟ ଗ୍ରାମୀଣ ଜୀବିକା ନିର୍ବାହ ମିଶନ ପାଇଁ ୫,୭୫୦ କୋଟି ଟଙ୍କା
☐ ଭୂତଳ ଜଳ ସେଚନ ପାଇଁ ୯୬ଟି ଜଳକ୍ଲିଷ୍ଟ ଜିଲ୍ଲାରେ ଖର୍ଚ୍ଚ ହେବ ୨,୬୦୦ କୋଟି ଟଙ୍କା
☐ ୨୦୧୮-୧୯ରେ ଦେଶରେ ୧.୮୮ କୋଟି ଶୌଚାଳୟ ନିର୍ମାଣର ପ୍ରସ୍ତାବ
☐ ରାଷ୍ଟ୍ରୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ୯,୯୭୫ କୋଟି ଟଙ୍କାର ବ୍ୟୟ ବରାଦ
☐ ରାଷ୍ଟ୍ରୀୟ ବାଉଁଶ ମିଶନ ପାଇଁ ୧,୨୯୦ କୋଟି ଟଙ୍କାର ପ୍ରସ୍ତାବ
☐ ଦେଶରେ ଶିକ୍ଷକମାନଙ୍କ ପାଇଁ ଏକୀକୃତ ବିଇଡି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେବ
☐ ଆଦିବାସୀ ଅଂଚଳରେ ଖୋଲିବ ଅଧିକ ଏକଲବ୍ୟ ଆବାସିକ ବିଦ୍ୟାଳୟ
☐ ତଫସିଲଭୁକ୍ତ ଜାତି ବର୍ଗର କଲ୍ୟାଣ ପାଇଁ ୨୦୧୮-୧୯ ବର୍ଷରେ ୫୬,୬୧୯ କୋଟି ଟଙ୍କାର ବ୍ୟୟ ବରାଦ
☐ ତଫସିଲଭୁକ୍ତ ଉପଜାତି ବର୍ଗର କଲ୍ୟାଣ ପାଇଁ ୨୦୧୮-୧୯ ବର୍ଷରେ ୩୯,୧୩୫ କୋଟି ଟଙ୍କାର ବ୍ୟୟ ବରାଦ
☐ ସଙ୍ଗଠିତ କ୍ଷେତ୍ରରେ ୭୦ ଲକ୍ଷ କର୍ମନିଯୁକ୍ତି ସୁଯୋଗ ସୃଷ୍ଟିର ଲକ୍ଷ୍ୟ
☐ ୨୦୧୮-୧୯ ଆର୍ଥିକ ବର୍ଷରେ ରେଳବାଇ ପାଇଁ ୧,୪୮,୫୨୮ କୋଟି ଟଙ୍କାର ଖର୍ଚ୍ଚ ପ୍ରସ୍ତାବ
☐ ୬୦୦ ରେଳ ଷ୍ଟେସନର ହେବ ପୁନଃବିକାଶ
☐ ୩,୬୦୦ କିଲୋମିଟର ରେଳପଥର ହେବ ନବୀକରଣ
☐ ଡିଜିଟାଲ ଇଣ୍ଡିଆ ପାଇଁ ୩,୦୭୩ କୋଟି ଟଙ୍କା
☐ ସ୍ୱଦେଶୀ ଜ୍ଞାନ କୌଶଳ ଆଧାରିତ ୫ଜି ଟେକ୍ନୋଲଜି ବିକାଶ ପାଇଁ ଚେନ୍ନାଇରେ ସ୍ଥାପିତ ହେବ ଅତ୍ୟାଧୁନିକ ଗବେଷଣାଗାର
☐ କ୍ରାଇପ୍ଟୋ କରେନ୍ସିକୁ ମିଳିବନି ଆଇନଗତ ବୈଧତା
☐ ଦେଶର ସବୁ ଟୋଲ ଗେଟ୍ କୁ ଇ-ଟୋଲ ଗେଟ୍ ରେ ପରିଣତ କରାଯିବ
☐ ୨୦୧୮-୧୯ ଆର୍ଥିକ ବର୍ଷରେ ୮୦,୦୦୦ କୋଟି ଟଙ୍କାର ସରକାରୀ ପୁଞ୍ଜିବିନିବେଶ ପାଇଁ ଅର୍ଥମନ୍ତ୍ରୀଙ୍କ ଘୋଷଣା
☐ ବାପୁଜୀଙ୍କ ୧୫୦ ତମ ଜୟନ୍ତୀ ଲାଗି ୧୫୦ କୋଟି ଟଙ୍କା
☐ ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ୪୦ ହଜାର ଟଙ୍କା
☐ ବରିଷ୍ଠ ନାଗରିକଙ୍କ ପାଇଁ ସଂଚୟ ଜମା ସୁଧ ଉପରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ; ମୋବାଇଲ ଫୋନ୍ ଉପରେ ବହିଃଶୁଳ୍କ ୧୫ ରୁ ୨୦%କୁ ବୃଦ୍ଧି

## ଗ୍ରାମାଞ୍ଚଳରେ ଭିତ୍ତିଭୂମି ଓ ଜୀବିକା ସମ୍ବଳ ସୃଷ୍ଟି ଲାଗି ୧୪.୩୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ;

### କୃଷି କ୍ଷେତ୍ରରେ ପଛୁଆ ୯୬ ଜିଲ୍ଲାରେ ଜଳସେଚନ ନିମନ୍ତେ ୨୬ଶହ କୋଟି ଟଙ୍କା ଆବଣ୍ଟନ

ନୂଆଦିଲ୍ଲୀ, ୧/୨(ଏଜେନ୍ସି) କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଅରୁଣ ଜେଟଲୀ ଆଜି ସଂସଦରେ ସାଧାରଣ ବଜେଟ ୨୦୧୮-୧୯ ଉପସ୍ଥାପନ କରି ଘୋଷଣା କରିଛନ୍ତି ଯେ, ଗ୍ରାମାଞ୍ଚଳରେ ଜୀବିକା ସମ୍ବଳ, କୃଷି ଓ ତତସମ୍ବନ୍ଧୀୟ କାର୍ଯ୍ୟକଳାପ ଏବଂ ଗ୍ରାମାଞ୍ଚଳ ମୌଳିକ ଭିତ୍ତିଭୂମି ସୁବିଧାର ନିର୍ମାଣ ଉପରେ ସରକାର ଆହୁରି ଅଧିକ ଅର୍ଥ ବ୍ୟୟ କରିବେ। ଯାହାଦ୍ୱାରା ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଜୀବିକାନିର୍ବାହ ସୁଯୋଗ ଉପଲବ୍ଧ ହୋଇପାରିବ। ୨୦୧୮-୧୯ରେ ଗ୍ରାମାଞ୍ଚଳ କ୍ଷେତ୍ରରେ ଜୀବିକା ଏବଂ ମୌଳିକ ଭିତିଭୂମି ସୁଯୋଗ ସୃଷ୍ଟି ଲାଗି ମନ୍ତ୍ରଣାଳୟଗୁଡ଼ିକ ଦ୍ୱାରା ୧୪.୩୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିରେ ୧୧.୯୮ ଲକ୍ଷ କୋଟି ଟଙ୍କା ଅତିରିକ୍ତ ବଜେଟ ଏବଂ ଅଣ ବଜେଟ ସମ୍ବଳ ସାମିଲ ରହିଛି। ଅର୍ଥମନ୍ତ୍ରୀ କହିଥିଲେ ଯେ କୃଷି ସହ ଜଡ଼ିତ କାର୍ଯ୍ୟକଳାପ ବ୍ୟତୀତ, ଏହି ଖର୍ଚ୍ଚରୁ ୩୨୧ କୋଟି ମାନବ ଦିବସର ରୋଜଗାର ସୃଷ୍ଟି, ୩.୧୭ ଲକ୍ଷ କିଲୋମିଟର ଗ୍ରାମୀଣ ସଡ଼କ, ୫୧ ଲକ୍ଷ ନୂଆ ଗ୍ରାମାଂଚଳ ବାସଗୃହ, ୧.୮୮ କୋଟି ଶୌଚାଳୟ ନିର୍ମାଣ କରାଯିବ। ସେ କହିଥିଲେ ଯେ ଏଥିରେ କୃଷିକୁ ପ୍ରୋତ୍ସାହନ ମିଳିବା ବ୍ୟତୀତ ୧.୭୫ କୋଟି ନୂଆ ପରିବାରକୁ ବିଦ୍ୟୁତ ସଂଯୋଗ ମିଳିପାରିବ।

ଅର୍ଥମନ୍ତ୍ରୀ କହିଥିଲେ ଯେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ମିଳୁଥିବା ଋଣ ପୂର୍ବ ବର୍ଷ ତୁଳନାରେ ୩୭ ପ୍ରତିଶତ ବୃଦ୍ଧି କରାଇ ୨୦୧୬-୧୭ ବର୍ଷରେ ପାଖାପାଖି ୪୨,୫୦୦ କୋଟି ଟଙ୍କା କରାଯାଇଥିଲା। ଅର୍ଥମନ୍ତ୍ରୀ କହିଥିଲେ ଯେ ସରକାର ଆଶା କରୁଛନ୍ତି ଯେ ମାର୍ଚ୍ଚ ୨୦୧୯ ସୁଦ୍ଧା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ଋଣ ଅର୍ଥରାଶି ପରିମାଣ ବୃଦ୍ଧି କରାଯାଇ ୭୫,୦୦୦ କୋଟି ଟଙ୍କା କରିଦିଆଯିବ। ୨୦୧୮-୧୯ରେ ଜାତୀୟ ଗ୍ରାମୀଣ ଜୀବିକା କାର୍ଯ୍ୟକ୍ରମର ଆବଂଟନକୁ ପର୍ଯ୍ୟାପ୍ତ ପରିମାଣରେ ବୃଦ୍ଧି କରାଯାଇ ୫୭୫୦ କୋଟି ଟଙ୍କା କରିଦିଆଯାଇଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ଭୂ-ଜଳ ସେଚନ ଯୋଜନାକୁ ମଜଭୁତ କରିବା ଲାଗି ଜଳସେଚନ ସୁବିଧା ନଥିବା ୯୬ ଜିଲ୍ଲାରେ ଜଳସେଚନ ଆରମ୍ଭ କରାଯିବ। ଏଥିପାଇଁ ୨୬ଶହ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

## ପୁଞ୍ଜି ପ୍ରତ୍ୟାହାରରୁ ୧ ଲକ୍ଷ କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ

ନୂଆଦିଲ୍ଲୀ, ୧/୨(ଏଜେନ୍ସି) ସରକାର ପାଣ୍ଠି ଯୋଗାଡ଼ ଏବଂ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସୁଧାର ଆଣିବା ଲାଗି ପ୍ରୟାସ ଆରମ୍ଭ କରିଦେଇଛନ୍ତି। ୨୦୧୮-୧୯ର ସାଧାରଣ ବଜେଟ ଉପସ୍ଥାପନ କରି କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଅରୁଣ ଜେଟଲୀ ଗୁରୁବାର ସଂସଦରେ କହିଛନ୍ତି ଯେ ୨୪ଟି କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗରେ ନୀତିଗତ ପୁଞ୍ଜି ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ କରାଯାଇଛି, ଯେଉଁଥିରେ ଏଆର ଇଣ୍ଡିଆର ନୀତିଗତ ଘରୋଇକରଣ ରହିଛି। ପାଣ୍ଠି ଯୋଗାଡ଼ କରିବା ଲାଗି ସରକାରଙ୍କ ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରି ଅର୍ଥମନ୍ତ୍ରୀ କହିଥିଲେ ଯେ ୧୪,୫୦୦ କୋଟି ଟଙ୍କା ଯୋଗାଡ଼ ଲାଗି ଆରମ୍ଭ କରାଯାଇଥିବା ଏକ୍ସଚେଞ୍ଜ ଟ୍ରେଡେଡ ଫଣ୍ଡ ଭାରତ-୨୨ ସମସ୍ତ ଭାଗରେ ଓଭର ସବସ୍କ୍ରାଇବ ଥିଲା। ସେହିପରି ପୁଞ୍ଜି ପ୍ରତ୍ୟାହାର ଲାଗି ୨୦୧୭-୧୮ର ବଜେଟର ପୂର୍ବାନୁମାନ ୭୨,୫୦୦ କୋଟି ଟଙ୍କାର ସର୍ବୋଚ୍ଚ ସ୍ତରରେ ସ୍ଥିର ରହିଥିଲା ତଥା ଏଥିରୁ ଆନୁମାନିକ ପ୍ରାପ୍ତି ମଧ୍ୟ ୨୦୧୭-୧୮ରେ ଲକ୍ଷ୍ୟ ଠାରୁ ଅଧିକ ୧ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ହେବାର ଆଶା କରାଯାଉଛି। ଅର୍ଥମନ୍ତ୍ରୀ ୨୦୧୮-୧୯ ଲାଗି ପୁଞ୍ଜି ପ୍ରତ୍ୟାହାରର ଲକ୍ଷ୍ୟ ମଧ୍ୟ ୮୦ ହଜାର କୋଟି ଟଙ୍କା ରଖିଛନ୍ତି। ନିଜ ବଜେଟ ଭାଷଣରେ ଅର୍ଥମନ୍ତ୍ରୀ କହିଥିଲେ ଯେ ବ୍ୟାଙ୍କଗୁଡ଼ିକୁ ତୂନନ ପୁଞ୍ଜି ଉପଲବ୍ଧ କରାଇବାର କାର୍ଯ୍ୟକ୍ରମ ଚଳିତ ବର୍ଷ ଜାରି କରାଯାଉଥିବା ୮୦ ହଜାର କୋଟି ଟଙ୍କାର ବଣ୍ଡରୁ ଆରମ୍ଭ କରାଯାଇଛି। ଏହି ନୂଆ ପୁଁ ଉପଲବ୍ଧ ହେବା ଦ୍ୱାରା ରାଷ୍ଟ୍ରାୟତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ଲାଗି ୫ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ପୁଞ୍ଜି ଋଣ ଆକାରରେ ଦେବାର ମାର୍ଗ ପ୍ରଶସ୍ତ ହୋଇପାରିବ। ସୁଦୃଢ଼ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ବଜାରରୁ ପୁଞ୍ଜି ଯୋଗାଡ଼ କରିବା ଲାଗି ଅନୁମତି ଦେବାର ପ୍ରସ୍ତାବ ରହିଛି, ଯାହାଦ୍ୱାରା ସେଗୁଡ଼ିକ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ନିଜର ପ୍ରଭାବ ବଢ଼ାଇପାରିବେ।

ରାଷ୍ଟ୍ରୀୟ ଆବାସ ବ୍ୟାଙ୍କ ଅଧିନିୟମରେ ମଧ୍ୟ ସଂଶୋଧନ କରାଯାଉଛି। ଭାରତୀୟ ଡାକଘର ଅଧିନିୟମ, ଭବିଷ୍ୟନିଧି ଅଧିନିୟମ ଏବଂ ରାଷ୍ଟ୍ରୀୟ ସଂଚୟ ପ୍ରମାଣପତ୍ର ଅଧିନିୟମକୁ ଏକୀକୃତ କରାଯାଉଛି। ଏହାଛଡ଼ା କେତେକ ଅତିରିକ୍ତ ଜନଉପଯୋଗୀ ଉପାୟ ଆରମ୍ଭ କରାଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଅଧିକ ଲିକ୍ୟୁଡିଟିର ବ୍ୟବସ୍ଥା କରାଇବାର ମାଧ୍ୟମ କରିବା, ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମକୁ ଅଣପାରମ୍ପରିକ ଜମା ସୁବିଧା ରୂପରେ ସଂସ୍ଥାଗତ କରିବା ନିମନ୍ତେ ସଂଶୋଧନ କରାଯାଉଛି।

## କୃଷକଙ୍କ ଆୟ ଦୁଇଗୁଣା କରିବା ଲକ୍ଷ୍ୟ

ନୂଆଦିଲ୍ଲୀ, ୧/୨(ଏଜେନ୍ସି) ସାଧାରଣ ବଜେଟ ୨୦୧୮-୧୯ରେ କୁହାଯାଇଛି ଯେ, ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅର୍ଥାତ ୨୦୨୨ ବେଳକୁ କୃଷକଙ୍କ ଆୟ ଦୁଇଗୁଣା କରାଯିବ। ଏହାକୁ ଦୃଷ୍ଟିରେ ରଖି ଅର୍ଥମନ୍ତ୍ରୀ ସାଧାରଣ ବଜେଟ ୨୦୧୮-୧୯ରେ କୃଷି କ୍ଷେତ୍ର ଲାଗି ଅନେକ ନୂଆ ଯୋଜନାର ଘୋଷଣା କରି କହିଥିଲେ ଯେ ଆମେ କୃଷକଙ୍କ ଆୟ ବଢ଼ାଇବା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ। ଆମେ କୃଷିକୁ ଏକ ଉଦ୍ୟୋଗ ଭାବେ ବିବେଚନା କରୁଛୁ ଏବଂ କୃଷକଙ୍କ ସହାୟତା କରିବା ଲାଗି ଚାହୁଁଛୁ। ଯାହାଦ୍ୱାରା ସେମାନେ କମ ଖର୍ଚ୍ଚରେ ସମାନ ଜମିରୁ ବହୁଗୁଣ ଅଧିକ ଅମଳ ପାଇପାରିବେ ଏବଂ ନିଜ ଉତ୍ପାଦିତ ଫସଲକୁ ଅଧିକ ଦାମରେ ବିକ୍ରି କରିପାରିବେ। ସରକାର ବର୍ତ୍ତମାନ ସୁଦ୍ଧା ସମସ୍ତ ଅଘୋଷିତ ଖରିଫ ଫସଲ ପାଇଁ ଉତ୍ପାଦନ ବ୍ୟୟ ଠାରୁ ସର୍ବନିମ୍ନ ଦେଢ଼ଗୁଣା ଏମଏସପି (ସର୍ବନିମ୍ନ ସହାୟକ ମୂଲ୍ୟ) ନିର୍ଦ୍ଧାରଣ କରିବା ଲାଗି ନିଷ୍ପତି ନେଇଛନ୍ତି। ଏହି ଐତିହାସିକ ନିଷ୍ପତ୍ତି ଦେଶର କୃଷକମାନଙ୍କ ଆୟ ଦୁଇଗୁଣା କରିବା ଦିଗରେ ଏକ ଗୁରୁତ୍ୱ ପଦକ୍ଷେପ ଭାବେ ସାବ୍ୟସ୍ତ ହେବ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହିତ ବିଚାରବିମର୍ଶ କରାଯାଇ ନୀତି ଆୟୋଗ ଏକ ପ୍ରଭାବୀ ବ୍ୟବସ୍ଥା ନିର୍ଦ୍ଧାରଣ କରିବେ, ଯାହାଦ୍ୱାରା କୃଷକମାନଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ପର୍ଯ୍ୟାପ୍ତ ଦାମ ମିଳିପାରିବ।

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପରେ ସରକାର କୃଷି କ୍ଷେତ୍ର ଲାଗି ସଂସ୍ଥାଗତ ଋଣକୁ ୨୦୧୭-୧୮ ବର୍ଷ ଲାଗି ୧୦ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି କରି ୨୦୧୮-୧୯ ବର୍ଷ ପାଇଁ ୧୧ ଲକ୍ଷ କୋଟି ଟଙ୍କା କରିବା ନିମନ୍ତେ ଘୋଷଣା କରିଛନ୍ତି ସରକାରଙ୍କ ସଂକଳ୍ପକୁ ଆଗେଇ ନେବା ଲାଗି ଅର୍ଥମନ୍ତ୍ରୀ ୨୦୧୮-୧୯ ବଜେଟରେ ୫୦୦ କୋଟି ଟଙ୍କାର ବ୍ୟୟବରାଦ ସହିତ 'ଅପରେସନ ଗ୍ରୀନ୍ସ' ଶୁଭାରମ୍ଭ କରିବା ଲାଗି ଘୋଷଣା କରିଥିଲେ। ଏହାଦ୍ୱାରା ଶୀଘ୍ର ନଷ୍ଟ ହୋଇଯାଉଥିବା ଫସଲ ଯେପରିକି ଆଳୁ, ଟମାଟୋ ଏବଂ ପିଆଜର ମୂଲ୍ୟରେ ଦ୍ରୁତ ହ୍ରାସବୃଦ୍ଧି ସମସ୍ୟାର ମୁକାବିଲା କରାଯାଇପାରିବ। 'ଅପରେସନ ଫ୍ଲଡ' ଆଧାରରେ ଆରମ୍ଭ କରାଯାଇଥିବା 'ଅପରେସନ ଗ୍ରୀନ୍ସ' ଏହି କ୍ଷେତ୍ରରେ କୃଷକ ଉତ୍ପାଦକ ସଂଗଠନ (ଏଫପିଓ), କୃଷି ଲଜିଷ୍ଟିକ୍ସ, ପ୍ରକ୍ରିୟାକରଣ ସୁବିଧା ଏବଂ ପ୍ରଫେସନାଲ ପରିଚାଳନାକୁ ପ୍ରୋତ୍ସାହନ ଦେବ। ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ କରୁଥିବା କୃଷି ଉତ୍ପାଦକ କମ୍ପାନୀ (ଏଫପିସି)ଗୁଡ଼ିକୁ ମିଳୁଥିବା ଲାଭ ଉପରେ ୫ ବର୍ଷର ଅବଧି ପର୍ଯ୍ୟନ୍ତ ୧୦୦ ପ୍ରତିଶତ ଟିକସ ଛାଡ଼ର ଘୋଷଣା କରିଥିଲେ। ଏହାର ଆରମ୍ଭ ୨୦୧୮-୧୯ ବର୍ଷ ଠାରୁ ହେବ। ଏହାପଛରେ ଥିବା ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷି କ୍ଷେତ୍ରରେ ଫସଲ ଅମଳ ପରେ ମୂଲ୍ୟ ବୃଦ୍ଧିକୁ ପେସାଦାର ଦୃଷ୍ଟିକୋଣରୁ ପ୍ରୋତ୍ସାହନ ଦେବା।

ସରକାର ବ୍ୟାପକ ପରିମାଣରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦେଇଛନ୍ତି। ବୃହତ କ୍ଲଷ୍ଟର, ବିଶେଷ କରି ପ୍ରତ୍ୟେକ ୧ହଜାର ହେକ୍ଟରରେ ପରିବ୍ୟାପ୍ତ କ୍ଲଷ୍ଟରରେ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଏବଂ ଗ୍ରାମୀଣ ଉତ୍ପାଦକ ସଂଗଠନ (ବିପିଓ)ରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦିଆଯିବ। ଜାତୀୟ ଗ୍ରାମୀଣ ଜୀବିକା କାର୍ଯ୍ୟକ୍ରମ ଅନ୍ତର୍ଗତ କ୍ଲଷ୍ଟରରେ ଜୈବିକ କୃଷି କରିବା ଲାଗି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଗୁଡ଼ିକୁ ମଧ୍ୟ ପ୍ରୋତ୍ସାହନ ଦିଆଯିବ। ଅତି ସ୍ୱତନ୍ତ୍ର ଔଷଧ ଏବଂ ସୁଗନ୍ଧିତ ଗଛର ସଂଗଠିତ କୃଷିରେ ସହାୟତା କରିବା ଏବଂ ଅତର, ଆବଶ୍ୟକ ତେଲ ଏବଂ ଅନ୍ୟ ତତସଂକ୍ରାନ୍ତୀୟ ସାମଗ୍ରୀର ଉତ୍ପାଦନ କରୁଥିବା କ୍ଷୁଦ୍ର ଏବଂ କୁଟୀର ଶିଳ୍ପଗୁଡ଼ିକୁ ସହାୟତା କରିବା ଲାଗି ୨୦୦ କୋଟି ଟଙ୍କା ଆବଂଟନ କରାଯାଇଛି।

ବର୍ତମାନ ଥିବା ୨୨ ହଜାର ଗ୍ରାମାଂଚଳ ହାଟଗୁଡ଼ିକୁ ଗ୍ରାମାଞ୍ଚଳ କୃଷି ବଜାର (ଗ୍ରାମ) ରୂପରେ ବିକଶିତ କରାଯିବା ଲାଗି ଘୋଷଣା କରି ଅର୍ଥମନ୍ତ୍ରୀ କହିଥିଲେ ଯେ ଭାରତରେ ୮୬ ପ୍ରତିଶତରୁ ଅଧିକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଅଛନ୍ତି ଯେଉଁମାନେ ସିଧାସଳଖ ଏପିଏମସି ଏବଂ ଅନ୍ୟ ପାଇକାରୀ ବଜାରରେ କାରବାର କରିବା ସ୍ଥିତିରେ ସବୁବେଳେ ନଥା'ନ୍ତି। ଏହି 'ଗ୍ରାମ'ରେ ମନରେଗା ତଥା ଅନ୍ୟ ସରକାରୀ ଯୋଜନାର ଉପଯୋଗ କରି ଭୌତିକ ସର୍ବନିମ୍ନ ଭିତିଭୂମି ସୁବିଧାର ଉନ୍ନତିକରଣ କରାଯିବ ଏବଂ ସେଗୁଡ଼ିକୁ ଇଲେକଟ୍ରୋନିକ ରୂପରେ ଇ-ନାମ ସହ ଯୋଡ଼ାଯିବ। ଏଥିସହିତ ଏପିଏମସିକୁ ନିୟନ୍ତ୍ରଣ ବାହାରେ ରଖାଯିବ। ଏହାଦ୍ୱାରା ଚାଷୀମାନେ ସିଧାସଳଖ ଉପଭୋକ୍ତା ଏବଂ ଅଧିକ କ୍ରୟ କରୁଥିବା ଲୋକମାନଙ୍କୁ ନିଜ ଉତ୍ପାଦିତ ଫସଲ ବିକ୍ରି କରିପାରିବେ। ଗତ ବଜେଟରେ ସରକାର ଇ-ନାମକୁ ସୁଦୃଢ଼ କରିବା ଏବଂ ୫୮୫ ଏପିଏମସିରେ ଇ-ନାମର କଭରେଜ ବଢ଼ାଇବା ଲାଗି ଘୋଷଣା କରିଥିଲେ। ଏଥିମଧ୍ୟରୁ ୪୭୦ ଏପିଏମସିକୁ ଇ-ନାମ ନେଟୱାର୍କ ସହ ଯୋଡ଼ିଦିଆଯାଇଛି ଏବଂ ଅବଶିଷ୍ଟ ଏପିଏମସିକୁ ମାର୍ଚ୍ଚ ୨୦୧୮ ସୁଦ୍ଧା ଏହା ସହ ଯୋଡ଼ିଦିଆଯିବ। ଏହାବ୍ୟତୀତ ୨୨ ହଜାର ଗ୍ରାମୀଣ କୃଷି ବଜାର (ଗ୍ରାମ) ଏବଂ ୫୮୫ ଏପିଏମସିରେ କୃଷି ବିପଣନ ସହ ସମ୍ବନ୍ଧୀୟ ମୌଳିକ ଢାଂଚା ବିକଶିତ କରିବା ଲାଗି ୨ ହଜାର କୋଟି ଟଙ୍କାର ଅର୍ଥରାଶି ବିଶିଷ୍ଟ କୃଷିବଜାର ଢାଂଚାଗତ ପାଣ୍ଠି ବ୍ୟବସ୍ଥା କରାଯିବ।

ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟ ଲାଗି ଆବଣ୍ଟନ ୨୦୧୭-୧୮ ବର୍ଷ ଲାଗି ୭୧୫ କୋଟି ଟଙ୍କାର ସଂଶୋଧିତ ଅନୁମାନ ଠାରୁ ଦୁଇଗୁଣା କରିଦିଆଯାଇଛି। ୨୦୧୮-୧୯ ବର୍ଷର ବଜେଟରେ ଏଥିପାଇଁ ୧୪ଶହ କୋଟି ଟଙ୍କା ଆବଂଟନ କରାଯାଇଛି। ପ୍ରଧାନମନ୍ତ୍ରୀ କୃଷି ସମ୍ପଦା ଯୋଜନା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହନ ଦେଉଥିବା ଆମର ପ୍ରମୁଖ କାର୍ଯ୍ୟକ୍ରମ। ଏହି କ୍ଷେତ୍ର ହାରାହାରୀ ୮ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାର ସହିତ ଆଗକୁ ବଢୁଛି। ମନ୍ତ୍ରୀ ମହାଶୟ କହିଥିଲେ ଯେ ଏହି କ୍ଷେତ୍ର ଲାଗି ଆବଂଟନକୁ ବଢ଼ାଇ ସରକାର ଏହି କ୍ଷେତ୍ରରେ ସ୍ୱତନ୍ତ୍ର କୃଷି ପ୍ରକ୍ରିୟାକରଣ ଆର୍ଥିକ ପ୍ରତିଷ୍ଠାନର ପ୍ରତିଷ୍ଠାକୁ ପ୍ରୋତ୍ସାହନ ଦେବେ। ସମସ୍ତ ୪୨ଟି ମେଗା ଫୁଡପାର୍କରେ ପରୀକ୍ଷଣର ଅତ୍ୟାଧୁନିକ ସୁବିଧା କରାଯିବ।

ମାଛ ଚାଷ ଏବଂ ପଶୁ ପାଳନ କ୍ଷେତ୍ରର ଛୋଟ ଏବଂ ନାମମାତ୍ର ଚାଷୀଙ୍କ କାର୍ଯଶୀଳ ପୁଞ୍ଜି ଆବଶ୍ୟକତା ପୂରଣରେ ସହାୟତା ଲାଗି ଏକ ପ୍ରମୁଖ ପଦକ୍ଷେପ ଘୋଷଣା କରି ଅର୍ଥମନ୍ତ୍ରୀ କିସାନ କ୍ରେଡିଟ କାର୍ଡ (କେସିସି) ସୁବିଧା ଏହି କ୍ଷେତ୍ରକୁ ମଧ୍ୟ ଦେବା ଲାଗି କହିଥିଲେ। ଏଥିରେ ପଶୁ, ମଇଁଷି, ଛେଳି, ମେଣ୍ଢା, କୁକୁଡ଼ା ଏବଂ ମାଛ ଚାଷ ଲାଗି କୃଷି ଋଣ ଏବଂ ସୁଧ ସବସିଡିର ଲାଭ ମିଳିବ। ସୂଚନାଯୋଗ୍ୟ ଯେ ବର୍ତମାନ ସୁଦ୍ଧା ଏହି ସୁବିଧା କେବଳ କୃଷି କ୍ଷେତ୍ର ପାଇଁ ଉପଲବ୍ଧ ଥିଲା। ଏହାବ୍ୟତୀତ ମାଛ ଚାଷ କ୍ଷେତ୍ର ଲାଗି ମତ୍ସ୍ୟ ଚାଷ ଏବଂ ଜଳୀୟ କୃଷି ମୌଳିକ ଭିତ୍ତିଭୂମି ବିକାଶ ପାଣ୍ଠି (ଏଫଏଆଇଡିଏଫ) ଏବଂ ପଶୁପାଳନ କ୍ଷେତ୍ରର ମୌଳିକ ଆବଶ୍ୟକତା ପୂରଣ ପାଇଁ ଆର୍ଥିକ ସହାୟତା ନିମନ୍ତେ ପଶୁପାଳନ ମୌଳିକ ଭିତ୍ତିଭୂମି ବିକାଶ ପାଣ୍ଠି (ଏଏଚଆଇଡିଏଫ) ପ୍ରତିଷ୍ଠା କରାଯିବ।

ଅର୍ଥମନ୍ତ୍ରୀ ବାଉଁଶକୁ 'ସବୁଜ ସୁନା'ର ସଞ୍ଜ୍ଞା ଦେଇ ୧୨୯୦ କୋଟି ଟଙ୍କାର ପୁନର୍ଗଠିତ ଜାତୀୟ ବାଉଁଶ ମିଶନର ଶୁଭାରମ୍ଭ କରିବା ଲାଗି ଘୋଷଣା କରାଯାଇଛି। ଜମିରେ ହିଁ ଫସଲକୁ ପଚାଇବାର ବ୍ୟବସ୍ଥା ଲାଗି ଆବଶ୍ୟକ ମେସିନାରୀ ଉପରେ ସବସିଡି ଦେବା ଲାଗି ଏକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯିବ।

# ସୁନ୍ଦରଗଡ ଜିଲ୍ଲା ସମାଚାର

### ବନ ବିଭାଗର ବେପରୁଆ ନୀତି

## ରକ୍ଷଣା ବେକ୍ଷଣା ଅଭବାରୁ କଟା ଯାଉଛି ଶାଳବଣ ଜଙ୍ଗଲ

ବଣେଇଗଡ, ୧।୨ (ଶ୍ରୁ.ମି) : ବଣେଇଗଡ ବନ ଖଣ୍ଡ ଅଧୀନରେ ଥିବା ଲଡାମଘା ଗ୍ରାମରେ ବନ ବିଭାଗରେ ପ୍ରାୟ ୩ ହେକ୍ଟର ଜମିରେ ନର୍ସରୀ କରାଯାଇ ଏଥିରେ ଶାଳଗଛମାନ ଲଗାଯାଉଛି । ତେବେ ବନ ବିଭାଗ ପକ୍ଷରୁ ରକ୍ଷଣା ବେକ୍ଷଣାରେ ଅନେକ କାରଣରୁ ନର୍ସରୀ ନିକଟ ଦେଇ ଯାଇଥିବା ନଦୀ କୂଳର ମାଟି ଖାଇ ଖାଇ ଆସି ନର୍ସରୀ ଅଞ୍ଚଳର ପ୍ରାୟ ୨୦୦ ଟନ ମାଟି ମଧ୍ୟ ଖାଇ ଗାତ କରି ଦେଇଛି । ଫଳରେ ଶାଳବଣ ନଷ୍ଟ ହେବାକୁ ଯାଉଛି ।

## ପତ୍ନୀର ମୃତ୍ୟୁ ପରେ ସ୍ୱାମୀର ଆତ୍ମହତ୍ୟା

ଗୁରୁଣ୍ଡିଆ, ୧।୨ (ଶ୍ରୁ.ମି) : ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧୀନରେ ଥିବା ଗୁରୁଣ୍ଡି ଆ ଇକର କଣ୍ଟାମୁଣ୍ଡା ଗ୍ରାମର କେଟାଟୋଲିରେ ରହୁଥିବା ସଙ୍ଗିତା ସୋରେନ ନାମକ ଜଣେ ଯୁବତୀ ଗତ ୪ ମାସ ତଳେ କୁଞ୍ଜର ଗ୍ରାମରେ ରହୁଥିବା ସମୀର ସୋରେନକୁ ପ୍ରେମ ବିବାହ କରିଥିଲେ । ତେବେ ଏହି ବିବାହକୁ ନେଇ ଉଭୟଙ୍କ ପରିବାର ଲୋକଙ୍କ ସମର୍ଥନ ନଥିବାରୁ ଉଭୟ ପରିବାର ମଧ୍ୟରେ କଳହ ଲାଗି ରହିଥିଲା । ଗତ ୨୯ ଜାନୁଆରୀରେ ସଙ୍ଗିତାଙ୍କ ମୃତ ଦେହକୁ ପୋଲିସ କୁଞ୍ଜର ଜଙ୍ଗଲ ମଧ୍ୟରୁ କ୍ଷତ ବିକ୍ଷତ ଅବସ୍ଥାରେ ଉଦ୍ଧାର କରିଥିବାବେଳେ ସ୍ୱାମୀ ସମୀର ମଧ୍ୟ ଗତକାଲି ଗଛରେ ଫାଶି ଦେଇ ଆତ୍ମହତ୍ୟା କରିଥିଲେ । ପୋଲିସ ଉଭୟଙ୍କ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଥିବାବେଳେ ପ୍ରେମ ବିବାହକୁ ନେଇ ଲାଗି ରହିଥିବା କଳହ ଏହି ହତ୍ୟାକାଣ୍ଡର କାରଣ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି ।

## ଭାଉଜଙ୍କ ସାନ ଭଉଣୀକୁ ଅସଦାଚରଣ : ଦିଅର ଗିରଫ

ବୀରମିତ୍ରପୁର, ୧।୨ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧୀନରେ ଥିବା ବୀରମିତ୍ରପୁର ଥାନା ଅଞ୍ଚଳରେ ବ୍ରାହ୍ମଣୀ. ଗ୍ରାମରେ ରହୁଥିବା ସନ୍ଦୀପ ମିଶ୍ର ନିଜ ଭାଉଜଙ୍କ ସାନ ଭଉଣୀକୁ ଏକ ତରଫା ପ୍ରେମ କରୁଥିବାବେଳେ ଯୁବତୀଙ୍କ ଏଥିରେ ରାଜିହୋଇନଥିଲେ । ଫଳରେ ଗତକାଲି ଯୁବତୀ ଜଣଙ୍କ ନିଜ ଭଉଣୀ ଘରକୁ ଆସିଥିବାବେଳେ ସନ୍ଦୀପ ଅସଦାଚରଣ କରିଥିଲେ । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ କେସ ରୁଜୁ କରି ସନ୍ଦୀପକୁ ଗିରଫ କରି କୋର୍ଟଚାଲାଣ କରିଛି ।

### ଦେଓଭୂବନପୁର ଗ୍ରାମରେ ହତ୍ୟାକାଣ୍ଡ ମାମଲା

## ଫେରାର ସ୍ୱାମୀକୁ ଗିରଫ କଲା ପୋଲିସ

କିଞ୍ଜିରିକେଲା, ୧।୨ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧୀନରେ ଥିବା କିଞ୍ଜିରିକୋଲା ଥାନା ଅଞ୍ଚଳରେ ଦେଓଭୂବନପୁର ଗ୍ରାମରେ ଗତ ୨ ଦିନ ତଳେ ଜଗଦିଶ ମାଝୀ ନାମକ ଜଣେ ବ୍ୟକ୍ତି ନିଜ ପତ୍ନି ସସ୍ମିତାକୁ ହତ୍ୟା କରି ଫେରାର ହୋଇଯାଇଥିଲେ । ଏନେଇ ଥାନାରେ ହୋଇଥିବା କେସର ତଦନ୍ତ କରି ବିଭିନ୍ନ ସ୍ଥାନରେ ଚଢାଉ କରି ଫେରାରଥିବା ଜଗଦିଶକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ଗଛରେ ଫାଶି ଦେଇ ବୃଦ୍ଧଙ୍କ ଆତ୍ମହତ୍ୟା

ହାତିବାରି, ୧।୨ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧୀନରେ ଥିବା ହାତିବାରୀ ଥାନା ଅଞ୍ଚଳର କରଚଡଙ୍ଗା ଗ୍ରାମପଞ୍ଚାତର ଗିର୍ଜାଟୋଲିସଲେ ପାଖରେ ଥିବା ଏକ ଗଛରେ ଫାଶି ଦେଇ ସାଲାଡୋଙ୍ଗ (୬୦) ନାମକ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଜଣାପଡିଛି । ପୋଲିସ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି ।

## ପୋଲିସ ଗାଡିରେ ଚୋରା କାଠ ଚାଲାଣ

ବଣେଇଗଡ, ୧।୨ (ଶ୍ରୁ.ମି) : ରାଉରକେଲା ପୋଲିସ ଜିଲ୍ଲା ଅଧୀନରେ ଥିବା ବଣେଇଗଡ ଉପଖଣ୍ଡ ଅଞ୍ଚଳର ସୋଲଖଣ୍ଡରୁ ଗୋଟିଏ ପୋଲିସ ଗାଡି ନମ୍ବର ଓଡି -୦୫ ଓ୍ୱାଇ ୯୬୩୦ରେ କିଛି ଶାଳ ଗଣ୍ଡି ଲୋଡ କରି ଚାଲାଣ ହେଉଥିବା ଖବର ପାଇ ଗ୍ରାମବାସୀମାନେ ଅଟକ ରଖିବା ସହିତ ବନ ବିଭାଗକୁ ଖବର ଦେଇଥିଲେ । ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କଲାବେଳେ ଚାଲାଣ ହେଉଥିବା କାଠର କୌଣସି କାଗଜପତ୍ର ନଥିବା ଜାଣିବା ପରେ ଗାଡି ସମେତ କାଠକୁ ବନ ବିଭାଗ ନିଜ ଅଧୀନରେ ରଖିଥିଲା । ତେବେ ସନ୍ଧ୍ୟାରେ କେତେକ ବନ୍ଧୁକଧାରୀ ପୋଲିସ ପହଞ୍ଚି ଜବତ ହୋଇଥିବା ଗାଡି ସମେତ କାଠକୁ ଜୋର ଜବରଦସ୍ତ ବନ ବିଭାଗ କାର୍ଯ୍ୟାଳୟରୁ ନେଇ ପଳାଇଥିଲେ । ଏନେଇ ବନ ବିଭାଗ ପକ୍ଷରୁ ଗୁରୁଣ୍ଡିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଏଘଟଣାକୁ ନେଇ ବଣେଇଗଡ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଦୋଷୀମାନଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି ।

## କୂଅରେ ପଡିଥିବା ବଳଦକୁ ଉଦ୍ଧାର

କୁଆଁରମୁଣ୍ଡା, ୧।୨ (ଶ୍ରୁ.ମି) : ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧୀନରେ ଥିବା କୁଆଁରମୁଣ୍ଡା ବ୍ଲକର ଦୟନି ଗ୍ରାମପଞ୍ଚାୟତର ଖଡିଆ ଟୋଲାରେ ଥିବା ଏକ ପରିତ୍ୟକ୍ତ କୂଅରେ ଏକ ବଳଦ ପଡିଯାଇ ଛଟପଟ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀମାନେ ବଳଦଟିକୁ କୂଅରୁ ଉଦ୍ଧାର କରିଥିବା ଜଣାପଡିଛି ।

## ୫୦ ଲକ୍ଷ ଟଙ୍କାର ରାସ୍ତା ୨ ବର୍ଷ ମଧ୍ୟ ଗଲାନି

ଲାଠିକଟା, ୧।୨ (ଶ୍ରୁ.ମି) : ସୁନ୍ଦରଗଡ ରାଜସ୍ୱ ଜିଲ୍ଲାର ଲାଠିକଟା ବ୍ଲକର ପୋଡାବନ୍ଧ ଚେକଗେଟରୁ ବାନ୍ଧି ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ପ୍ରାୟ ୧ କି.ମି. ରାସ୍ତାକୁ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗତ ମାର୍ଚ୍ଚ ୨୦୧୬ରେ ନିର୍ମାଣ ହୋଇଥିଲା । ତେବେ ନିମ୍ନ ମାନର ସାମଗ୍ରୀ ବ୍ୟବହାର ହୋଇଥିବା କାରଣରୁ ଆଜି ୨ ବର୍ଷ . ରାସ୍ତରୁ ପିଚୁ ବାହାରି ଯାଇ ସ୍ଥାନେ ସ୍ଥାନେ ଗାତ ହୋଇଯାଇଥିବା ଜଣାପଡିଛି । ରାସ୍ତା କାମରେ ହୋଇଥିବା ଦୁର୍ନୀତିର ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି । (ନିମ୍ନ ମାନର କାମ ହୋଇଥିବା ଅଭିଯୋଗ)

## ବେଆଇନ ଇଟା ଭାଟିକୁ ନେଇ ଜନଅସନ୍ତୋଷ

ଲେଫ୍ରିପଡା, ୧।୨ (ଶ୍ରୁ.ମି) : ସୁନ୍ଦରଗଡ ରାଜସ୍ୱ ଜିଲଲା ଅଧିନରେ ଥିବା ଲେଫ୍ରିପଡା ବ୍ଲକର ସରଫିଗଡ ଗ୍ରାମରେ ଇଟା ବେପାରୀମାନେ ବେଆଇନ ଭାବେ ମାଟି ଇଟା ଭାଟି ନିର୍ମାଣ କରି ଇଟା ପୋଡି ଚାଲିଛନ୍ତି । ରାଜ୍ୟ ସରକାରଙ୍କ ନୂତନ ନିୟମାନୁସାରେ ମାଟି ଇଟା ନିର୍ମାଣ ଉପରେ ପୂର୍ଣ୍ଣ ପ୍ରତିବନ୍ଧ ଲଗାଯାଇଥିବାବେଳେ ଏହି ଅଞ୍ଚଳରେ କିଛି ଇଟା ମାଫିଆମାନେ ସମସ୍ତ ନୀତି ଓ ନିୟମକୁ ଖାତିର ନକରି ମାଟି ଇଟା ତିଆରି କରି ଚାଲିଛନ୍ତି । ଫଳରେ ଅଞ୍ଚଳରେ ପରିବେଷ ଦୂଷିତ ହେବାରେ ଲାଗିଛି । ଯାହାକୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଏହିସବୁ ବେଆଇନ ଇଟାଭାଟିକୁ ବନ୍ଦ କରିବା ପାଇଁ ପୂର୍ବତନ ସରପଞ୍ଚ ଶ୍ରୀ ସିଂ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ : ୧ ଗିରଫ

ସୁନ୍ଦରଗଡ, ୧।୨ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧୀନରେ ଥିବା ଟାଉନଥାନା ଅଞ୍ଚଳରେ ରହୁଥିବା ଜୈନିକ ନାବାଳିକାକୁ ସେହି ଅଞ୍ଚଳର ସୁମନ୍ତ ପ୍ରଧାନ ନାମକ ଜଣେ ଯୁବକ ଦୁର୍ଷ୍କମ କରିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ କେସ ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ସୁମନ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।

## *ଚୋରା କାଠ ସହ ୨ ଚୋର ଗିରଫ*

*ଲହୁଣୀପଡା, ୧।୨ (ଶ୍ରୁ.ମି) : ଲହୁଣୀପଡା ଅଞ୍ଚଳର କୁଳିପୋଷ ଅଞ୍ଚଳରୁ କେତେକ ଚୋର କାଠ ନେଇ ଆସୁଥିବା ଖବର ପାଇ ବନ ବିଭା କର୍ମଚାରୀମାନେ ଖେତ୍ରାପୋଷ୍ଠାରେ ହୃଷିକେଶ ମହାନ୍ତ ଏବଂ ଷଡଙ୍ଗୀ ସମେତ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରେ କାଠ ଭର୍ତ୍ତି ବୋଲେରୋ ଗାଡି ନଂ-ଓଡି-୧୪ ଏଲ୍ ୨୦୫୫କୁ ମଧ୍ୟ ଜବତ କରିଥିଲେ । ଜବତ କାଠର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଇଛି ।*

## ଦେହରେ ବାଉଁଶ ପଶି ଜଣେ ଗୁରୁତର

ବଣେଇଗଡ, ୧।୨ (ଶ୍ରୁ.ମି) : ବଣେଇଗଡ ଉପଖଣ୍ଡ ଅଞ୍ଚଳରେ ଥିବା ଟିକାୟତପାଲ୍ଲୀ ଥାନା ଅଞ୍ଚଳରେ ଥିବା ଘନଶ୍ୟାମପୁର ଗ୍ରାମରେ ରହୁଥିବା ଶ୍ୟାମସୁନ୍ଦର (୨୨) ନାମକ ଣେ ବ୍ୟକ୍ତି ଗାଡିରେ ଯାଉଥିବାବେଳେ ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ବାଉଁଶ ବଣରେ ପଡିଯାଇଥିଲେ । ଫଳରେ ଏକ ବାଉଁଶ ଶ୍ୟାମସୁନ୍ଦରଙ୍କ ଦେହରେ ପଶିଯାଇ ସେ ଗୁରୁତର ଭାବେ ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଶ୍ୟାମସୁନ୍ଦରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡିଛି ।

## ଯୁବତୀକୁ ଦୁଷ୍କର୍ମ : ୨ ଗିରଫ

ଗୁରୁଣ୍ଡିଆ, ୧।୨ (ଶ୍ରୁ.ମି) : ରାଉରକେଲା ପୋଲିସ ଜିଲ୍ଲା ଅଧୀନରେ ଥିବା ଗୁରୁଣ୍ଡିଆ ଥାନା ଅଞ୍ଚଳରେ ବନେଇବେଣରେ ଜୈନିକ ୨୩ ବର୍ଷ ବୟସ୍କା ଜଣେ ଯୁବତୀକୁ ସେହି ଗ୍ରାମର ଗୁନା ଓ ତବେଇ ସମରାଓରମ ଏବଂ ଭୀମ କିଷାନ ମିଞ୍ଜ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ କେସ ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋଟ୍ରଚାଲାଣ କରିଛି ।

## *ଗରଗାଲିରେ ସତ୍‌ସଂଘ ଉତ୍ସବ*

*ଚଣ୍ଡିଖୋଲ, ୧/୨(ଶ୍ରୁମି) :ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଗରଗାଲି ଗ୍ରାମରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଂଘ ଉତ୍ସବ ସ୍ୱର୍ଗତ ମଲ୍ଲିଦେବୀଙ୍କ ୧୮ ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ.ପ୍ର.ରିତିକ୍ ସତ୍ୟପାଠରେ ନାୟକ ସତ୍‌ସଂଘ ପରିଚାଳନା କରିଥିବା ବେଳେ ସ.ପ୍ର.ରିତିକ୍ ସର୍ବଶ୍ରୀ ନଟବର ସାହୁ, ଫକୀର ଚନ୍ଦ୍ର ପୃଷ୍ଟି, ରଂଜନ ଧଳ, ପଦନ ଚରଣ ସାହୁ, ରମେଶ ଚନ୍ଦ୍ର ନାୟକ, ନାରାୟଣ ଭାଇ ପ୍ରମୁଖ ସଦା ଲୋଚନାରେ ଭାଗନେଇ ଥିଲେ । ଏଥିରେ ସତ୍ୟାନନ୍ଦ ରାଉତ୍ ଭକ୍ତ ଚରଣ ଦାସ, ସୁରେନ୍ଦ୍ର ମହାରଣା ପ୍ରମୁଖ ଭଜନ, କୀର୍ତ୍ତନ ପରିବେଷଣ କରିଥିଲେ ।*

## ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ନବୀନ ସରକାରଙ୍କ କୋକେଇ

ମାଲକାନଗିରି, ୧।୨ (ଶ୍ରୁ.ମି) : ନବୀନ ସରକାରଙ୍କ ନିର୍ଯାତନା ଯୋଗୁଁ ମୃତ କୁନ୍ଦୁଲି ପୀଡିତାଙ୍କ ମାମଲାର ଅପରାଧିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ମାଲକାନଗିରି ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ସହରରେ ଶୋଭାଯାତ୍ରା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଏଥିରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସଂପାଦିକା ପ୍ରତିଭା ଶତପଥୀ ସମେତ ରାଜ୍ୟ ସଦସ୍ୟା ଗୀତାଞ୍ଜଳି ମହାପାତ୍ର ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣମା ମଜୁମଦାର ଓ ବହୁ ସଂଖ୍ୟାରେ ଦଳୀୟ ସଦସ୍ୟାମାନେ ସାମିଲଥିଲେ ।

## ଜିଲାସ୍ତରୀୟ ରେଡକ୍ରସ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଝୁମ୍ପୁରା,୧।୨(ଶ୍ରୁ.ମି) : ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ୩ ଦିନଧରୀ ଚାଲିଥିବା ଜିଲାସ୍ତରୀୟ ଜୁନିୟର ରେଡକ୍ରସର ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଗତକାଲି ଉଦଯାପିତ୍ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଗନ ବିହାରି ବାରିକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ବିଡିଓ ମମତା ରାଣୀ ନାଏକ, ଏବିଓ ବିଜୟାନନ୍ଦ ବେହେରା, ସର୍ଦ୍ଦାର ବାରିକ, ପ୍ରଫୁଲ ଚନ୍ଦ୍ର ଘୋଷ, ଅଧ୍ୟାପକ ବିନାୟକ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ । ସେହିପରି ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ଡିପିସି ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୃଷିକେଶ ନାଏକ, ସମ୍ମାନୀୟ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ଝୁମ୍ପୁରା ତହସିଲଦାର ଜନକ ନାୟକ, ୧୭ ନମ୍ବର ଜିଲାପରିଷଦ ସଭ୍ୟ ଅନୁବ୍ରତ ବେହେରା ପ୍ରମୁଖ ଯୋଗଦାନ କରିଥିଲେ । ଯୋଗଦାନ କରିଥିବା ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଲେ ସାମାଜରେ ରହିଥିବା ଆର୍ଥିକ ଅନଗ୍ରସରର ବର୍ଗ ତଥା ରେଡକ୍ରସର ଭୂମିକାର ଉପାଦେୟତା ସମ୍ପର୍କରେ ଅବଗତ କରିଥିଲେ । ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଗ୍ରୁପ ପର୍ଯ୍ୟାୟରେ ଡ୍ୟାନ୍ସ, ସାଧାରଣ ଜ୍ଞାନ, ଡିବେଟ, ସଙ୍ଗୀତ, ଇଂରାଜୀ ଶୃତଲିଖନ, ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ ଲାଭ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୩୫୮ ଜଣ ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ ।

## ମାଲକାନଗିରି ଜିଲ୍ଲା ପୋଲିସ ସହଯୋଗରେ କିସରେ ନାମ ଲେଖାଇଲେ ୨୦୦ ଛାତ୍ରଛାତ୍ରୀ

ମାଲକାନଗିରି, ୧।୨ (ଶ୍ରୁ.ମି) : ମାଲକାନଗିରି ଜିଲ୍ଲାର ପାପରମେଟଲା, ଚିତ୍ରକୋଣ୍ଡା, ଓଫେଲ, ମୁଦୁଲିପଡା, ମାଥିଲି, ମାଲକାନଗିରି, ପଡିରା, ବାଲିମେଲା, ଏମ ଭି ୭୯ ଓ ମୋଟୁ ଥାନାରେ ବିଭିନ୍ନ ମାଓ ପ୍ରବଣ ଗାଁ ଗୁଡିକରେ ଥିବା ପିଲାମାନେ ଠିକ୍ ଭାବେ ଶିକ୍ଷା ପାଇ ପାରୁନାହାନ୍ତି । ପାଠପଢିବା ପାଇଁ ଆଗ୍ରହୀଥିବା ୨୦୦ ଜଣ ପିଲାଙ୍କୁ ଜିଲ୍ଲା ପୋଲିସ ସହାୟତାରେ ୨୦୧୮-୧୯ ଶିକ୍ଷା ବର୍ଷରେ ଭୁବନେଶ୍ୱରସ୍ଥିତ କିସରେ ନାମ ଲେଖାଇବା ପାଇଁ ଚୟନ କରାଯାଉଥିବା ଏସପି ଜଗମୋହନ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ଆଲୋଚନାରେ ସମସ୍ତ ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ । ଏସପିଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି ।

## ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଅବସର ଗ୍ରହଣ

ଚମ୍ପୁଆ,୧।୨(ସ.ପ୍ର):ଚମ୍ପୁଆ ଚନ୍ଦ୍ର ଶେଖର ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ପଦ୍ମନାଭ ପ୍ରଧାନ ଗତକାଲି କାର୍ଯ୍ୟରୁ ଅବସର ଗ୍ରହନ କରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରି ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କଲରାଯାଇଥିଲା । ଅଧକ୍ଷ ଶ୍ରୀ ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ । ମହାବିଦ୍ୟାଳୟର ବରିଷ୍ଠ ପ୍ରଧାପକ ଶ୍ରୀ ଅଜୟ କୁମାର ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ,ଗିରିଜା ଶଙ୍କର କର, ସ୍ୱାଧିନ କୁମାର ସିଂ, ରମାକାନ୍ତ ପ୍ରଧାନ ପ୍ରମୁଖ ସମସ୍ତ ଅଧାପକ ଅଧାପିକା ଆଦି ଉପସ୍ଥିତ ଥିଲେ । ଦୀର୍ଘ ୨୪ ବର୍ଷ କାଳ ଶ୍ରୀ ପ୍ରଧାନ ଉକ୍ତ ମହାବିଦ୍ୟାଳୟରେ ଅଧାପନା କରିବା ସହିତ ଶେଷ ୫ ବର୍ଷ ଅଧାପକ ଭାବରେ କାର୍ଯ୍ୟ ନିର୍ବାହ କରି ଆସୁଥିଲେ । ଗତ ତା ୩୧.୧ ତାଙ୍କ କାର୍ଯ୍ୟକାଳ ପରିସମାପ୍ତି ଘଟିଥିଲା । ଏହି ସମ୍ବର୍ଦ୍ଧନା ସଭାରେ ବହୁ ବକ୍ତା ତଥା ଅଧାପକ ଅଧାପିକା, ଛାତ୍ରଛାତ୍ରୀ, ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ପ୍ରଧାନଙ୍କର ଦୀର୍ଘ ଚାକୀରୀ କାଳ ମଧ୍ୟରେ ମହାବିଦ୍ୟାଳୟ ପ୍ରତି ଅବଦାନ, ଅଧାପନା ଜୀବନ ଓ ଅଧାପକ ଜୀବନର ବିଶେଷ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

## ଜିଲ୍ଲା ରେଡକ୍ରସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଧାମନଗର, ୧/୨ (ଶ୍ରୁ.ମି) : ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡିହ ପଞ୍ଚାୟତର ନୂଆହାଟ ମେଳନ ପଡିଆଠାରେ ଭଦ୍ରକ ଜିଲ୍ଲା ରେଡକ୍ରସ ଶାଖା ଆନୁକୂଲ୍ୟରେ ଗତ ୩୦ତାରିଖ ମଙ୍ଗଳବାର ଦିନ ଏକ ବିରାଟ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଏମ.ଡି. ଅବଦୁଲ ରସିଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ରେଡକ୍ରସର ସେକ୍ରେଟେରି ଶ୍ରୀମତୀ ଜୟଶ୍ରୀ ସେନାପତି ବରିଷ୍ଠ ନାଗରିକ ତଥା ସମାଜସେବୀ ନାରାୟଣ ଚନ୍ଦ୍ର ପାଢୀ, ବୟାଙ୍ଗଡିହ ସରପଞ୍ଚ ଗୋପାଳ ବେହେରା ସ୍ୱାଧିନତା ସଂଗ୍ରାମୀ ବ୍ରଜକିଶୋର ରାଉତ, କୋଠାର ସରପଞ୍ଚ ଡାକ୍ତର ନିମାଇଁ ନାୟକ, ସମଜସେବୀ ଅଜୟ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଶିବିରକୁ ରେଡକ୍ରସର ଯୁଗ୍ମ ସମ୍ପାଦିକା ଶ୍ରୀମତୀ ବିଶ୍ୱଜିତା ବିଶ୍ୱାଳ ପରିଚାଳନା କରିଥିଲେ । ଏହି ଶିବିରରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଅନିତା ଦାସ, ଡାକ୍ତର କରୁଣାକର ବିଶ୍ୱାଳ , ଡାକ୍ତର ସେକ୍ ତାଜୁଦ୍ଦିନ, ଡାକ୍ତର ବିମଳା ମିଶ୍ର ପ୍ରମୁଖ ଯୋଗଦେଇ ପ୍ରାୟ ୧୨୫୦ଜଣ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ସହ ମାଗଣା ଔଷଧ ବଣ୍ଟନ କରିଥିଲେ । ଏଥିରେ ୧୭୦ଜଣ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କର ମାଗଣା ବ୍ଲଡ ଗ୍ରୁପିଙ୍ଗ୍ କରାଯିବା ସହ ୫୪ଜଣଙ୍କର ସୁଗାର ଟେଷ୍ଟ କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ୧୭ଜଣ ରକ୍ତଦାନ କରିଥିଲେ । ଜିଲ୍ଲା ରେଡକ୍ରସ ଆଜୀବନ ସଦସ୍ୟ ମିର୍ ଅବଦୁଲ ଦୟାନ, ସେକ୍ ସମିଉଲ୍ଲା, ଜହିରୁଦ୍ଦିନ, ରବି ପୋଥାଳ, ସନ୍ତୋଷ ଦାସ, ରଞ୍ଜୁଲତା ଗାହାଣ, ଏହି ଶିବିର ସଂଚାଳନରେ ସହଯୋଗ କରିଥିବା ବେଳେ ବହୁ ଫାର୍ମାଶିଷ୍ଟ ଓ ଲାବ୍ରୋଟୋରି ଟେକ୍ନିସିଆନ, ସ୍ୱାସ୍ଥ୍ୟ ପରିକ୍ଷାରେ ସହଯୋଗ କରିଥିଲେ ।

### *ଓକିଲଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ*

## ଅଭିଯୁକ୍ତଙ୍କୁ ସୁରକ୍ଷା ଦେଲା ପୋଲିସ

ପାରାଦୀପ, ୧।୨ (ଶ୍ରୁ.ମି) : ପାରାଦୀପର ଜଣେ ଲୋକପ୍ରିୟ ଓକିଲଙ୍କୁ ଶାସକ ବିଜେଡି ଦଳର ଜଣେ ପାରିଷଦ ଓ ତାଙ୍କର ୨୫ ରୁ ଉର୍ଦ୍ଧ ସମର୍ଥକଙ୍କ ମରଣାନ୍ତକ ଆକ୍ରମଣ ଘଟଣା ସହରରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା ବେଳେ ଏତଲା କାରୀ ଓକିଲଙ୍କ ନାମରେ ମିଛ ଏତଲା ଦେଇ ଆକ୍ରମଣକାରୀ ଙ୍କୁ ସୁରକ୍ଷା ଦେବାର ରାଜନୈତିକ ଷଡଯନ୍ତ୍ର ଆରମ୍ଭ ହୋଇଛି । ଖବର ସୂତ୍ରରୁ ଜଣାପଡିଛି ଯେ ଗତ ଜାନୁୟାରୀ ୩୦ ତାରିଖ ଦିନ ରାତି ପ୍ରାୟ ୧୧ଟା ପରେ ପାରାଦୀପ ର ମୁଖ୍ୟ ମାର୍କେଟ ବଡପଡିଆ ଠାରେ କିଛି ଯୁବକ ତ୍ରିନାଥମେଳା କରି ଖୁବ୍ ଜୋରରେ ମାଇକ ବଜାଉଥିଲେ । ନିଜ ଚାମ୍ବରରେ କାଗଜପତ୍ର କାମ କରୁଥିବା ଓକିଲ ଶ୍ରୀ ଦେବବ୍ରତ ସାହୁ ପାରାଦୀପ ଥାନା ଅଧିକାରୀ ଶ୍ରୀ ଶୁଭ୍ରାଂଶୁ ଶେଖର ନାୟକଙ୍କୁ ଫୋନ କରି ବିଳମ୍ବିତ ରାତିରେ ମାଇକ ବଜାଇବାକୁ ବାରଣ କରିବାକୁ ଅନୁରୋଧ କରିଥିଲେ । ଶ୍ରୀ ସାହୁ ପୋଲିସକୁ ସୂଚନା ଦେବାର ୫ମିନିଟ ପରେ ପାରାଦୀପ ପୌର ପରିଷଦର ୧୫ନମ୍ବର ଓ୍ୱାର୍ଡର ପାରିଷଦ ଶ୍ରୀ ମାନସ ବିଶ୍ୱାଳ ତ୍ରିନାଥ ମେଳା କରୁଥିବା କିଛି ଯୁବକଙ୍କୁ ସାଙ୍ଗରେ ଆଣି ଓକିଲ ଶ୍ରୀ ସାହୁଙ୍କ ଚାମ୍ବର ପାଖକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାରଣାସ୍ତ୍ର ଧରି ତାଙ୍କୁ ଜୀବନରୁ ମାରିଦେବାର ଉଦ୍ୟମ କରିଥିଲେ । ସେ ଜୀବନ ବିକଳରେ ଦୌଡି ପଳାଇଥିଲେ ବୋଲି ଗତ ୩୧.୦୧.୨୦୧୮ ରିଖରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି । ପାରିଷଦ ଶ୍ରୀ ବିଶ୍ୱାଳ ଓ ତାଙ୍କ ସମର୍ଥକ ମାନେ ଓକିଲ ଶ୍ରୀ ସାହୁଙ୍କ ଆକ୍ରମଣ କରୁଥିବା ସମୟରେ ଶ୍ରୀ ସାହୁ ପାରାଦୀପ ଥାନା ଅଧିକାରୀ ଶ୍ରୀ ନାୟକଙ୍କୁ ବାରମ୍ବାର କଲ କରିଥିଲେ ମଧ୍ୟ ସେ ଫୋନ ଉଠାଇନଥିବା ଏତଲାରେ ଦର୍ଶାଯାଇଛି । ଜଣେ କାର୍ଯ୍ୟରତ ଓକିଲଙ୍କୁ ସଂଘବଦ୍ଧ ଆକ୍ରମଣର ନିନ୍ଦା କରିବା ସହିତ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବାକୁ କୁଜଙ୍ଗ ଓକିଲ ସଂଘର ସଭାପତି ଶ୍ରୀ ଏନ୍. ଡି. ଯାଦବ କହିଥିଲେ । ଏହା ସହିତ ସଂଘର ଅନ୍ୟ ବରିଷ୍ଠ ସଭ୍ୟମାନେ ପାରାଦୀପ ର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିଷ୍ଣୁ ଚରଣ ମିଶ୍ର ଓ ଥାନା ଅଧିକାରୀଙ୍କୁ ସାକ୍ଷାତ କରି କ୍ଷୋଭ ପ୍ରକାଶ କରିଥିଲେ । ଯଦି ଅଭିଯୁକ୍ତ ମାନଙ୍କୁ ଗିରଫ କରାନଯାଏ ତେବେ କୁଜଙ୍ଗ ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ ବୋଲି ସ୍ଥାନୀୟ ଗଣମାଧମକୁ ସୂଚନା ଦେଇଛନ୍ତି । ଅପର ପକ୍ଷରେ ୩୧ ତାରିଖ ସଂଧ୍ୟାରେ ଓକିଲ ଶ୍ରୀ ସାହୁଙ୍କ ବିରୋଧରେ ଏକ ଏତଲା ଦିଆଯାଇଛି । ପୋଲିସ ଉଭୟ ଏତଲାକୁ ରେଜେଷ୍ଟି କରି ମାମଲା ରୁଜୁ କରିଛି । ଏହି ଘଟଣା ସୂଚନା ଦାତାଙ୍କୁ ପୋଲିସର ବିଶ୍ୱାସ ନିୟତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯଦି ଜଣେ ଓକିଲ ପୋଲିସକୁ ସୂଚନା ଦେଇ ଆକ୍ରମଣର ଶିକାର ହୁଅନ୍ତି ତେବେ କୌଣସି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତି ସଂପର୍କରେ ପୋଲିସକୁ ସୂଚନା ଦେଲେ ସୂଚନା ଦାତା ମରଣାନ୍ତକ ଆକ୍ରମଣ ର ଶିକାର ହେବେ । ଯଦି ନୁହେଁ ତେବେ ଆକ୍ରମଣର ଶିକାର ହେଲାପରେ ପୋଲିସର ସହାୟତା ଆଶାକରି ଥାନା ଅଧିକାରୀ ଶ୍ରୀ ନାୟକଙ୍କୁ ଫୋନ କାହିଁକି ଉଠାଇଲେ ନାହିଁ । ଯଦି ବ୍ୟସ୍ତ ଥିଲେ ତେବେ ଗତ ୩୦ ତାରିଖ ୧୧ଟା ପରଠାରୁ ୩୧ ତାରିଖ ୧୧ଟା ପର୍ଯ୍ୟନ୍ତ କଲ୍ ବ୍ୟାକ କଲେନାହିଁ କାହିଁକି ? ପୁନଶ୍ଚ ନିଜର ସମର୍ଥକ ମାନଙ୍କ ସହିତ ଥାନାକୁ ଆସିଥିବା ଅଭିଯୁକ୍ତ ମାନସ ବିଶ୍ୱାଳକୁ ଛାଡି ଦେଇ ତାଙ୍କୁ ଓକିଲ ଶ୍ରୀ ସାହୁଙ୍କ ନାମରେ ଏତଲା ଦେବାକୁ ସମୟ ଦେଲେ କାହିଁକି ଓ କାହା ଚାପରେ ପୋଲିସ ମାନସ ବିଶ୍ୱାଳଙ୍କୁ ଗିରଫ କରିବାକୁ ଭୟ କରୁଛି ? ଏସବୁ ପ୍ରଶ୍ନ ସାଧାରଣ ଚର୍ଚ୍ଚା ହୋଇଥିବାବେଳେ ପାରାଦୀପ ପୋଲିସର ବିଶ୍ୱାସଘାତକତା ପଦାରେ ପଡିଯାଇଛି । ସୂଚନା ଦାତାଙ୍କୁ ପୋଲିସ କିପରି ଦମନ କରେ ତାହା ପାରାଦୀପରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି । ଶ୍ରୀ ସାହୁଙ୍କଠାରୁ ଫୋନ ପାଇଲା ପରେ ଥାନା ଅଧିକାରୀ ଥାନା ଠାରୁ ୫୦୦ ମିଟର ଦୂରରେ ବାଜୁଥିବା ମାଇକକୁ ବନ୍ଦ କରି ପାରିଥାନ୍ତେ କିମ୍ବା କମ୍ ଶବ୍ଦ କରିବାକୁ କହିପାରିଥାନ୍ତେ ତାହା ନକରି ସେ ମାଇକ ବଜାଉଥିବା ଯୁବକଙ୍କୁ କଣ କହିଲେ ଯେ ସେମାନେ ଓକିଲ ଶ୍ରୀ ସାହୁଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ କଲେ ଅଥଚ ପୋଲିସ ଶ୍ରୀ ସାହୁଙ୍କ ଏତଲା ଗ୍ରହଣ କରି ପ୍ରତିପକ୍ଷଙ୍କୁ ଏତଲା ଦେବାର ସୁଯୋଗ ଦେଇ ଏକ କାଳିନ ଦୁଇଟି ମାମଲା ପଂଜିକରଣ କରି ମାମଲାକୁ କୋର୍ଟକୁ ପଠାଇବାର ବ୍ୟବସ୍ଥା କରୁଛନ୍ତି ।

# ଜୁନାଗଡ଼ ଅଞ୍ଚଳରେ ଅବାଧ ଭାଙ୍ଗ କାରବାର ବୃଦ୍ଧି, ପ୍ରସାଶନ ନିଷ୍କ୍ରିୟ

ଜୁନାଗଡ଼,୨୯/୧(ଶ୍ରୁ.ମି) ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସରକାର ମାଦକ ଦ୍ରବ୍ୟ ତଥା ଗୁଟଖା ଭାଙ୍ଗ (ଖଇନୀ) ଇତ୍ୟାଦି ବିକ୍ରକୁ ନେଇ କଟକଣା ଜାରି କରିଛନ୍ତି । ହେଲେ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସହର ଏବଂ ଆଖପାଖ ଅଞ୍ଚଳରେ ବିଭିନ୍ନ ବ୍ରାଣ୍ଡ ନାମିତ ଥିବା ଭାଙ୍ଗ ଖୈନୀ ବଜାର ର ଦୋକାନ ମାନଙ୍କରେ ଉପଲବ୍ଧ ଥିବା ବେଳେ ଏହା କେବଳ ଜୁନାଗଡ଼ର କେତେକ ବ୍ୟକ୍ତି କରଖାନାଗଢ଼ି ଭାଙ୍ଗ ତିଆରୀ କରୁଛନ୍ତି । ଯଦି ଓ ଏହା ସରକାରୀ ନିୟମାନୁସାରେ ବା କେନ୍ଦ୍ରୀୟ ଅବକାରୀ ବିଭାଗ ର ତତ୍ୱାବଧାନରେ ତିଆରି ପାଇଁ ଅନୁମତି ମିଳି ଥିଲେ ହେଁ ନିୟମକୁ ସଂପୃକ୍ତ ଭାଙ୍ଗକାରଖାନା ମାଲିକ ଦୃଷ୍ଟିନଦେଇ ବେଧଡ଼କରେ ଭାଙ୍ଗ ତିଆରି କରୁଛନ୍ତି । ପ୍ରକାଶ ଯେ, ଭାଙ୍ଗ ତିଆରି ପାଇଁ କେଉଁ କେଉଁ ସାମଗ୍ରୀ ବା ପଦାର୍ଥ ମିଶ୍ରଣ କରି ତିଆରି କରାଯାଇଛି । ଭାଙ୍ଗ ପ୍ୟାକେଟରେ ଦର୍ଶାଯାଇନଥିବା ବେଳେ ଏହାର ଅବଧି ସମୟ ଇତ୍ୟାଦି ଉଲ୍ଲେଖ ନାହିଁ । ଫଳରେ ଭାଙ୍ଗ ତିଆରିକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ଏହା ଅତି ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଥିବା କୁହାଯାଉଛି । ଭାଙ୍ଗ (ଖଇନି) ଜିଲ୍ଲାରେ ପ୍ରାୟ ଅଧିକାଂଶ ଲୋକ ସେବନ କରୁଥିବା ବେଳେ ଅତିକଡ଼ା ରାସାୟନିକ ପଦାର୍ଥରେ ତିଆରି ଖଇନି ସେବନ କରି ବହୁଲୋକ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି । ଏହି ନିଶା ଦ୍ରବ୍ୟକୁ ଥରେ ସେବନ କଲେ ଏହା ବାରମ୍ବାର ସେବନ କରିବାକୁ ଇଚ୍ଛା ହୁଏ । ଏହାକୁ ଲୋକେ ଏତେ ମାତ୍ରାରେ ସେବନ କରି ରୋଗର ଶୀକାର ହେଉଥିବା ବେଳେ ଛୋଟ ପିଲାମାନେ ମଧ୍ୟ ଏହାକୁ ସେବନ କରୁଥିବା ଦେଖିବାକୁ ମିଳୁଛି । ଏହି ନିଶା ଦ୍ରବ୍ୟ ତିଆରି କରୁଥିବା ବ୍ୟକ୍ତି ଏବଂ ବିଭାଗୀୟ ଅଧିକାରୀ ବେଶ ମାଲାମାଲ ହେଉଥିବା ବେଳେ ନିରୀହ ଜନସାଧାରଣ ଏହାକୁ ସେବନ କରି କୁପ୍ରଭାବର ଶୀକାର ହେଉଛନ୍ତି । ଅପରପକ୍ଷେ, ସରକାରୀ ଭାବେ ଭାଙ୍ଗ ତିଆରି ପାଇଁ ଗୋଟିଏ ମେସିନ ସ୍ଥାପନ ଦର୍ଶାଇ ରାଜସ୍ୱ ପୈଠ କରୁଥିବା ବେଳେ ବେସରକାରୀ ଭାବେ ପ୍ରାୟ ୩/୪ ଗୋଟି ମେସିନ ବସାଇ କୋଟି କୋଟି ଟଙ୍କାର ରାଜସ୍ୱ ଫାଙ୍କି ମାଲାମାଲ ହେଉଥିବା କେବଳ ତଦନ୍ତ ସାପେକ୍ଷ । ପ୍ରକାଶ ଯେ ସମସ୍ତ ପ୍ରକାର ଆନୁଷାଙ୍ଗିକ ବ୍ୟବସ୍ଥା କୁ ଆଖି ଆଗରେ ରଖି ଜନବସତି ଦୂରରେ ଫ୍ୟାକ୍ଟ୍ରି ସ୍ଥାପନ କରିବାକୁ ନିୟମ ଥିବା ବେଳେ ଜନୈକ ବ୍ୟକ୍ତି ଜୁନାଗଡ଼ କନ୍ୟାଶ୍ରମ ସ୍କୁଲ ଭଳ ଏକ ସମ୍ବେଦନଶୀଳ ଅଞ୍ଚଳର ପ୍ରାୟ ୧୦୦ ମିଟର ଦୂରରେ ସ୍ଥାପନ କରାଯାଇଥିବା ମଧ ନଜିର ଅଛି । ଏଠାରୁ ଖଇନି ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଚୋରା ଚାଲାଣ କରାଯାଉଥିବା ଦେଖିବାକୁ ମିଳୁଛି । ଏଭଳି ଅବାଧରେ ବଜାରରେ ବିକ୍ରି ଜାରି ରହିଥରବା ବେଳେ ଏହାକୁ ସେବନ କରି ବହୁ ଲୋକ କ୍ୟାନସର ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି । ଏଣୁ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟିଦେବା ସହ ଜୁନାଗଡ଼ ଅଞ୍ଚଳରେ ଥିବା ବେଆଇନ ଭାଙ୍ଗ (ଖଇନି) କାଖାନା ଉପରେ ଚଡ଼ଉକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧୀଜିବୀ ମହଲରେ ଦୃଢ଼ ଦାବୀ ହେଉଛି ।

# ଟ୍ରାକ୍ଟର ଓଲଟି ଚାଳକ ମୃତ

ଉଦଳା,୧/୨(ଶ୍ରୁମି) :ଉଦଳା ବ୍ଲକର ଭୀମତାଳି ପଞ୍ଚାୟତ ଅନ୍ତର୍ଗତ ଜାଲଦା ବାଲିଘାଠରୁ ଟ୍ରାକ୍ଟର ଯୋଗେ ବାଲି ନେଇ ଆସୁଥିବା ବେଳେ ଟ୍ରାକ୍ଟର ଓଲଟି ଚାଳକ ମୃତ୍ୟୁ ହୋଇଥବାର ଜଣାଯାଇଛି । ଘଟଣାରୁ ଜଣାଯାଏ ଯେ, ବାରିପଦାର ଅଭିଶେକ ସିଂଙ୍କ ଜାଲଦା ବାଲି ଘାଟରୁ ଆଜି ସକାଳ ସମୟରେ ଏକ ନୂତନ ଟ୍ରାକ୍ଟର ଯୋଗେ ବାଲି ନେଇ ଆସିବା ସମୟରେ ବାଲିରେ ଟ୍ରାକ୍ଟର ମଝି ଚକ ଦବି ଯାଇଥିଲା । ତଳଖୁଣ୍ଟାପାଳର ଚାଳକ ଶିବ ସୋରେନ ଗାଡ଼ି କୁ ଉଠାଇ ନୋବକୁ ଚେଷ୍ଟା କରିଥିବା ବେଳେ ହଠାତ ଇଞ୍ଜିନ ଭାଗଟି ଓଲଟି ପଡ଼ିଥିଲା । ଫଳରେ ଶିବ ସୋରେନଙ୍କ ମୁଣ୍ଡ ଏବଂ ଛାତିରେ ଗାଡ଼ିର ଷ୍ଟିୟରିଂ ମାଡ଼ ହେବା ପରେ ସେ ମୃତ୍ୟୁ ବରଣ କରିଛନ୍ତି । ଖବର ପାଇ ଉଦଳା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଠିକ ଭାବେ ଛିଡ଼ା କରାଇବା ସହିତ ଶିବକୁ ବାହାରକୁ ଆଣି ପରିବାର ଲୋକଙ୍କୁ ଜିମା ଦେଇଥିଲେ । କିନ୍ତୁ ସେତେବେଳକୁ ଶିବ ମୃତ୍ୟୁବରଣ କରିଥିବାର ଜଣାପଡ଼ିଥିଲା । ତାକୁ ଉଦଳା ଡ଼ାକ୍ତରଖାନାକୁ ଅଣାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିବାର ଜଣାଯାଇଛି ।

# ରେଳକର୍ମଚାରୀ ପୁରସ୍କୃତ

ସମ୍ବଲପୁର, ୧/୨ (ଶ୍ରୁମି) : ସମ୍ବଲପୁର ରେଳମଣ୍ଡଳରେ କୋମାଖାନ ଷ୍ଟେସନରେ କାର୍ଯ୍ୟରତ ଟ୍ରାକ୍ ମେଣ୍ଟେନର ମନୋଜ କୁମାର ଓ ମଣିରାମ ସିଂହଙ୍କୁ ତାଙ୍କର ନିରାପତ୍ତା ପ୍ରତି ସଜାଗ ଏବଂ କାର୍ଯ୍ୟପ୍ରତି ସମର୍ପଣଭାବ ପାଇଁ ପୁରସ୍କୃତ କରାଯାଇଛି । ରାତ୍ରୀକାଳୀନ ପେଟ୍ରୋଲିଂ ସମୟରେ ଦୁହେଁ ସମ୍ବଲପୁର ମଣ୍ଡଳର କୋମାଖାନ ଏବଂ ଖରିଧାର ରୋଡ୍ ମଧବର୍ତ୍ତୀ ୯୬/୨-୩ କି.ମି.ରେ ରେଳଧାରଣାରେ ହୋଇଥିବା ଫାଟକୁ ଚିହ୍ନଟ କରିଥିଲେ । ସେମାନଙ୍କ ଏଭଳି ତ୍ୱରିତ ସେବା ଯୋଗୁଁ ତତ୍କ୍ଷଣାତ ଉକ୍ତ ଫାଟର ମରାମତି କରାଯାଇଥିଲା । ଫଳରେ ରେଳଧାରଣା ସୁରକ୍ଷିତ ରହିବା ସହ ଟ୍ରେନ୍ ଚଳାଚଳ ସୁବିଧାରେ ହୋଇପାରିଥିଲା । ତେବେ ଉପରୋକ୍ତ ୨ ରେଳକର୍ମଚାରୀଙ୍କ କାର୍ଯ୍ୟପ୍ରତି କର୍ତ୍ତବ୍ୟ ନିଷ୍ଠା ଓ ସମର୍ପଣମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ଡକ୍ଟର ଜୟଦୀପ ଗୁପ୍ତା ସେମାନଙ୍କୁ ପ୍ରମାଣପତ୍ର ଓ ନଗଦ ରାଶି ଦେଇ ସମ୍ମାନୀତ କରିଛନ୍ତି ।

# ଯୋରନ୍ଦା ମାଘ ମେଳାରେ ସୂଚନା ଓ ଲୋକସମ୍ପର୍କ ପ୍ରଦର୍ଶନୀ ମଣ୍ଡପ

ଢେଙ୍କାନାଳ, ୧/୨ (ଶ୍ରୁମି) : ପ୍ରସିଦ୍ଧ ଯୋରନ୍ଦା ମାଘ ମେଳାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ଢେଙ୍କାନାଳ ଦ୍ୱାରା ଏକ ପ୍ରଦର୍ଶନୀ ମଣ୍ଡପ ଏବଂ ସୂଚନା ଓ ପ୍ରସାରଣ କେନ୍ଦ୍ର ଗତ ୨୯ ଜାନୁଆରୀ ଠାରୁ ଖୋଲାଯାଇଛି । ପ୍ରଦର୍ଶନୀ ମଣ୍ଡପରେ ଜିଲ୍ଲାର ବିଭିନ୍ନ ପ୍ରଦର୍ଶନୀସ୍ଥଳୀ ସ୍ଥାନ ପାଇଥିବା ଢେଙ୍କାନାଳ ଜିଲ୍ଲାର ପ୍ରଗତିକୁ ସ୍ଥାନ ଦିଆଯାଇଛି । କୃଷି, ପଲ୍ଲୀସଭା, ସ୍ୱାସ୍ଥ୍ୟ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବିଭିନ୍ନ ବ୍ଲକ୍ର ଉନ୍ନୟନମୂଳକ କାର୍ଯ୍ୟକୁ ଫଟୋ ଆକାରରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ରଖାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ହିତାଧିକାରୀମାନଙ୍କୁ ବିଭିନ୍ନ ଯୋଜନାରେ ଫଳାଫଳ ବଣ୍ଟନ, ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ, ଶ୍ରେଷ୍ଠ ପ୍ରଶାସକ ଓ ଆଦର୍ଶ ମୁଖ୍ୟମନ୍ତ୍ରୀ ଫଟୋ ସ୍ଥାନ ପାଇଛି । ଗତ ୩ ଦିନ ଧରି ଏହି ପ୍ରଦର୍ଶନୀ ମଣ୍ଡପକୁ ହଜାରହଜାର ଲୋକ ଦେଖିବା ସହ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଢେଙ୍କାନାଳର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି । ଜିଲ୍ଲା ପ୍ରଶାସନ, ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ମଧ ଏହି ଷ୍ଟଲ୍‌କୁ ପ୍ରଦର୍ଶନ କରିଛନ୍ତି । ସୂଚନା କେନ୍ଦ୍ର ମାଧ୍ୟମରେ ହଜିଯିବା ଓ ଖୋଜିବା ଲୋକମାନେ ଉପକୃତ ହେବା ସହ ପ୍ରସିଦ୍ଧ ଯୋରନ୍ଦା ମେଳାର ବାର୍ତ୍ତା ସହଜରେ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରୁଛି । ଯୋରନ୍ଦା ଠାରେ ମହିମା ମହୋତ୍ସବ ଶେଷ ହେବା ପର୍ଯ୍ୟନ୍ତ ଏହି ପ୍ରଦର୍ଶନ ମଣ୍ଡପ ଖୋଲା ରହିବ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଢ଼େଙ୍କାନାଳ ହେମନ୍ତ କୁମାର ନାୟକ ଜଣାଇଛନ୍ତି ।

# ସ୍ମେଲଟର୍ ପ୍ଲାଣ୍ଟରେ ଅଗ୍ନିକାଣ୍ଡ

ଅନୁଗୋଳ, ୧।୨ (ଶ୍ରୁ.ମି) :ବଡ଼କେରା ପଞ୍ଚାୟତ ରଗୁଡ଼ିଆପଡ଼ା ଗାଁର ଈଶ୍ୱର ଦୀପଙ୍କର ୧୦ଟି ମେଣ୍ଢା ରାତିରେ କୌଣସି ଜନ୍ତୁ ମାରି ଦେଇଛି । ଈଶ୍ୱର ୫୦ରୁ ଅଧିକ ମେଣ୍ଢା ପାଳନ କରିଛନ୍ତି । ଘର ନିକଟରେ ତାଙ୍କ ମେଣ୍ଢା ଗୁହା ରହିଛି । ମେଣ୍ଢାଙ୍କ ରଡ଼ି ଶୁଣି ସେ ଯାଇ ଦେଖିଲେ ଗୁହାଳରେ ୧୦ଟି ମେଣ୍ଢା ମରି ପଡ଼ିଛନ୍ତି ଓ ୩ଟି ମେଣ୍ଢା ଖଣ୍ଡିଆ ଖାବରା ହୋଇଛନ୍ତି । ମରିଥିବା ମେଣ୍ଢାଙ୍କର ଅନ୍ତବୁଜୁଳା ନଥିବା ଦେଖାଯାଇଥିଲା । ଅଜଣା ଜନ୍ତୁ ମେଣ୍ଢା ମାରିବା ପରେ ଅନ୍ତନଳୀ ଖାଇଦେଇଥିବା ଅନୁମାନ କରାଯାଉଛି । ବଡ଼କେରା ପ୍ରାଣୀଧନ ନିରୀକ୍ଷକ ଆହତ ମେଣ୍ଢାଙ୍କ ଚିକିତ୍ସା କରିଛନ୍ତି । ଏହି ଅଜଣା ଜନ୍ତୁକୁ ଚିହ୍ନିବା ପାଇଁ ରାତିରେ ଗ୍ରାମବାସୀ ଛକି ରହିଥିବା ସୂଚନା ମିଳିଛି ।

# ଟ୍ରକ୍ ସହ କୋଇଲା ଜବତ

ଅନୁଗୋଳ, ୧।୨ (ଶ୍ରୁ.ମି) :ବଡ଼କେରା ପଞ୍ଚାୟତ ରଗୁଡ଼ିଆପଡ଼ା ଗାଁର ଈଶ୍ୱର ଦୀପଙ୍କର ୧୦ଟି ମେଣ୍ଢା ରାତିରେ କୌଣସି ଜନ୍ତୁ ମାରି ଦେଇଛି । ଈଶ୍ୱର ୫୦ରୁ ଅଧିକ ମେଣ୍ଢା ପାଳନ କରିଛନ୍ତି । ଘର ନିକଟରେ ତାଙ୍କ ମେଣ୍ଢା ଗୁହା ରହିଛି । ମେଣ୍ଢାଙ୍କ ରଡ଼ି ଶୁଣି ସେ ଯାଇ ଦେଖିଲେ ଗୁହାଳରେ ୧୦ଟି ମେଣ୍ଢା ମରି ପଡ଼ିଛନ୍ତି ଓ ୩ଟି ମେଣ୍ଢା ଖଣ୍ଡିଆ ଖାବରା ହୋଇଛନ୍ତି । ମରିଥିବା ମେଣ୍ଢାଙ୍କର ଅନ୍ତବୁଜୁଳା ନଥିବା ଦେଖାଯାଇଥିଲା । ଅଜଣା ଜନ୍ତୁ ମେଣ୍ଢା ମାରିବା ପରେ ଅନ୍ତନଳୀ ଖାଇଦେଇଥିବା ଅନୁମାନ କରାଯାଉଛି । ବଡ଼କେରା ପ୍ରାଣୀଧନ ନିରୀକ୍ଷକ ଆହତ ମେଣ୍ଢାଙ୍କ ଚିକିତ୍ସା କରିଛନ୍ତି । ଏହି ଅଜଣା ଜନ୍ତୁକୁ ଚିହ୍ନିବା ପାଇଁ ରାତିରେ ଗ୍ରାମବାସୀ ଛକି ରହିଥିବା ସୂଚନା ମିଳିଛି ।

# ରଗୁଡ଼ିଆପଡ଼ାରେ ଅଜଣା ଜନ୍ତୁ ଆତଙ୍କ; ମାରିଲା ୧୦ ମେଣ୍ଢା

ଅନୁଗୋଳ, ୧।୨ (ଶ୍ରୁ.ମି) :ବଡ଼କେରା ପଞ୍ଚାୟତ ରଗୁଡ଼ିଆପଡ଼ା ଗାଁର ଈଶ୍ୱର ଦୀପଙ୍କର ୧୦ଟି ମେଣ୍ଢା ରାତିରେ କୌଣସି ଜନ୍ତୁ ମାରି ଦେଇଛି । ଈଶ୍ୱର ୫୦ରୁ ଅଧିକ ମେଣ୍ଢା ପାଳନ କରିଛନ୍ତି । ଘର ନିକଟରେ ତାଙ୍କ ମେଣ୍ଢା ଗୁହା ରହିଛି । ମେଣ୍ଢାଙ୍କ ରଡ଼ି ଶୁଣି ସେ ଯାଇ ଦେଖିଲେ ଗୁହାଳରେ ୧୦ଟି ମେଣ୍ଢା ମରି ପଡ଼ିଛନ୍ତି ଓ ୩ଟି ମେଣ୍ଢା ଖଣ୍ଡିଆ ଖାବରା ହୋଇଛନ୍ତି । ମରିଥିବା ମେଣ୍ଢାଙ୍କର ଅନ୍ତବୁଜୁଳା ନଥିବା ଦେଖାଯାଇଥିଲା । ଅଜଣା ଜନ୍ତୁ ମେଣ୍ଢା ମାରିବା ପରେ ଅନ୍ତନଳୀ ଖାଇଦେଇଥିବା ଅନୁମାନ କରାଯାଉଛି । ବଡ଼କେରା ପ୍ରାଣୀଧନ ନିରୀକ୍ଷକ ଆହତ ମେଣ୍ଢାଙ୍କ ଚିକିତ୍ସା କରିଛନ୍ତି । ଏହି ଅଜଣା ଜନ୍ତୁକୁ ଚିହ୍ନିବା ପାଇଁ ରାତିରେ ଗ୍ରାମବାସୀ ଛକି ରହିଥିବା ସୂଚନା ମିଳିଛି ।

# କଳା, ସଂସ୍କୃତି, କୃଷିରେ ଆଗୁଆ, ହସ୍ତତନ୍ତ ବୟନ ଶିଳ୍ପ ପାଇଁ ପ୍ରସିଦ୍ଧ ଓ ଦ୍ୱିତୀୟ ମନ୍ଦିର ମାଳିନୀ ପାଇଁ ସୁବର୍ଣ୍ଣପୁର ଗର୍ବିତ: ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ

ସୁବର୍ଣ୍ଣପୁର, ୧।୨ (ଶ୍ରୁ.ମି) : ୬୯ତମ ସାଧାରଣତନ୍ତ୍ର ଦିବସ ଜିଲ୍ଲା ସ୍ତରୀୟ ସମାରୋହରେ ସୁବର୍ଣ୍ଣପୁର ମିନିଷ୍ଟାଡିୟମରେ ମୁଖ୍ୟ ଅତିଥି ରୂପେ ଓଡିଶା ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି କହିଥିଲେ ଯେ, କଳା, ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ କ୍ଷେତ୍ରରେ ଏ ଜିଲ୍ଲା ଆଗୁଆ । ହସ୍ତତନ୍ତ ବୟନଶିଳ୍ପ କ୍ଷେତ୍ରରେ ପୃଥିବୀ ପ୍ରସିଦ୍ଧ ଏବଂ ଦ୍ୱିତୀୟ ଶ୍ରୀକ୍ଷେତ୍ର, ଦ୍ୱିତୀୟ ମନ୍ଦିର ମାଳିନୀ ପାଇଁ ସୁବର୍ଣ୍ଣପୁରବାସୀ ଗର୍ବିତ ବୋଲି ମତ ରଖିଥିଲେ । ଦେଶ ପାଇଁ ସହିଦ ହୋଇଥିବା ମହାପୁରୁଷ ଏବଂ ଭୀମଭୋଇଙ୍କ ବାଣୀକୁ ଅନୁପ୍ରାଣୀତ ହେବା ପାଇଁ ମତ ରଖିଥିଲେ ।

ଭାରତ ବର୍ଷ ପାଇଁ ଆଜିର ଦିବସ ମହାନ୍ ଭାରତକୁ ସମୃଦ୍ଧ କରିବା ପାଇଁ ସମସ୍ତ ନାଗରିକ ଉତ୍ତରାଦାୟୀ ଏବଂ ସର୍ବବୃହତ୍ ସମ୍ବିଧାନ ଓ ଗଣତନ୍ତ୍ରକୁ ସ୍ୱତନ୍ତ୍ର ସମ୍ମାନ ଦେବା ସହିତ ସମାଜର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ‘ବିଭିନ୍ନତା ଭିତରେ ଏକତାର ପରିଚୟ ସୃଷ୍ଟି କରିଛି ଆମ ଓଡିଶା’ ବୋଲି କହି ମୁଖ୍ୟମନ୍ତ୍ରୀଙ୍କ ୩-ଟି ପଲିସି ଟିମ୍‌ୱାର୍କ, ଟ୍ରାନ୍ସପରେନ୍ସି ଓ ଟେକ୍‌ନୋଲୋଜି ଉପରେ କହିଥିଲେ । ବିଶ୍ୱର ଗୋଟାଏ ଅଗ୍ରଣୀ ରାଷ୍ଟ୍ର ରୂପେ ମଧ ଆମଦେଶ ପରିଚୟ ସୃଷ୍ଟି କରିଛି ବୋଲି ମତ ରଖିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପଳ ଶ୍ରୀ ଦାଶରଥି ଶତପଥି, ଏସ.ପି ଶ୍ରୀ ପ୍ରଫୁଲ୍ଲ କୁମାର ପାତ୍ର ଯୋଗଦେଇଥିଲେ । ଶ୍ରେଷ୍ଠ ପ୍ୟାରେଡ ଦଳଗୁଡିକୁ ପୁରସ୍କୃତ କରାଯାଇଥିଲା ।

# ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଦାବି

ପଞ୍ଚାମୁଣ୍ଡାଇ, ୧।୨ (ଶ୍ରୁ.ମି) : ସ୍ଥାନୀୟ ଖଡିଅଣ୍ଟା ପଞ୍ଚାୟତ ଜିଗରଣ ଗ୍ରାମରେ ଗତ ୨୭ ତାରିଖ ରାତିରେ ଅଗ୍ନିକାଣ୍ଡ ଘଟି ପ୍ରତାପ ମଳିକଙ୍କ ବାସଗୃହ ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ସେ ଜଣେ ଦିନମଜୁରିଆ ହୋଇଥିବାରୁ ବାସଗୃହ ହରାଇ ଶୀତକାକରରେ ପରିବାରର ସଦସ୍ୟମାନେ ପଡିରହିଛନ୍ତି । ପଞ୍ଚାମୁଣ୍ଡାଇ ତହସିଲ ପକ୍ଷରୁ ବିଳମ୍ବରେ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରାଯାଇଥିଲେ ହେଁ ଅଦ୍ୟାବଧର କୌଣସି ସରକାରୀ ସାହାଯ୍ୟ ମିଳିନାହିଁ । ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପ୍ରତାପ ମଳିକଙ୍କ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ସହିତ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଖଡିଅଣ୍ଟା ପଞ୍ଚାୟତ ବିଜେପି ସଭାପତି ଅମୂଲ୍ୟ ଦାସ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୧।୨ (ଶ୍ରୁ.ମି) : ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ୫ନମ୍ବର(କ) ଜାତୀୟ ରାଜପଥ ଉପରେ ଥିବା ଦୁହୁରିଆ,ଗୋପ,ଛଗରିଆ ଛକ ପ୍ରଭୃତିରେ ଥିବା ହମ୍ପସ ଗୁଡିକର ଉଚତା ହ୍ରାସ ପାଇଥିବାରୁ ସେଗୁଡିକର ଉଚତା ବୃଦ୍ଧି କରିବା,ମଦ୍ୟପାନକରି ଗାଡି ଚାଳନା କରିବା,ବାଇକ ଆରୋହୀମାନଙ୍କୁ ହେଲମେଟ ପିନ୍ଧିବା ପାଇଁ ସଚେତନ କରିବା,ବିନା ଲାଇସେନ୍ସରେ ଗାଡି ଚାଳନା ପ୍ରଭୃତି ସମ୍ପର୍କରେ ଦୃଢ଼ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ବିକଟାଳ ଶବ୍ଦକରି ବାଇକ ଚଳାଉଥିବା ବାଇକଚାଳକ ମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ଆଂଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ ଓ ଆଂଚଳିକ ପରିବହନ କାର୍ଯ୍ୟାଳୟର ମିଳିତ ସହଯୋଗରେ ଗାଡି ତନଖି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ,ଟ୍ରକ ମାଲିକ ସଙ୍ଘ,ବସ ମାଲିକ ସଙ୍ଘର କର୍ମକର୍ତ୍ତା,କମିଟି ସଦସ୍ୟ ଗଣମାଧ୍ୟମ ପ୍ରତିନିଧି ପ୍ରଭାତ କୁମାର ପରିଡା ଓ ଭୈରବ କୁମାର ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଟଙ୍କା ଉଠାଇବାକୁ ଯାଇ ବୋହୂ ନିଖୋଜ : ଥାନାରେ ଏତଲା

ପଟ୍ଟାମୁଣ୍ଡାଇ, ୧।୨ (ଶ୍ରୁ.ମି) :ଗତ ୫ବର୍ଷ ତଳେ ପ୍ରେମ ବିବାହ କରିଥିବା ଏବଂ ୨ଟି ସନ୍ତାନର ଜନନୀ ଜନୈକା ମହିଳା ଶାଶୁ ଘରୁବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇ କେଉଁ ଆଡେ ନିଖୋଜ ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ପ୍ରକାଶ ଯେ, ସ୍ଥାନୀୟ ବିଲିକଣା-ଗୋପାଳପୁର ଗ୍ରାମର ବସନ୍ତ ମଳିକଙ୍କ ଏକମାତ୍ର ପୁଅ ଶ୍ରୀକାନ୍ତ ମଳିକ ଗତ ୫ବର୍ଷ ତଳେ ଭଦ୍ରକ ନୂଆଗାଁ ଅଞ୍ଚଳର ରବି ଦାସଙ୍କ ଝିଅ ମାମାଲି ଦାସଙ୍କୁ ପ୍ରେମ ବିବାହ କରିଥିଲେ । ଇତି ମଧ୍ୟରେ ମାମାଲି ୨ଟି ସନ୍ତାନର ଜନନୀ ହୋଇ ସାରିଛନ୍ତି । ତେବେ ଗତ ୨ବର୍ଷ ହେବ ଶ୍ରୀକାନ୍ତ ଦୁବାଇ ଯାଇ କାମଧନ୍ଦା କରୁଥିବାବେଳେ ମାମାଲି ଶାଶୁଘରର ଅନ୍ୟ ସଦସ୍ୟମାନଙ୍କ ସହ ରହି ଚଳି ଆସୁଛନ୍ତି ।

ମାତ୍ର ହଠାତ୍ ଟଙ୍କାର ଆବଶ୍ୟକତା କହି ମାମାଲି ଶାଶୁଘରୁ ସ୍ଥାନୀୟ ବଜାରରେ ଥିବା ଏକ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ କହି ଘରୁ ବାହାରି ଯାଇଥିଲେ । କିନ୍ତୁ ସନ୍ଧ୍ୟା ଭିତରେ ମାମାଲି ଘରକୁ ଆଉ ନଫେରିବାରୁ ଶାଶୁଘର ଲୋକମାନଙ୍କ ମଧ୍ୟରେ ସନ୍ଦେହ ଉପୁଜିଥିଲା । ଏଣୁ ମାମାଲିଙ୍କ ଶ୍ୱଶୁର ବସନ୍ତ ମଳିକ ଆଜି ଥାନାରେ ଏଥି ନେଇ ଏତଲା ଦାଏର କରିଛନ୍ତି । ବୋହୂ ନିଖୋଜ ହୋଇଯିବାବେଳେ ବ୍ୟାଙ୍କ ଏଟିଏମରୁ ୪୬ ହଜାର ଟଙ୍କା ସମେତ ସୁନାହାର, ମଙ୍ଗଳସୂତ୍ର, ସୁନାମୁଦି ଆଦି ନେଇଯାଇଥିବାବେଳେ ତାଙ୍କର ୨ଟି ପିଲା ପୁଅ ହେମନ୍ତ ମଳିକ (୩) ବର୍ଷ ଓ ଝିଅ ସୌମ୍ୟା ମଳିକ (୨) ବର୍ଷଙ୍କୁ ଶାଶୁଘରେ ଛାଡି ଯାଇଥିବା ବସନ୍ତ ଅଭିଯୋଗ କରଛନ୍ତି ।

# ସାଇ ସେନା ପକ୍ଷରୁ ଚନ୍ଦ୍ରଭାଗା ବେଳାଭୂମି ସଫେଇ

କୋଣାର୍କ, ୧।୨ (ଶ୍ରୁ.ମି) :କୋଣାର୍କ ଅଂଚଳର ସ୍ୱେଚ୍ଛାସେବି ଅନୁଷ୍ଠାନ ସାଇସେନା ପକ୍ଷରୁ ଚନ୍ଦ୍ରଭାଗା ବେଳାଭୂମିରେ ସଫେଇ କରାଯାଇଅଛି । ଅଜି ପ୍ରତ୍ୟୁଷରୁ କୋଣାର୍କ ସାଇସେନା ର ସଭାପତି ଇଂ ସତ୍ୟଜିତ ନାୟକଙ୍କ ତତ୍ତ୍ୱାବଧାନରେ ପ୍ରାୟ ୨୫ଜଣ ଯୁବକ ଯୁବତୀ ଏକତ୍ରିତ ହୋଇ ଚନ୍ଦ୍ରଭାଗା ବେଳାଭୂମି ସଫେଇ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାଇ ସେନାର ଉପସଭାପତି ପଂଚାନନ ଲେଙ୍କା ସଂପାଦକ ବାପିନ କୁମାର ବେଉରା ଉପଦେଷ୍ଟା ନିର୍ମଳ କୁମାର ପ୍ରଧାନ,ବିଶ୍ୱଜିତ ଜେନା,ସତ୍ୟଜିତ ବେହେରା,ରଶ୍ମିତା ସ୍ୱାଇଁ,ନ୍ୟାୟବ୍ରତ ଖଟୁଆ,ସୁବାଷିଶ ମହାନ୍ତି,ସାଗର ସ୍ୱାଇଁ,ସୁଦର୍ଶନ ଦେଠୀ,ପ୍ରମୁଖ ଏହି ସଫେଇ କାର୍ଯ୍ୟକମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଦେବପ୍ରସାଦ, ଚିନ୍ମୟ, ମନୋରମା, ମଧୁସ୍ମିତା, କର୍ମଜିତ ଓ ନାଗାର୍ଜୁନ ପ୍ରମୁଖ କର୍ମୀ ମାନେ ପରିଚାଳନା କରିଥିଲେ । ଆଗାମୀ ଦିନରେ ସେନା ପକ୍ଷରୁ କାର୍ଯ୍ୟକ୍ରମକୁ ତ୍ୱରାନିତ କରାଯିବା ସହ ବ୍ୟାପକ ବୃକ୍ଷ ରୋପଣ,ରକ୍ତଦାନ ଶିବିର ଏବଂ ସ୍ୱଚ୍ଛତା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ପଦକ୍ଷେପ ନିଆଯିବ ବୋଲି ସଂଗଠନର ଉପସଭାପତି ପଂଚାନନ ଲେଙ୍କା ପ୍ରକାଶ କରିଛନ୍ତି ।

# ପଦ୍ମଶ୍ରୀ ଭୂଷିତଙ୍କୁ ନାଗରିକ ସମ୍ବର୍ଦ୍ଧନା

ନିମାପଡ଼ା, ୧।୨ (ଶ୍ରୁ.ମି) : ଆଜି ପୂର୍ବାହ୍ନରେ ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ପଦ୍ମଶ୍ରୀ ଉପାଧିରେ ଭୂଷିତ ନିମାପଡାର ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପ୍ରାକ୍ତନ ସାଂସଦ ଭବାନୀ ଚରଣ ପଟ୍ଟନାୟକ ଓ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁଜନପୁର ଗ୍ରାମର ବିଶିଷ୍ଟ ସ୍ଥପତି ପ୍ରଭାକର ମହାରଣାଙ୍କ ପାଇଁ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମୀର ରନ ଦାଶ ଅଧକ୍ଷତା କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ କମଳ କୁମାର ସାମନ୍ତରାୟ ପ୍ରଶାସନିକ ଅଧିକାରୀ ତଥା ଅଧ୍ୟାପକ ଜଗତ ପ୍ରସାଦ୍ ସାବୁତ୍ ଓ ଛାତ୍ରସଂସଦ ସଭାପତି ଦୀପଙ୍କର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶାର ୫ଜଣ ବିଶିଷ୍ଟ ବ୍ୟକ୍ତି ପଦ୍ମଶ୍ରୀ ଉପାଧି ପାଇଥିବା ବେଳେ ତନ୍ମଧ୍ୟରୁ ନିମାପଡା ନିର୍ବାଚନ ମଣ୍ଡଳୀର ଏହି ଦୁଇଜଣ ନିମାପଡା ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି ଅତିଥି ମାନେ କହିଥିଲେ ।

ଭବାନୀ ଚରଣ ପଟ୍ଟନାୟକ ୧୨ବର୍ଷ ବୟସରୁ ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରିଥିଲେ । ସେହିଭଳି ପ୍ରଭାକର ମହାରଣା ପିଲାଟି ଦିନରୁ କୋଣାର୍କ ସୂର୍ଯ୍ୟମନ୍ଦିରର ସ୍ଥାପତ୍ୟ ଓ କଳାରେ ଆକୃଷ୍ଟ ହୋଇ ନିଜକୁ ଜଣେ ସ୍ଥପତି ଭାବେ ପ୍ରତିଷ୍ଠିତ କରାଇପାରିଥିଲେ । ନିମାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ପତିତପାବନ ସେବା ସଂଘ, ନିମାପଡ଼ା ଓ ଗୋପ ପଞ୍ଚାୟତ ସମିତି, ନିମାପଡା ଏନ୍.ଏ.ସି, ବ୍ୟବସାୟୀ ସଂଘ, ଟ୍ରକ୍ ମାଲିକ ସଂଘ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ସଙ୍ଗଠନ ପକ୍ଷରୁ ଉଭୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ପଞ୍ଚାମୁଣ୍ଡାଇରେ ୬୯ତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ପଞ୍ଚାମୁଣ୍ଡାଇ, ୧।୨ (ଶ୍ରୁ.ମି) : ଦୀର୍ଘ ୬୯ ବର୍ଷ ଧରି ପଞ୍ଚାମୁଣ୍ଡାଇ ଅଞ୍ଚଳରେ ଅନୁଷ୍ଠିତ ହୋଇଆସୁଛି ବିଶ୍ୱଶାନ୍ତି ମହାଯଜ୍ଞ । ସାରା ଓଡିଶାରେ ପ୍ରସିଦ୍ଧି ଲାଭ କରିଥିବା ତଥା ଶ୍ରୀ ଜଗନ୍ନାଥ ପଞ୍ଜିକାରେ ସ୍ଥାନ ପାଇଥିବା ଏହି ଯଜ୍ଞର ମହାତ୍ମ୍ୟ ଅନନ୍ୟ । ପଞ୍ଚାମୁଣ୍ଡାଇ ବଣିକ ସଂଘ ଆନୁକୂଲ୍ୟରେ ପାରମ୍ପରିକ ରୀତିରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞରେ ବହୁ ସାଧୁସନ୍ଥ ଓ ବିଦ୍ୱାନ ପଣ୍ଡିତ ଯୋଗ ଦେଇ ରୀତିନୀତି ଓ ପୂଜାର୍ଚ୍ଚନା ଯଥାବିଧି ସଂପାଦନ କରିଥିଲେ । ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଓ ବଣିକସଂଘ କର୍ମକର୍ତ୍ତାମାନେ ଯଜ୍ଞର ଶୁଭ ଦେଇଥିଲେ । ୯ ଦିନ ବ୍ୟାପି ଆୟୋଜିତ ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ପ୍ରତ୍ୟେହ ହଜାର ହଜାର ଲୋକ ଯୋଗ ଦେଇ ଭଗବାନଙ୍କ ଆର୍ଶିବାଦ ଭିକ୍ଷା କରିଥିଲେ । ଯଜ୍ଞର ବିଭିନ୍ନ ଦିବସରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ଜିଲ୍ଲା ବିଜେଡି ସଭାପତି ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କ ସମେତ ବହୁ ଲୋକ ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ । ଯଜ୍ଞକୁ ସରସ ସୁନ୍ଦର କରିବା ପାଇଁ ମୀନାବଜାର, ରାମଦୋଳି, ମ୍ୟାଜିକ ସୋ ଆଦି ବିଭିନ୍ନ ମନୋରଞ୍ଜନକାରୀ ସଂସ୍ଥା ଯୋଗ ଦେଇଥିଲେ ।

ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ୩୧ ତାରିଖରେ ପୂର୍ଣ୍ଣାହୂତି ଦିଆଯାଇଥିଲା । କିନ୍ତୁ ପରିତାପର ବିଷୟ ୨୯ ତାରିଖ ରାତିରେ ହୋମକୁଣ୍ଡ ଭିତରୁ ଦୃବୃର୍ତ୍ତମାନେ ପଶି ଯଜ୍ଞର ପିତଳ ବାସନ ଏବଂ ପଣ୍ଡିତଙ୍କର ୨ ଗୋଟି ମୋବାଇ ଚୋରି ନେଇଯାଇଥିଲେ । ଏବିଷୟ ଜଣାପଡିବା ପରେ ଅତି ତରବରିଆ ଭାବେ ଯଜ୍ଞମଣ୍ଡପରେ ହୋମ କରାଯାଇଥିଲା । କିନ୍ତୁ ଏବିଷୟରେ ଥାନାରେ ଏତଲା ଦିଆଯାଇ ନାହିଁ ଏଘଟଣାକୁ ଘୋଡାଇ ଦେଇଥିବା ଯଜ୍ଞ କମିଟିର ଜଣେ ସଦସ୍ୟ ତାଙ୍କ ନାମକୁ ଗୋପନ ରଖିପ୍ରକାଶ କରିଛନ୍ତି । ସେହିପରି ଯଜ୍ଞରେ ଜନୈଇକ ନାବାଳିକାଙ୍କୁ କେହି ଦୃବୃର୍ତ୍ତ ବ୍ଲେଡମାରି ଫେରାର ହୋଇଯାଇଥିବା ଶୁଣାଯାଇଛି । ଏବିଷୟରେ କିନ୍ତୁ ଥାନାରେ ଲିଖିତ ଅଭିଯୋଗ ହୋଇନଥିବା ଜଣାପଡିଛି । ଆହୁରି ମଧ ସବରେଜିଷ୍ଟର ପଡିଆ ମଧରେ ବେଆଇନ ଖେଳ ହେଉଥିବା ଜଣାପଡିଛି । ମାତ୍ର ପଞ୍ଚାମୁଣ୍ଡାଇ ବଣିକ ସଂଘ ତରଫରୁ ସବରେଜିଷ୍ଟ ପିଡିଆରେ ଏମାନଙ୍କୁ କୌଣସି ଯାଗାଦିଆ ଯାଇନାହିଁ ବୋଲି କହିଛନ୍ତି । ଆହୁରି ମଧ ଯଜ୍ଞପଡିଆ ରେ ଦିଆଯାଇଥିବା ଦୋକାନବଜାର ଏବଂ ଯଜ୍ଞପଡିଆ ଭିତରକୁ ପ୍ରବେଶ ପଥମଧ ଅଣଓସାରିଆ ହେଇଥିବାରୁ ସେଥିପ୍ରତି ଧ୍ୟାନ ଦିଆଯାଉନାହିଁ । ଏଘଟଣାକୁ ପଞ୍ଚାମୁଣ୍ଡାଇର ବୁଦ୍ଧିଜିବୀମାନେ ନିନ୍ଦା କରିଛନ୍ତି । ପଞ୍ଚାମୁଣ୍ଡାଇ ଯଜ୍ଞକମିଟି ତରଫରୁ ଯଜ୍ଞ ପଡିଆରେ ସିସିଟିଭି କ୍ୟାମ୍ୟେରା ଲଗାଇବା ଏବଂ କିଛି ଅନ୍ଧାରୁଆ ଜାଗାରେ ଅସାମାଜିକ ଯୁବକମାନେ ଜମାହେଉଥିବା ସ୍ଥାନମାନଙ୍କରେ ଲାଇଟ ବ୍ୟବସ୍ଥାକରିବା, ଯଜ୍ଞ ପଡିଆ ମଧ୍ୟରେ ଇଲେଭେନ କେଭି ଓ ଏଲଟି ଲାଇନ ବିଦ୍ୟୁତ ତାରକୁ କେବୁଲ କାରିବା ବିଭିନ୍ନ ଦୂରଦୁରାନ୍ତରୁ ଆସୁଥିବା ଲୋକମାନଙ୍କର ସୁରକ୍ଷା ପାଇଁ ପଞ୍ଚାମୁଣ୍ଡାଇ ବଣିକ ସଂଘ ଯତ୍ନବାନ ହେଲେ ଆସନ୍ତା ୭୦ ତମ ବିଶ୍ୱଶାନ୍ତି ମହାଯଜ୍ଞ ସରସସୁନ୍ଦର ହୋଇପାରିବ ବୋଲି ପଞ୍ଚାମୁଣ୍ଡାଇ ବିକାଶପରିଷଦ ସଂପାଦକ ଗୋପିନାଥ ତ୍ରାପାଠୀ ପ୍ରକାଶ କରିଛନ୍ତି ।

# ତାଳଚେର ଓକିଲ ସଂଘ ପକ୍ଷରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ

ତାଳଚେର, ୧।୨ (ଶ୍ରୁ.ମି) : ତାଳଚେର ଓକିଲ ସଂଘର ଏକ ସାଧାରଣ ସଭା ସଂଘର ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧକ୍ଷତାରେ ବୁଧବାର ଦିନ ମଧୁବାବୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗତ ତା୨୬/୧୧/୨୦୧୭ରିଖରେ ତାଳଚେର ସିଭିଲ୍ କୋର୍ଟ ପ୍ରାଙ୍ଗଣରେ ତାଳଚେର ଓକିଲ ସଂଘ ତରଫରୁ ପାଳିତ ହୋଇଥିବା ୩୪ତମ ଆଇନ୍ ଦିବସରେ ରାଜ୍ୟ ଆଇନ୍,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ତାଳଚେର ଓକିଲ ସଂଘ ତରଫରୁ ଓକିଲମାନଙ୍କୁ ବୀମା ଭୁକ୍ତ ଓ ମାସିକ ପେନ୍‌ସନ୍ ଯୋଗାଇ ଦେବା ପାଇଁ ଦାବି ରଖାଯାଇଥିଲା । ଆଇନ ମନ୍ତ୍ରୀ ଶ୍ରୀ ଜେନା ଏହାକୁ ଗ୍ରହଣ କରି ଓଡ଼ିଶା ସରକାରଙ୍କ ପାଖରେ ଉପସ୍ଥାପନ କରିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ବଜେଟ୍ ରେ ଓକିଲମାନଙ୍କୁ ୬୦ ବର୍ଷ ପରେ ଅବସର ନେଲେ ମୃତ୍ୟୁକାଳୀନ ବୀମା ରାଶି ପାଇଁ ୪ ଲକ୍ଷ ୫୦ ହଜାର ଟଙ୍କା ଦେବା ପାଇଁ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ତାଳଚେର ଓକିଲ ସଂଘ ଆଇନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ତେବେ ଏହି ରାଶିକୁ ୨୦ ଲକ୍ଷ ଟଙ୍କାକୁ ବର୍ଦ୍ଧିତ କରିବାକୁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି । ଏତଦ୍‌ବ୍ୟତୀତ ଓକିଲମାନଙ୍କୁ ଆର୍ଥିକ ସ୍ଥିତିକୁ ମଜଭୂତ କରିବା,ବର୍ତ୍ତମାନ ପରିପ୍ରେକ୍ଷୀରେ ଅନ୍ୟୁନ ୩୦ହଜାର ଟଙ୍କା ପ୍ରଦାନ କରିବାକୁ ଦାବି ରଖିଛନ୍ତି ।

ଉକ୍ତ ବୈଠକରେ ବରିଷ୍ଠ ଆଇନଜୀବୀ ଯଦୁମଣି ସାହୁ,ଅନୁପ କୁମାର ସେନଗୁପ୍ତା, ଅକ୍ଷୟ କୁମାର ପାଣି, ହରେକୃଷ୍ଣ ପାତ୍ର, ବନବିହାରୀ ମହାପାତ୍ର, ପେସ୍କାର ଗଡନାୟକ, ଛବି କୁମାର ସାହୁ, ବସନ୍ତ ଶତପଥି, ଅଜୟ କୁମାର ମିଶ୍ର,ଉଚ୍ଛନ ପଟ୍ଟନାୟକ, ଦିନବନ୍ଧୁ ସାହୁ, ପ୍ରକାଶ ସାହୁ, ପୂର୍ବତନ ସଭାପତି ରଞ୍ଜିତ କୁମାର ଘୋଷ,ସୁଶିଲ ମିଶ୍ର,ଅର୍ଜୁନ ଭୂତିଆ,ମାନସ ପରିଡା, ସେମିନାର ସମ୍ପାଦକ ବାଉରୀବନ୍ଧୁ ବେଜ, ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ନାଏକ,କୋଷାଧକ୍ଷ ରାଜେନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ସାହୁ, ସାଂସ୍କୃତିକ ସଂପାଦକ ରାଜେନ୍ଦ୍ର ସିଂ ଡିଙ୍ଗରା ଓ ଅଡିଟର ବବିତା ଦାସଙ୍କ ସମେତ ସଂଘର ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ । ଶେଷରେ ସଂଘର ଉପସଭାପତି ବିନୟ କୁମାର ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସୈନିକ ସ୍କୁଲର ୫୭ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧।୨ (ଶ୍ରୁ.ମି) : ୧୯୬୨ ମସିହାର ଭାରତ-ଚୀନ ଯୁଦ୍ଧ ପରେ ଭାରତ ତଥା ଓଡ଼ିଶାର ଯୁବ ପିଢ଼ୀକୁ ଆକୃଷ୍ଟ କରିବା ପାଇଁ ଯେଉଁ ସବୁ ସୈନିକ ସ୍କୁଲ ପ୍ରତିଷ୍ଠାର ପରିକଳ୍ପନା କରାଯାଇଥିଲା ସୈନିକ ସ୍କୁଲ ଭୁବନେଶ୍ୱର ତନ୍ମଧ୍ୟରୁ ଅନ୍ୟତମ । ଏହାର ସୂତ୍ରଧରଥିଲେ ଓଡ଼ିଶାର ବରପୁତ୍ର ପ୍ରବାଦ ପୁରୁଷ ଶ୍ରୀ ବିଜୁ ପଟ୍ଟନାୟକ । ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ । ବିଜୁବାବୁ ସୈନିକ ସ୍କୁଲର କ୍ୟାଡେଟମାନଙ୍କୁ ସମ୍ବୋଧନ କରି କହିଥିଲେ - "This is my school and you are my boys" ଏହା ଥିଲା ତାଙ୍କ ହୃଦୟର ବାର୍ତ୍ତା । ସୈନିକ ସ୍କୁଲ କ୍ୟାଡେଟମାନଙ୍କୁ ସେ କେତେ ଭଲ ପାଉଥିଲେ ଏଥିରୁ ସ୍ପଷ୍ଟ ଜଣାପଡେ ।

ଚଳିତ ମାସ ଫେବୃଆରୀ ୧ ତାରିଖ ଦିନ ସୈନିକ ସ୍କୁଲର ୫୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା । ଏଥିରେ ଲେ. ଜେନେରାଲ ଜୟନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ଲକ୍ଷ୍ୟ ସ୍ଥିର କରିବାକୁ କ୍ୟାଡେଟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଇତ୍ୟବସରରେ ସେ ନିଜ ସ୍କୁଲ ବେଳର ସ୍ମୃତି ଚାରଣ କରିଥିଲେ । ଛାତ୍ରମାନଙ୍କୁ ସେ କହିଥିଲେ ଯାହା ତୁମେ କରିପାରିବ ଅନ୍ୟମାନେ ତାହା କରିପାରିବେ ନାହିଁ । ନିଜର କର୍ତ୍ତବ୍ୟନିଷ୍ଠା ଅଧ୍ୟବସାୟ ଓ ସମୟାନୁବର୍ତ୍ତିତା ଦ୍ୱାରା ଅସାଧ୍ୟକୁ ସେମାନେ ସାଧ କରିପାରିବେ ।

ଏହା ପରେ ମୁଖ୍ୟ ଅତିଥି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ୬୦୦ କ୍ୟାଡେଟଙ୍କ ଗହଣରେ କେକ କାଟି ପ୍ରତିଷ୍ଠା ଦିବସକୁ ପାଳନ କରାଯାଇଥିଲା । ଉତ୍ସବର ପ୍ରାରମ୍ଭରେ ସ୍କୁଲର ଅଧ୍ୟକ୍ଷ କ୍ୟାପ୍ଟେନ କଞ୍ଚନ ମୁଖାର୍ଜୀ ମୁଖ୍ୟ ଅତିଥି ଓ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ଭବ୍ୟ ସ୍ୱାଗତ ଜଣାଇଥିଲେ । ସ୍କୁଲର ପୁରାତନ ଛାତ୍ର ଏୟାର କମାଣ୍ଡର ତୁଷାରକାନ୍ତି ରଥ, କ୍ୟାପେଟେନ ସରୋଜ କୁମାର ପ୍ରଧାନ, ମେଜର କେ କେ ନାୟକ, କମାଣ୍ଡର ସ୍ୱାଇଁ ଓ ଶ୍ରୀ ବାସ୍ତବ ଭଞ୍ଜ ଉତ୍ସବରେ ଉପସ୍ଥିତ ଥିଲେ । ସ୍କୁଲର ଶିକ୍ଷକ ଶ୍ରୀ ମନୋରଞ୍ଜନ ରଥଙ୍କ ଅଭିଭାଷଣ ବେଶ୍ ମନଛୁଆଁ ହୋଇପାରିଥିଲା । ଶ୍ରୀ ଦେବାନନ୍ଦ ଗୋଲାନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍କୁଲର ପ୍ରଶାସନିକ ଅଧିକାରୀ କମାଣ୍ଡର ସନ୍ତୋଷ କୁମାର ଉତ୍ସବର ସମସ୍ତ ତଦାରଖ କରିଥିଲେ ।

## ଗାୟତ୍ରୀ ସେଣ୍ଟ୍ରାଲ ଏକାଡେମିର ୧୫ତମ ବାର୍ଷିକ କ୍ରୀଡା

ଚମ୍ପୁଆ, ୧।୨ (ଶ୍ରୁ.ମି): ଚମ୍ପୁଆ ଗାୟତ୍ରୀ ସେଣ୍ଟ୍ରାଲ ଏକାଡେମି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୫ତମ ବାର୍ଷିକ କ୍ରିଡା ନେହେରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ୨ଦିନ ଧରି ଚାଲିଥିବା ଏହି କ୍ରୀଡା ଉତ୍ସବର ଉଦ୍‌ଘାଟନରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ପଦ୍ମନାଭ ପ୍ରଧାନ, ସମ୍ମାନୀତ ଅତିଥି ହିସାବରେ ହିନ୍ଦୁସ୍ଥାନ ଏରୋନେଟିକ ଲିମିଟେଡ ଡିଜିଏମ ନିରୋଦ ଚନ୍ଦ୍ର ବେହେରା, ବିଦ୍ୟାଳୟର ସଭାପତି ରମେଶ କୁମାର ବେହେରା, ସଂମ୍ପାଦକ ରିତାରାଣୀ ବେହେରା ଓ ଅଧ୍ୟକ୍ଷ ଗଣେଶ୍ୱର ଦାସ ପ୍ରମୁଖ ଯୋଗଦାନ କରି ଏହି କ୍ରୀଡାକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନି ଦିବସରେ ମୁଖ୍ୟ ଅତିଥି ଭାବରେ ଚମ୍ପୁଆ ନିକଲସନ ବନ ବିଦ୍ୟାଳୟ ଅଧ୍ୟକ୍ଷ ଡେପୁଟି କଞ୍ଜରଭେଟର ଅର୍ଜୁନ ଚରଣ ବେହେରା ଯୋଗ ଦେଇଥିଲେ । ଉକ୍ତ କ୍ରୀଡାରେ ୧୦୦, ୨୦୦, ୮୦୦, ୧୫୦୦ ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଜାଭେଲିନ ଥ୍ରୋ, ସଟଫୁଟ ଥ୍ରୋ, ଡିସକସ୍ ଥ୍ରୋ ଆଦି ବହୁ ଇଭେ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ମା ମାନଙ୍କୁ ନେଇ ମ୍ୟାଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ଆର୍‌ଏସ୍‌ପିର କୋକ ଓଭେନ ବିଭାଗର ହାଉସ କିପିଙ୍ଗ ଏବଂ ସୁରକ୍ଷା ଚମ୍ପିୟାନ-୨୦୧୭ ପୁରସ୍କାର ହାସଲ

ରାଉରକେଲା, ୧।୨ (ଶ୍ରୁ.ମି.) : ୨୦୧୭ ମସିହାରେ ସର୍ବାଧିକ ସମୁଦାୟ ପଏଣ୍ଟ ହାସଲ କରି ରାଉରକେଲା ଇସ୍ପାତ କାରଖାନାର କୋକ ଓଭେନ ବିଭାଗ ଶ୍ରେଷ୍ଠ ହାଉସ କିପିଙ୍ଗ ଏବଂ ସୁରକ୍ଷା ଚମ୍ପିୟାନ ପୁରସ୍କାର ଲାଭ କରିଛି । ଏହାବ୍ୟତୀତ ୧୪ଟି ବିଭାଗକୁ ସୁରକ୍ଷା ଓ ହାଉସକିପିଙ୍ଗ କ୍ଷେତ୍ରରେ ଉତ୍କର୍ଷତା ହାସଲ ନିମନ୍ତେ ପୁରସ୍କୃତ କରାଯାଇଥିଲା । ଜାନୁଆରୀ ୨୭ ତାରିଖରେ ସିଭିକ ସେଣ୍ଟରଠାରେ ଆୟୋଜିତ ଏକ ପୁରସ୍କାର ଉତ୍ସବରେ ଆରଏସପିର ସିଇଓ ଶ୍ରୀ ଅଶ୍ୱିନୀ କୁମାର ଏହି ପୁରସ୍କାରମାନ ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଉନ୍ନତ ହାଉସ କିପିଙ୍ଗ ଏବଂ କାରଖାନା ମଧ୍ୟରେ ସୁରକ୍ଷିତ କାର୍ଯ୍ୟ ପରିବେଶ ରକ୍ଷା ନିମନ୍ତେ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଏହି ପୁରସ୍କାର ପ୍ରଦାନର ଲକ୍ଷ୍ୟ ରହିଛି । ବିଭାଗଗୁଡ଼ିକୁ ଏକ ଉଚ୍ଚସ୍ତରୀୟ କମିଟି ପରିଦର୍ଶନ କରି ବିଭିନ୍ନ କାରକ ଭିତ୍ତିରେ ସେମାନଙ୍କର ମୂଲ୍ୟାୟନ କରିଥିଲେ । ଗ୍ରୁପ-ଏରେ କୋକ ଓଭେନ ବିଭାଗ ପ୍ରଥମ ପୁରସ୍କାର ଲାଭ କରିଥିବାବେଳେ ଓବିବିପି ବିଭାଗ ଦ୍ୱିତୀୟ ପୁରସ୍କାର ଲାଭ କରିଛି । ଗ୍ରୁପ-ବିରେ ସିପିପି-୧ ବିଭାଗ ପ୍ରଥମ ପୁରସ୍କାର ଅର୍ଜନ କରିଥିବାବେଳେ ଏଲଡିବିପି ବିଭାଗ ଦ୍ୱିତୀୟ ସ୍ଥାନ ଲାଭ କରିଥିଲା । ସେହିଭଳି ଗ୍ରୁପ୍-ସିରେ ପାଇପ ପ୍ଲାଣ୍ଟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ନୂତନ ପ୍ଲେଟ ମିଲ ବିଭାଗ ଦ୍ୱିତୀୟ ସ୍ଥାନ ପ୍ରାପ୍ତ କରିଥିଲେ । ଗ୍ରୁପ-ଡିରେ ସ୍ପେଶାଲ ପ୍ଲେଟ ପ୍ଲାଣ୍ଟ ଓ ଟିଆରଏମ ବିଭାଗ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଲାଭ କରିଥିଲେ । ଗ୍ରୁପ-ଇରେ ଏଫ.ଏମ.ଏମ. ବିଭାଗ ଶ୍ରେଷ୍ଠ ବିବେଚିତ ହୋଇଥିବାବେଳେ ଅକ୍ସିଜେନ ପ୍ଲାଣ୍ଟ ଦ୍ୱିତୀୟ ପୁରସ୍କାର ଲାଭ କରିଥିଲା । ଗ୍ରୁପ-ଏଫରେ ସିଭିଲ ଇଞ୍ଜିନିୟରିଂ ସର୍ଭିସେସ ଶ୍ରେଷ୍ଠ ପୁରସ୍କାର ଲାଭ କରିଥିବାବେଳେ ସହର ଇଞ୍ଜିନିୟରିଂ ବିଭାଗ ଦ୍ୱିତୀୟ ପୁରସ୍କାର ଲାଭ କରିଥିଲେ । ସେହିଭଳି ଗ୍ରୁପ-ଜିରେ ପ୍ରକଳ୍ପ ବିଭାଗ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଏଚ.ଆର.ଡି ସେଣ୍ଟର ବିଭାଗ ଦ୍ୱିତୀୟ ସ୍ଥାନ ପ୍ରାପ୍ତ କରିଥିଲା । ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗର ଇଡି ଶ୍ରୀ ପି କେ ପ୍ରଧାନ, କାର୍ଯ୍ୟବିଭାଗର ଇଡି ଶ୍ରୀ ଶୁଭେନ୍ଦ୍ର ଦାସ, ଏମଏମ ବିଭାଗର ଇଡି ଶ୍ରୀ ପରମାନନ୍ଦ ସାହୁ, ପ୍ରକଳ୍ପ ବିଭାଗର ଇଡି ଶ୍ରୀ ରାଜୀବ ଅଗ୍ରୱାଲ, ବହୁ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ସପତ୍ନୀକ ପୁରସ୍କାର ବିଜେତାଗଣ, କୃତି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଶ୍ରୀ ସିଦ୍ଧି ଏକାଡେମୀ ଅଫ ଆର୍ଟ ଦ୍ୱାରା ଏକ ଆବାହନୀ ସଙ୍ଗୀତ ପରିବେଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସହର ପ୍ରଶାସନ ବିଭାଗର ଜିଏମ ଶ୍ରୀ ଏନ କେ ସାମନ୍ତରାୟ ଧନ୍ୟବାଦ ଜ୍ଞାପନ କରିଥିଲେ । ସୁଶ୍ରୀ ଅଙ୍କିତା ବିଲୁଙ୍ଗ ଏବଂ ଶ୍ରୀ ଶଶାଙ୍କ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବଡ଼ଖମଣ ୟୁଜି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ଉଦଳା, ୧/୨ (ଶ୍ରୁମି) : ଉଦଳା ବ୍ଲକ ଅନ୍ତର୍ଗତ ବଡ଼ଖମଣ ପଞ୍ଚାୟତରେ ଥିବା ୟୁଜି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ମୁଖ୍ୟ ବକ୍ତା ଭାବରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ସମ୍ମାନିତ ବକ୍ତା ଭାବରେ ସମାଜସେବୀ ପ୍ରମିଳା ପଣ୍ଡା ଯୋଗ ଦେଇ ଶିକ୍ଷା ବ୍ୟବସ୍ଥାରେ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି, ପିଲାମାନଙ୍କ ପ୍ରତିଭାକୁ ଆଗକୁ ଆଣିବାକୁ ହେଲେ ପିତା, ମାତା, ଗୁରୁ ପିଲାଙ୍କ ଉପରେ ଚାପ ନ ପକାଇ ପିଲାଙ୍କ ଆଗ୍ରହକୁ ନେଇ ଶିକ୍ଷାର ଦିଗ ନିର୍ଣ୍ଣୟ କରିବା ଆବଶ୍ୟକ, ପିଲାଙ୍କ ଭିତରେ ବଡ଼ ନୁହେଁ ଭଲ ମଣିଷ ହେବା ପ୍ରତି ଆଗ୍ରହ ସୃଷ୍ଟି କରାଯାଇ ପାରିଲେ ସମାଜର ପରିବର୍ତ୍ତନ ଆସିବ ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ହରିମୋହନ ବେହେରା, ବ୍ଲକ ଅଧ୍ୟକ୍ଷା କାର୍ମି ମୁର୍ମୁ, ସରପଞ୍ଚ ଆରତୀମଣି ବିଶ୍ୱାଳ, ୱାର୍ଡ଼ ମେମ୍ବର ଟୁନିମଣି ପାତ୍ର, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁଦର୍ଶନ ନାୟକ ଉପସ୍ଥିତ ରହି ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

# ଟାଟା ଷ୍ଟିଲ ତରଫରୁ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜିତ

TATA STEEL
ବିଶାଳ ସ୍ୱାସ୍ଥ୍ୟ ଶିବିର

ଯୋଡ଼ା, ଫେବୃଆରୀ ୦୧, ୨୦୧୮: ଟାଟା ଷ୍ଟିଲ ତରଫରୁ ଯୋଡା ବ୍ଲକର ବିରକଳା ୟୁଜି ଏମ ଇ ବିଦ୍ୟାଳୟଠାରେ ଏକ ନିଃଶୁଳ୍କ ବିଶାଳ ସ୍ୱାସ୍ଥ୍ୟ ଶିବିର ଜାନୁଆରୀ ୩୧, ୨୦୧୭ ତାରିଖରେ ଆୟୋଜିତ ହୋଇଥିଲା । ଟାଟା ଷ୍ଟିଲର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାର ମହତ ଉଦ୍ଦେଶ୍ୟ ରଖି ଏହି ଶିବିରଟି ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା (ଟିଏସଆରଡିଏସ) ଦ୍ୱାରା ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲର ଯୋଡା ମୁଖ୍ୟ ଶ୍ରୀ ଦେବାଶିଷ ଜେନା ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଟିଏସଆରଡିଏସ ଯୋଡା ମୁଖ୍ୟ ଶ୍ରୀ ତନ୍ମୟ କର ଓ ସହ କର୍ମଚାରୀମାନେ ଉପସ୍ଥିତ ଥିଲେ । ବିଶେଷଜ୍ଞ ଡାକ୍ତର ଭାବେ ଟାଟା ଷ୍ଟିଲ ଡାକ୍ତରଖାନାର ଡ. ଦେବାଶିସ ଶତପଥି, ଡ. ଅମିତ ଅମ୍ବୁଜ, ଡ.ସୁଦେଷ୍ଣା ଦାସଗୁପ୍ତା, ଟିଏସଆରଡିଏସର ଡ. ନରେଶ ମୁଣ୍ଡା, ଡ. ଅନମୋଲ ଟିଗା, ଡ. ଅଭିସେକ ସିଂ ଏବଂ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ.ନିଶା' ଦାସ ଉପସ୍ଥିତ ରହି ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଅବସରରେ ସମୁଦାୟ ୪୬୪ ଜଣ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିରକୁ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିବା ଅବସରରେ କରଣ ସାହିର ଜତନା ରାଣୀ ମାଝି କହିଥିଲେ ଯେ, ଏହି ଅଞ୍ଚଳରେ ଅର୍ଥ ଓ ସଚେତନତା ଅଭାବରୁ ରୋଗୀ ମାନେ ବହୁତ ସମୟରେ ଡାକ୍ତରଖାନା ଯାଇପାର୍ନି ନାହିଁ । ଟାଟା ଷ୍ଟିଲକୁ ଧନ୍ୟବାଦ ଯେ, ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା, ଯାହା ଦ୍ୱାରା ଆମକୁ ଘର ପାଖରେ ସେବା ମିଳିପାରିଲା । ଏହି ଭଳି ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଥିବାରୁ ବହୁ ରୋଗୀ ଉପକୃତ ହୋଇପାରୁଛନ୍ତି ।'

## ଘରୋଇ ଝଗଡାକୁ କେନ୍ଦ୍ର କରି ଫାଶି ଲଗାଇ ପ୍ରାଣ ହରାଇଲେ ସ୍ୱାମୀ

ବେତନଟୀ, ୧/୨ (ଶ୍ରୁ.ମି) : ବେତନଟୀ ଥାନା ଅଧୀନ ଶୁଖିଲାହାର ସାମିଲ ମହୁଲିଆ (ଇନ୍ଦିରା ନଗର)ର ଅଙ୍ଗନୱାଡି କର୍ମୀ କସ୍ତୁରୀ ପଣ୍ଡାଙ୍କର ସ୍ୱାମୀ ବିଜୟ କୁମାର ପଣ୍ଡାଙ୍କ ସହିତ ସାମାନ୍ୟ ଝଗଡା ହୋଇ ଥିଲା । ଏହି ଝଗଡାକୁ ନେଇ ବିଜୟ ନିଜ ଘରେ ଏକ ରଶିରେ ଫାଶି ଲଗାଇ ଆତ୍ମହତ୍ୟା କରି ଥିବାର ଜଣା ପଡିଛି । ଖବର ପାଇ ବେତନଟୀ ଥାନା ହାବିଲଦାର କେସି ମହାନ୍ତ, ପିସିଆର ରାମେଶ୍ୱର ହେମ୍ବ୍ରମ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରି ଥିଲେ । ପତ୍ନୀ କସ୍ତୁରୀ ପଣ୍ଡାଙ୍କ ଏତଲା କ୍ରମେ ବେତନଟୀ ଥାନା ଆଇଆଇସି ଗୋବିନ୍ଦଚନ୍ଦ୍ର ବେହେରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏସଆଇ ଋଷିକେଶ ପଣ୍ଡିମକବାଟଙ୍କୁ ତଦନ୍ତ ଭାର ପ୍ରଦାନ କରିଛନ୍ତି । ମୃତ ବିଜୟଙ୍କ ଶବ ବ୍ୟବଚ୍ଛେଦ କରିବା ପାଇଁ ପଠା ଯାଇଛି । ମୃତ ବିଜୟ ଓ କସ୍ତୁରୀଙ୍କର ଜଣେ ପୁତ୍ର ଓ ଜଣେ ବିବାହିତା କନ୍ୟା ସନ୍ତାନ ଥିବାର ଜଣା ପଡିଛି ।

# ଯୁଗଜ୍ୟୋତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା

କେନ୍ଦ୍ରାପଡା, ୧।୨ (ଶ୍ରୁ.ମି) : ଡେରାବିଶ ବ୍ଲକ ନହଙ୍ଗ ପଂଚାୟତ ଅନ୍ତର୍ଗତ ଯୁଗଜ୍ୟୋତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ନହଙ୍ଗ ସରପଂଚ ଉମାକାନ୍ତ ନାୟକ ମୁଖ୍ୟଅତିଥି, ପଂଚାୟତ ଷ୍ଟାଡିଂ କମିଟିର ଅଧ୍ୟକ୍ଷ ସମାଜସେବୀ ତ୍ରିଲୋଚନ ସାହୁ ସମ୍ମାନୀତ ଅତିଥି ଓ ବିଦ୍ୟାଳୟ ଶିକ୍ଷା କମିଟି ଅଧ୍ୟକ୍ଷ ବିଜୟ କୁମାର ଦାଶ ମୁଖ୍ୟବକ୍ତାଭାବେ ଯୋଗଦେଇ ପାଠପଢା ସହିତ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । କ୍ରୀଡା ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷୟିତ୍ରୀ ରଂଜିତା ଦାଶ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ମନସ୍ୱିନୀ ଦାଶ, ଜ୍ୟୋସ୍ନାମୟୀ ସାମଲ, ଅନଶୂୟା ପ୍ରଧାନ, ଅଙ୍ଗନୱାଡି କର୍ମି ଇତିଶ୍ରୀ ବେହୁରା, ସହାୟିକା ସୁପ୍ରୀୟା ସାହୁଙ୍କ ସମେତ ଶିକ୍ଷାକମିଟିର ସଭ୍ୟସଭ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଗହୀରମଥାରୁ ୨ ଟ୍ରଲର ଜବତ

## ୧୮ ମତ୍ସ୍ୟଜୀବୀ କୋର୍ଟଚାଲାଣ

ରାଜନଗର, ୧।୨ (ଶ୍ରୁ.ମି) ; ଗହିରମଥା ସାମୁଦ୍ରୀକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନବିଭାଗର ପାଟ୍ରୋଲିଂ ଦଳ ଅଗରନାଶି ନିକଟରୁ ଦୁଇଟି ଟ୍ରଲରକୁ ଜବତ କରିବା ସହ ୧୮ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ନିଜାମୀ ଓ ନବଜ୍ୟୋତି ନାମକ ଦୁଇଟି ଟ୍ରଲରରୁ ଗଙ୍ଗାଧର ମାଇତି, ଜଗନ୍ନାଥ ଜାନା, ଜହରଲାଲ ଦାସ, ରାଧାଶ୍ୟାମ ମାଇତି, ଖୋକନ ବେରା, ଲାଲୁ ସାମନ୍ତ, ରବିନ କୁମାର ମଣ୍ଡଳ, ତ୍ରିଲୋଚନ ବଡେଇ, ଭ ସେଠୀ, ବିଦ୍ୟାଧର ସେଠୀ, ସନାତନ ଦାସ, ମୁନା ସେଠୀ, ଶୁଶାନ୍ତ ସେଠୀ, ବସନ୍ତ ମଲ୍ଲିକ, ଖେମେଶ ମଲ୍ଲିକ, କାର୍ତ୍ତିକ ଦାର, ବିମଳକୁମାର ଜାନା, ଶୁଶାନ୍ତ ସେଠୀ । ତା ଛଡା ଏହି ଦୁଇଟି ଟ୍ରଲରରୁ ଦୁଇଟି ଭିଏଚଏଫ, ଦୁଇଟି ଜିପିଏସ, ଗୋଟିଏ ଫିସ ଫାଇଣ୍ଡର, ୧୫ଟି ଜାଲ ଜବତ କରିଥିଲେ । ଗିରଫ ମତ୍ସ୍ୟଜିବୀ ମାନେ ବାଲେଶ୍ୱର ଅଂଚଳର ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି ।

# ଗୁରୁକୁଳ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡା ପ୍ରତିଯୋଗିତା

ଢେଙ୍କାନାଳ, ୧।୨ (ଶ୍ରୁ.ମି) : ସହରର ଦକ୍ଷିଣକାଳୀ ରୋଡ୍ ସ୍ଥିତ ଗୁରୁକୁଳ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗତକାଲି ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଦସ୍ୟ ଗଗନ ବିହାରୀ ନନ୍ଦ ଉତ୍ସବକୁ ଉଦ୍‌ଘାଟନ କରି ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଶିକ୍ଷା ସହିତ କ୍ରୀଡାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନୁଷ୍ଠାନର ସଭାପତି ପରେଶଚନ୍ଦ୍ର ପଟ୍ଟନାୟକ ଏଥିରେ ଉପସ୍ଥିତ ଥିଲେ । ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରରଣ ଉତ୍ସବରେ ଶିଶୁ ସାହିତ୍ୟିକା, ସଂଯୋଜିକା ତଥା ନାଟ୍ୟ ରଚୟିତା ବିରାଲକ୍ଷ୍ମୀ ରଣା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଅଜିତ୍ କୁମାର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ତାଳଚେର ଥର୍ମାଲର ସେବାନିବୃତ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ତାଳଚେର, ୧/୨ (ଶ୍ରୁ.ମି): ଏନ୍.ଟି.ପି.ସି ତାଳଚେର ଥର୍ମାଲ ପ୍ରକଳ୍ପରୁ ଗତ ଜାନୁଆରୀ ମାସରେ ସେବାନିବୃତ୍ତ ହୋଇଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ସ୍କେକ୍ଟମ କ୍ଲବର ଅଡ଼ିଟୋରିୟମଠାରେ ବୁଧବାର ଦିନ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଅବସର ଗ୍ରହଣ କରିଥିବା କର୍ମଚାରୀ ଧନେଶ୍ୱର ଗଡ଼ନାୟକ, ରାଧାକୃଷ୍ଣ ବେହେରା, ତ୍ରିନାଥ ରଥ, ବିଜୟ କୁମାର ସ୍ୱାଇଁ, ଦୂର୍ଯ୍ୟୋଧନ ବିଶ୍ୱାଳ, ଗିରିଶ୍ୱର ଦାସ, ନିରଞ୍ଜନ ବେହେରା, ଶରତ କୁମାର ତ୍ରିପାଠୀ, ଗୌରାଙ୍ଗ ପରିଡ଼ା ଏବଂ ସାବିତ୍ରୀ ନନ୍ଦ ଆଦିଙ୍କୁ ସମ୍ବର୍ଦ୍ଧନା ଏବଂ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ତାଳଚେର ଥର୍ମାଲର ମହାପ୍ରବନ୍ଧକ ମିଥିଲେଶ କୁମାର ସିଂ ଏଥିରେ ଯୋଗ ଦେଇ ସେବାନିବୃତ୍ତ କର୍ମଚାରୀଙ୍କର କର୍ମମୟ ଜୀବନର ଭୂୟସୀ ପ୍ରଶଂସା କରିବାସହ ସେମାନଙ୍କର ଅବସରମୟ ଜୀବନ ସୁଖ ଓ ସମୃଦ୍ଧି ଭରା ହେଉ ବୋଲି ଶୁଭକାମନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରକଳ୍ପର ଏଜିଏମ୍ (ଅପରେସନ) କେ.ଦାସ, ଏ ଜିଏମ୍ (ପିପି) ଏ.ଆର.ଦାସ ଏବଂ ବିଭିନ୍ନ ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ନଳିନୀ ମହାନ୍ତି ସ୍ମୃତି ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା

# ସ୍କାନକୁ ହରାଇ କ୍ଷେତ୍ରପାଳ ଫାଇନାଲରେ

ରାଜନଗର, ୧।୨ (ଶ୍ରୁ.ମି) ; ରାଜନଗର ବ୍ଲକ ବନ୍ଧପଡା ପଚାଂୟତ ଦାଣ୍ଡିଠାରେ ବାବା ବୈଷ୍ଣବ ଗୋସ୍ୱାମୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ନଳିନୀ ମହାନ୍ତି ସ୍ମୃତି ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗୀତାର ପ୍ରଥମ ସେମିଫାଇନାଲ ଖେଳରେ ସ୍କାନ କ୍ରିକେଟ କ୍ଲବ ଭୁବନେଶ୍ୱରକୁ ୧୦୨ରନରେ ହରାଇ କ୍ଷେତ୍ରପାଳ କ୍ରିକେଟ କ୍ଲବ ଭୁବନେଶ୍ୱର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ସ୍କାନ ଦଳ ଟସ ଜିତି କ୍ଷେତ୍ରପାଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । କ୍ଷେତ୍ରପାଳ ୨୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୧୭ରନ କରିଥିଲା । ଦଳର ସତ୍ୟରଂଜନ ସାମଲ ୬୩ବଲରୁ ୮ଟି ଛକା ଓ ୪ଟି ଚୌକା ସହାୟତାରେ ୭୮ରନ ଏବଂ ଶେଖର ଦାସ ୨୨ବଲରୁ ୪ଟି ଚୌକା ୨ଟି ଛକା ସହାୟତାରେ ୩୬ରନ ସଂଗ୍ରହ କରିଥିଲେ । ସ୍କାନ ବୋଲର ନଦିନ ଖାଁନ ୩ ଓଭରରେ ୨୦ରନ ଦେଇ ୨ଟି ଉଇକେଟ ଓ ଏସକେ ସଲମନ ୫ ଓଭରରେ ୪୦ ରନ ଦେଇ ୨ୱିକେଟ ହାସଲ କରିଥିଲେ । ଜବାବରେ ସ୍କାନ ଦଳ ୧୭ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ରନ କରି ପ୍ରତିଯୋଗୀତାରୁ ବାଦ ପଡିଛି । ଏହି ଦଳର ଏସକେ ସଲମନ ୨୦ବଲରେ ଗୋଟିଏ ଚୌକା ଓ ୫ଟି ଛକା ସହାୟତାରେ ୪୦ରନ ଏବଂ ଅଶୋକ ସେଠୀ ୨୯ବଲରେ ୪ଟି ଚୌକା ସହାୟତାରେ ୨୨ରନ ସଂଗ୍ରହ କରିଥିଲେ । କ୍ଷେତ୍ରପାଳର ବୋଲର ଶୁଭକାନ୍ତ ପ୍ରଧାନ ୩ଓଭର ବୋଲିଂକରି ୨୦ରନ ଦେଇ ୨ଟି ଉଇକେଟ ଓ ଦେବାଶିଷ ୪ଓଭରରେ ୧୮ରନ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଆଜିର ମ୍ୟାଚରେ କ୍ଷେତ୍ରପାଳର ସତ୍ୟରଂଜନ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଅତିଥି ଭାବେ ଯୋଗଦେଇଥିବା ତଟବନ୍ଧ ବିଭାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଉମେଶଚନ୍ଦ୍ର ସ୍ୱାଇଁ, ଯୁବନେତା ସମୀର ପ୍ରଧାନ ଓ ନଳିନୀବାବୁଙ୍କ ବଡଭାଇ ରମାନାଥ ମହାନ୍ତି ପ୍ରଦାନ କରିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ବଂଶୀଧର ସ୍ୱାଇଁ, ନିରଂଜନ ଦାସ ଓ ଅଂଜନ ବେହେରା ଖେଳ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ସୁଧିର ବେହୁରା, ଅଶ୍ୱିନୀ ତ୍ରିପାଠୀ ଓ ନିହାର ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ । ସ୍କୋରର ଭାବେ ପବିତ୍ର ପାତ୍ର, ତୃଷାର ଜେନା ଓ ପ୍ରଦ୍ୟୁମ୍ନ ଜେନା ଥିଲେ ।

# ବନବାସୀ ପିଲାଙ୍କୁ ପୁରସ୍କାର ବିତରଣ

ଉଦଳା, ୧/୦୨ (ଶ୍ରୁମି) : ସମଗ୍ର ଭାରତବର୍ଷରେ ଚାଲିଥିବା ଏକଲ ଅଭିଯାନ ତରଫରୁ ବନବାସୀ ପିଲାଙ୍କୁ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ିବା ଦିଗରେ ଉତ୍ସାହିତ କରିବା ପାଇଁ ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁରଠାରେ ଏକ ପୁସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବନବାସୀ ପିଲାଙ୍କ ମଧ୍ୟରେ ଗୀତ, ନାଚ, ଶ୍ଳୋକାବୃତ୍ତି, ଝୋଟି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏକଲ ଅଭିଯାନ ମାଧ୍ୟମରେ ଭାରତମାତା ସୁରକ୍ଷା ଏବଂ ସମୃଦ୍ଧି ପାଇଁ ସଚ୍ଚା ସୈନିକ ସୃଷ୍ଟି କରାଯାଇ ପାରିବ, ବନବାସୀ ମାନେ ହିଁ ଭାରତୀୟ ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଉଦ୍‌ଜିବିତ କରି ରଖିପାରିବେ, ଉପଯୁକ୍ତ ଶିକ୍ଷା ତାଙ୍କୁ ଉନ୍ନତତର ସୋପାନରେ ପହଞ୍ଚାଇ ପାରିବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବରେ ଉଦଳା ସଞ୍ଚର ପ୍ରାଥମିକ ଶିକ୍ଷା ପ୍ରମୁଖ ଦୁଲ୍ଲି ମାର୍ଣ୍ଡି ଏବଂ ସଞ୍ଚ ଗତିବିଧି ପ୍ରମୁଖ ସୁଶିଲ କୁମାର ମହାନ୍ତ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଆଚାର୍ଯ୍ୟା ମାଳତୀଲତା ହେମ୍ବ୍ରମ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ସରସ୍ୱତୀ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-752101, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
**Editor-Sarbeswar Mishra**
ସମ୍ପାଦକ:ସର୍ବେଶ୍ୱର ମିଶ୍ର